


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୨୫ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 JULY 2022
Vol.No. 35 ■ No. 193 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## କୋବିନ୍ଦଙ୍କ ଆବେଗପୂର୍ଣ୍ଣ ବିଦାୟୀ ଭାଷଣ



ନୂଆଦିଲ୍ଲୀ, ୨୪/୦୭ : ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ରବିବାର ପୂରୁଥିବା ବେଳେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ବାସଭବନରେ ତାଙ୍କ ପାଇଁ ଏକ ବିଦାୟକାଳୀନ ମଧ୍ୟାହ୍ନ ଭୋଜନର ଅୟୋଜନ କରିଥିଲେ। ତା'ର ଦିନକ ପରେ ଶନିବାର ରାଷ୍ଟ୍ରପତି କୋବିନ୍ଦ ପାର୍ଲାମେଣ୍ଟରେ ତାଙ୍କର ବିଦାୟକାଳୀନ ଭାଷଣ ଦେବା ଅବସରରେ ଖୁବ୍ ଭାବପ୍ରବଣ ହୋଇପଡ଼ିଥିଲେ। ରାଷ୍ଟ୍ରପତି ତାଙ୍କ ଭାଷଣରେ କହିଲେ ଯେ ପାଞ୍ଚବର୍ଷ ତଳେ ସେ ସେଣ୍ଟ୍ରାଲ ହଲ୍‌ରେ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ। ସମସ୍ତ ସାଂସଦଙ୍କ ପାଇଁ ତାଙ୍କ ଅନ୍ତରରେ ସ୍ୱତନ୍ତ୍ର ସ୍ଥାନ ରହିଛି। ରାଷ୍ଟ୍ରପତି କହିଲେ, ଭାରତକୁ ଏକ ବଡ଼ ପରିବାର ଭାବେ ଯେତେବେଳେ ଆମେ ଦେଖୁ, ଆମେ ହୃଦୟଙ୍ଗମ କରୁ ଯେ ବିବାଦର ସମାଧାନ ପାଇଁ ଅନେକ ବାଟ ଅଛି। ସଦ୍‌ଭାବ ପ୍ରତିଷ୍ଠା ପାଇଁ ମହାତ୍ମା ଗାନ୍ଧୀ ଶାନ୍ତି ଓ ଅହିଂସାର ମାର୍ଗ ଆପଣାଇଥିଲେ, ଆମେ ବି ସେହି ପଥରେ ଯିବା ଉଚିତ। ସଂସଦରେ ବିତର୍କରେ ଭାଗ ନେବା ଓ ଭିନ୍ନମତ ବ୍ୟକ୍ତ କରିବାର ଅଧିକାର ଦାବି କଲାବେଳେ ସାଂସଦମାନେ ଗାନ୍ଧୀ ଦର୍ଶନର ଅନୁସରଣ କରିବା ଆବଶ୍ୟକ। ଏଥି ସହ କୋବିନ୍ଦ କହିଥିଲେ ଯେ, ତାଙ୍କୁ ରାଷ୍ଟ୍ରପତି ଭାବେ ଦେଶ ସେବା କରିବାର ଅଧିକାର ଦେଇଥିବାରୁ ସେ ଦେଶବାସୀଙ୍କ ନିକଟରେ ଚିରକୃତଜ୍ଞ। ସଂସଦକୁ ଗଣତନ୍ତ୍ରର ମନ୍ଦିର ଭାବେ ଅଭିହିତ କରି କୋବିନ୍ଦ କହିଲେ ଯେ, ପ୍ରତ୍ୟେକ ପରିବାର ଭଳି ସଂସଦରେ ଭିନ୍ନମତ ଦେଖିବାକୁ ମିଳେ। କିନ୍ତୁ ଆମେ ସମସ୍ତେ ହେଉଛୁ ଏହି 'ସଂସଦ ପରିବାର'ର ସଦସ୍ୟ, ଆମ ସମସ୍ତଙ୍କର କର୍ତ୍ତବ୍ୟ ବିରାଟ ଯେ ?ଥ ପରିବାର ଭଳି ଏହି ଦେଶର ସ୍ୱାର୍ଥରକ୍ଷା ପାଇଁ କାମ କରିବାକୁ ସର୍ବପ୍ରାଥମିକତା ଦେବା। ତାଙ୍କ କାର୍ଯ୍ୟକାଳ ସମୟରେ ସହଯୋଗ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମନ୍ତ୍ରିପରିଷଦ, ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଓ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଝିଅ ବିରୋଧରେ ମିଥ୍ୟା ଆରୋପ ଲଗାଇଥିବାରୁ ଖେଡା ଓ ଜୟରାମଙ୍କୁ ସ୍ମୃତିଙ୍କ ଆଇନଗତ ନୋଟିସ



ନୂଆଦିଲ୍ଲୀ, ୨୪/୦୭ : ଗତକାଲି ସାମ୍ବାଦିକ ସମ୍ମିଳନୀ କରି କଂଗ୍ରେସ ନେତା ପବନ ଖେଡା ସ୍ମୃତି ଇରାନୀଙ୍କ ଝିଅଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ସେ କହିଥିଲେ ଯେ, ଗୋଆରେ ଥିବା ରେଷ୍ଟୋରାଁଟି ସ୍ମୃତି ଇରାନୀଙ୍କର ୧୮ବର୍ଷର ଝିଅଙ୍କ ନାମରେ ଚାଲିଛି। ଏହା ପରେ କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ ଯେ, ତୁରନ୍ତ ସ୍ମୃତି ଇରାନୀ ଇସ୍ତଫା ଦିଅନ୍ତୁ। ଆରଟିଆଇରୁ ସୂଚନା ପାଇବା ପରେ ଇରାନୀଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛୁ। ସେ ଗୋଆରେ ଏକ ରେଷ୍ଟୁରାଣ୍ଟ ଚଳାଉଛନ୍ତି ଏବଂ ୧୩ମାସ ପୂର୍ବେ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କ ନାମରେ ରେଷ୍ଟୁରାଣ୍ଟର ନକଲି ଲାଇସେନ୍ସ ହାସଲ କରିଛନ୍ତି। ତାଙ୍କର ଏଭଳି ଅଭିଯୋଗ କରିବା ଏବଂ ରାଜନୀତିଠାରୁ ଦୂରରେ ଥିବା ଝିଅ ବିଷୟରେ ସାମ୍ବାଦିକ ସମ୍ମିଳନୀରେ କହିଥିବାରୁ ଏବେ ଖେଡା ଓ ଜୟରାମଙ୍କୁ ଆଇନଗତ ନୋଟିସ ପଠାଇଛନ୍ତି ସ୍ମୃତି ଇରାନୀ। ଉଲ୍ଲେଖଯୋଗ୍ୟ, ଏହି ପୂରା ଘଟଣା ସେତେବେଳେ ?ଲେ ସାମ୍ନାକୁ ଆସିଲା ଯେତେବେଳେ ଗୋଆର ଏକ୍ସାଇଜ୍ କମିଶନର ନିୟମ ଏବଂ ପ୍ରକ୍ରିୟାକୁ ଅବମାନନା କରି ମଦ ଲାଇସେନ୍ସ ନେଇ 'ସିଲି ସୋଲ୍ସ କାଫେ ଏବଂ ବାର୍‌କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହି ମାମଲାରେ ଦାଖଲ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ ଏହି ବାରରେ ରେଷ୍ଟୁରାଣ୍ଟ ଲାଇସେନ୍ସ ନଥିଲେ ମଧ ବାରକୁ ମଦ ଲାଇସେନ୍ସ ପ୍ରଦାନ କରାଯାଇଛି। ଏହା ସହ ମେ' ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମରେ ଜୁନ୍ ମାସରେ ମଦ ଲାଇସେନ୍ସ ନବୀକରଣ କରାଯାଇଛି। ▶▶ପୃଷ୍ଠା ୭

## ଆଜି ଶପଥ ଗ୍ରହଣ କରିବେ ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ, ୨୪/୦୭ : ଆସନ୍ତାକାଲି (ସୋମବାର) ନବ ନିର୍ବାଚିତ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶପଥ ଗ୍ରହଣ କରିବେ। ଦେଶର ୧୫ ତମ ରାଷ୍ଟ୍ରପତି ଭାବେ ନୂଆଦିଲ୍ଲୀସ୍ଥିତ ସଂସଦ ଭବନର କେନ୍ଦ୍ରୀୟ କକ୍ଷରେ ଅନୁଷ୍ଠିତ ସମାରୋହରେ ପୂର୍ବାହ୍ନ ୧୦ଟା ୧୫ ମିନିଟ୍ ରେ ଶ୍ରୀମତୀ ମୁର୍ମୁ କାର୍ଯ୍ୟଭାର ଗ୍ରହଣ କରିବେ । ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜ୍ୟସଭା ଅଧକ୍ଷ ତଥା ଉପରାଷ୍ଟ୍ରପତି ଏମ୍. ଭେଙ୍କିୟା ନାଇଡୁ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ଭାରତର ପ୍ରଧାନ ବିଚାରପତି ଏନ ଭି ରମନ୍ନା, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ମନ୍ତ୍ରିମଣ୍ଡଳ ସଦସ୍ୟ ବୃନ୍ଦ, ରାଜ୍ୟପାଳଗଣ, ମୁଖ୍ୟମନ୍ତ୍ରୀଗଣ, କୂଟନୀତିଜ୍ଞ ମିଶନ ମୁଖ୍ୟ, ସଂସଦ ସଦସ୍ୟଗଣ ଓ ଭାରତ ସରକାରଙ୍କ ପ୍ରମୁଖ ବେସାମରିକ ଓ ସାମରିକ ଅଧିକାରୀଗଣ ଯୋଗ ଦେବେ। ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ନବ ନିର୍ବାଚିତ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏକ ବର୍ଣ୍ଣାଢ୍ୟ ସମାରୋହରେ କେନ୍ଦ୍ରୀୟ କକ୍ଷରେ ପହଂଚିବେ । ନବ ନିର୍ବାଚିତ ରାଷ୍ଟ୍ରପତି ଭାରତର ପ୍ରଧାନ ବିଚାରପତିଙ୍କ ଉପସ୍ଥିତିରେ ପଦ ଓ ▶▶ପୃଷ୍ଠା ୭

## ନିରଜ ଚୋପଡ଼ାଙ୍କ ଉପଲବ୍ଧିରେ ଦେଶରେ ଉତ୍ସବ : ପ୍ରଧାନମନ୍ତ୍ରୀ ଦେଲେ ବଧାଇ



ନୂଆଦିଲ୍ଲୀ, ୨୪/୦୭ : ବିଶ୍ୱ ଆଥଲେଟିକ୍ସ ଚମ୍ପିୟାନସିପ୍‌ରେ ରଜତ ପଦକ ଜିତିଥିବା ପ୍ରଥମ ଭାରତୀୟ ହେଲେ ଅଲମ୍ପିକ ଚାମ୍ପିୟନ ନିରଜ ଚୋପଡ଼ାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମେତ ପୁରା ଦେଶ ବଧାଇ ଦେଇଛନ୍ତି। ଚୋପଡ଼ା ଆମେରିକାର ୟୁଜିନରେ ଚାମ୍ପିୟାନସିପ୍‌ର ଭାଲାଫେଂକ ସ୍ୱର୍ଦ୍ଧାର ଫାଇନାଲରେ ୮୮.୧୩ ମିଟରର ଥ୍ରୋ ସହିତ ରଜତ ପଦକ ଜିତିଛନ୍ତି। ଏହାପୂର୍ବରୁ ଭାରତ ପାଇଁ ବିଶ୍ୱ ଚାମ୍ପିୟାନସିପ୍‌ରେ ଏକମାତ୍ର ପଦକ ୨୦୦୩ରେ ପ୍ୟାରିସ୍‌ରେ ଅଂଜୁ ବବି ଜର୍ଜ୍ ଲଙ୍ଗଜମ୍ପରେ ତମ୍ୱା ଜିତିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଟ୍ୱିଟ୍ କରିଥିଲେ- ଆମେ ସମସ୍ତଙ୍କ ଠାରୁ ପ୍ରତିଭାବାନ ଖେଳାଳୀମାନଙ୍କ ମଧ୍ୟରେ ଏକ ନିରଜ ଚୋପଡ଼ାଙ୍କ ମହାନ୍ ଉପଲବ୍ଧ। ବିଶ୍ୱ ଚାମ୍ପିୟାନସିପ୍‌ରେ ରଜତ ପଦକ ଜିତିବା ଉପରେ ନୀରଜ ଚୋପଡ଼ାଙ୍କୁ ଅଭିନନ୍ଦନ କରିଛନ୍ତି।

## ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ମୟୂରଭଂଜର ୬ ବିଧାୟକ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୪/୦୭ (ନି.ପ୍ର): ରାଷ୍ଟ୍ରପତି ଶପଥ ସମାରୋହର ଦିନକ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ବିଧାୟକମାନେ ରବିବାର ନୂଆଦିଲ୍ଲୀ ଠାରେ ନବନିର୍ବାଚିତ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ରାଷ୍ଟ୍ରପତି ନିର୍ବାଚନରେ ଐତିହାସିକ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଉଦଳା ବିଧାୟକ ତଥା ବିଜେପି ରାଜ୍ୟ ଉପସଭାପତି ଭାସ୍କର ମଢ଼େଇ, ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହୀ ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡ଼. ବୁଢ଼ାନ୍ ମୁର୍ମୁ, ଯଶିପୁର ବିଧାୟକ ଗଣେଶ ରାମସିଂହ ଖୁଂଟିଆ ପ୍ରମୁଖ ଶ୍ରୀମତୀ ମୁର୍ମୁଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି ।

## ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ମୃତ

ଭଦ୍ରକ, ୨୪/୦୭ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ୧୬ ନଂ ଜାତୀୟ ରାଜପଥ ବିଷ୍ଣୁପୁର ଛକ ନିକଟରେ ଆଜି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ୨ ଜଣ ଆହତ ହୋଇଥିବା ଜଣାଯାଇଛି। ଦିନ ପ୍ରାୟ ୧.୩୦ ସମୟରେ ପୁରୀ ଅଭିମୁଖି ଡବ୍ଲୁ ବି.୦୨. ଏ.ଏନ ୭୯୪୫ ନଂ ଦ୍ରୁତଗାମୀ କାର ସମାନ ଦିଗରେ ଯାଇଥିବା ଏକ ଅଜଣା ଡମ୍ପରକୁ ପଛରୁ ଧକ୍କା ଦେଇଥିଲା। ଫଳରେ କାର ସମ୍ମୁଖ ଭାଗ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ କାର ଆରୋହୀଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ ପଶ୍ଚିମବଙ୍ଗ ମାଣିକତାଲା ଅଂଚଳର ଶୁଭଜିତ ବିଶ୍ୱାସ (୫୮) ଓ ଅରୁଣ ମୁଖାର୍ଜୀ (୫୬)ଥାନା ଅନ୍ତର୍ଗତ। କାର ଚାଳକ ସଞ୍ଜିବ ଶାହା ଓ ଅନ୍ୟଜଣେ ସହଯାତ୍ରୀ ଅର୍ଜିତ ଦଲ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଦୁର୍ଘଟଣା ଯୋଗୁଁ ରାଜପଥରେ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।

## ବାବୁ-ପ୍ରକୃତି ବିବାଦ : ଅପରାଜିତା କହିଲେ 'ଫେରିଆ ମୋ ସୁନାପୁଅ'



ନୂଆଦିଲ୍ଲୀ, ୨୪/୦୭ : ରାସ୍ତା ଉପରେ ବାବୁସାନ ଓ ପ୍ରକୃତିଙ୍କ ସହ ତୃପ୍ତି ଝଗଡା କରୁଥିବାର ଭିଡିଓ ସାମ୍ନାକୁ ଆସିବା ପରେ କ୍ୟାମେରା ଆଗକୁ ଆସିଛନ୍ତି ଅପରାଜିତା ମହାନ୍ତି । ଗତକାଲି ବୋହୂ ତୃପ୍ତି ଥାନାରେ ଅଭିଯୋଗ କଲାବେଳେ ସାଙ୍ଗରେ ଥିଲେ ଅପରାଜିତା । ଆଜି ପୁଣି ସେ କନକ ନ୍ୟୁଜ କ୍ୟାମେରାରେ ପୁଅ-ବୋହୂଙ୍କ ଭିତରେ ଥିବା ବିବାଦକୁ ବର୍ଣ୍ଣନା କରିଛନ୍ତି । ପୁଅକୁ ଗୋଟିଏ ହାତ ଓ ବୋହୂକୁ ଗୋଟିଏ ହାତ ବୋଲି କହିବା ସହ ପୁରା ବିବାଦ ପାଇଁ ପ୍ରକୃତି ମିଶ୍ରଙ୍କୁ ଦାୟୀ କରିଛନ୍ତି ଅପରାଜିତା । ପ୍ରକୃତିଙ୍କ ନାଁ ନନେଇ ତାଙ୍କରି ପାଇଁ ବାବୁସାନଙ୍କ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହୋଇଥିବା ସେ କହିଛନ୍ତି । ଚେନ୍ନାଇରେ ଥାଇ ବାବୁସାନ ଏକ ଭିଡିଓ କରି ପ୍ରକୃତିଙ୍କ ସହ ଆଉ ଫିଲ୍ମ କରିବେ ନାହିଁ ବୋଲି କହିଛନ୍ତି । ରାଜଧାନୀ ରାଜରାସ୍ତାରେ ହାଇଡ୍ରାମା ପରେ ଅଧରାତିରେ ଏହି ଭିଡିଓ ପୋଷ୍ଟ କରିଥିଲେ ବାବୁସାନ୍ । ପୁଅର ଏଭଳି ଭିଡିଓ ପରେ ସେ ପୁଣି ପରିବାର ପାଖକୁ ଫେରି ଆସିବ ବୋଲି ▶▶ପୃଷ୍ଠା ୭

## ରାଜଧାନୀ ଦିଲ୍ଲୀରୁ ଚତୁର୍ଥ ମଙ୍କିପକ୍ସ ସଂକ୍ରମିତ




ନୂଆଦିଲ୍ଲୀ, ୨୪/୦୭ : ଦେଶରେ ଚିନ୍ତା ବଢାଇଲା ମଙ୍କିପସ୍ ଭୂତାଣୁ । କେରଳ ପରେ ଏବେ ରାଜଧାନୀ ଦିଲ୍ଲୀରେ ଚିହ୍ନଟ ହୋଇଛି ମଙ୍କିପସର ଚତୁର୍ଥ ମାମଲା । ଆକ୍ରାନ୍ତ ବ୍ୟକ୍ତିଙ୍କର କୌଣସି ଟାଭ୍ରେଲ ହିଷ୍ଟ୍ରି ନାହିଁ । ଏହି ବ୍ୟକ୍ତିଙ୍କ ସମ୍ପର୍କରେ ଆସିଥିବା ଲୋକଙ୍କ ଯାଞ୍ଚ ଚାଲିଛି । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସୂଚନା ଦେଇଛି । ପିଟିଆଇ ରିପୋର୍ଟ ମୁତାବିକ ଆକ୍ରାନ୍ତ ବ୍ୟକ୍ତିଙ୍କ ବୟସ ୩୧ ବର୍ଷ । ସେ ହିମାଚଳ ପ୍ରଦେଶ ମନାଲିରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ । ସେଠାରୁ ଫେରିବା ପରେ ତାଙ୍କୁ ଜ୍ୱର ହେବାରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ନମୂନା ପଜିଟିଭ୍ ଆସିଛି । ପୂର୍ବରୁ କେରଳରେ ମଙ୍କିପସର ୩ ମାମଲା ଚିହ୍ନଟ ହୋଇଛନ୍ତି। ସେପଟେ ସାରା ବିଶ୍ୱରେ ମଙ୍କିପକ୍ସ ସଂକ୍ରମଣକୁ ନେଇ ସତର୍କ କରାଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଗତକାଲି ଡବ୍ଲ୍ୟୁଏଚଓ ପକ୍ଷରୁ ମଙ୍କିପକ୍ସ ସଂକ୍ରମଣ ବୃଦ୍ଧିକୁ ଆଖିରେ ରଖି ଗ୍ଲୋବାଲ ହେଲଥ ଏମରଜେନସି ଅର୍ଥାତ୍ ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଥିଲା । ଗତ ମେ ମାସରେ କେନ୍ଦ୍ରୀୟ ଓ ପଶ୍ଚିମ ଆଫ୍ରିକାରେ ଚିହ୍ନଟ ହୋଇଥିବା ମଙ୍କିପକ୍ସ ଏବେ ବିଶ୍ୱର ୭୦ଟି ଦେଶକୁ ବ୍ୟାପି ଯାଇଛି ।

## ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ନବୀନ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୪/୦୭ (ନି.ପ୍ର): ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ନବନିର୍ବାଚିତ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ଦ୍ରୌପଦୀ ମୁର୍ମୁଙ୍କୁ ରବିବାର ସନ୍ଧ୍ୟାରେ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ସମସ୍ତ ବିଜେଡି ସାଂସଦ ମାନେ ମଧ୍ୟ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲା ପରେ ମୁଖ୍ୟମନ୍ତ୍ରୀ ନବୀନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଓ ଶୁଭକାମନା ଜଣାଇଲି। ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହୋଇଥିବାରୁ ମୁଁ ବହୁତ ଖୁସି ଅନୁଭବ କରୁଛି। ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ହେବା ନେଇ ବହୁତ ଆନନ୍ଦିତ । ଏଥି ସହିତ ସେ କହିଛନ୍ତି ଯେ, ଆସନ୍ତାକାଲି ହେବାକୁ ଥିବା ନବନିର୍ବାଚିତ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ରହିବି।

## ଚୁଡ଼ା, ମୁଢ଼ି ଓ ଲିଆ ପ୍ୟାକେଟ୍ ଉପରେ ଜିଏସଟି ଲାଗିବା ପରେ ବ୍ୟବସାୟ ପ୍ରଭାବିତ



ନୂଆଦିଲ୍ଲୀ, ୨୪/୦୭ : ଅସ୍ତରଙ୍ଗ ବଜାରର କେନ୍ଦ୍ରସ୍ଥଳରେ ଥିବା ଏହି ମୁଢ଼ି ତିଆରି ଶିଳ୍ପ । ଆନ୍ଧ୍ର ପ୍ରଦେଶରୁ ଆସି ଏଠାରେ ମୁଢ଼ି ତିଆରି ଶିଳ୍ପ ସ୍ଥାପନ କରିଛନ୍ତି ଭେଙ୍କଟେସ୍ ରେଡି । ମୁଢ଼ି ଚାଉଳରେ ଦରଦାମ୍ ବୃଦ୍ଧି ଓ ପ୍ୟାକେଟ୍ ମୁଢ଼ିରେ ଜିଏସଟି ଲାଗିବା ପରେ ଭେଙ୍କଟେସଙ୍କ ଏହି ମୁଢ଼ି ବ୍ୟବସାୟ ଉପରେ ପ୍ରଭାବ ପଡ଼ିଛି । ମୁଢ଼ି ପାଇଁ ବ୍ୟବହୃତ ଚାଉଳ ଦର କ୍ୱିଣ୍ଟାଲ ପିଛା ୩ ଶହ ଟଙ୍କା ବୃଦ୍ଧି ପାଇଛି । ଅଧିକା ଦାମ୍ ଦେଇ ମୁଢ଼ି କିଣି ଏହାକୁ ପ୍ୟାକିଂ କରି ବିକ୍ରି କଲେ ଜିଏସଟି ଲାଗୁଛି । ଛୋଟ ବ୍ୟବସାୟୀ ମାନେ ଅଧିକ ଦାମ ଦେଇ ମୁଢ଼ି କିଣିବାକୁ ରାଜି ହେଉନାହାନ୍ତି । ସେହିପାରି ଗ୍ରାହକଙ୍କ ଚାହିଦା ମଧ କମିଛି । ସେହିପରି କାକଟପୁର ଅଞ୍ଚଳରେ ଚୁଡା ଶିଳ୍ପ ଉପରେ ନିର୍ଭର କରି ଚଳୁଥିବା ଅଜୟ ସାହୁ ଓ ଦିବାକର ସାହୁଙ୍କର ସେହି ସମାନ ଅବସ୍ଥା ଦେଖିବାକୁ ମିଳିଛି । ଅଜୟ ସାହୁ ଏକ ଚୁଡା ତିଆରି ଶିଳ୍ପ ସ୍ଥାପନ କରି ବ୍ୟବସାୟ କରୁଥିଲେ । ପ୍ୟାକିଂ କରି ବିକ୍ରି କଲେ ଜିଏସଟି ଲାଗିବାରୁ ଗ୍ରାହକ ଚୁଡ଼ା କିଣିବାକୁ କୁଣ୍ଠାବୋଧ ହେଉଛନ୍ତି । ଚୁଡା ଏକ କିଲୋ ପ୍ୟାକେଟକୁ ଆଗରୁ ୪୦ ଟଙ୍କା ବିକ୍ରି କରୁଥିଲେ । ଜି.ଏସ୍.ଟି ଲାଗିବା ପରେ ଗ୍ରାହକ ଏହାକୁ ୪୫ରୁ ୫୦ ଟଙ୍କାରେ କିଣୁ ନାହାନ୍ତି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବ୍ୟବସାୟୀ । ବିଶେଷକରି ଚୁଡା, ମୁଢ଼ି ସହ ଲିଆ ଲୋକଙ୍କର ସକାଳ ଓ ସନ୍ଧ୍ୟାରେ ଜଳଖିଆର ଖାଦ୍ୟ । ଏହି ସବୁ ଖାଦ୍ୟ ଉପରେ ଜିଏସଟି ଲାଗିବା ଫଳରେ ଗ୍ରାହକ ମାନେ କିଣିଖାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ।

## ସୂର୍ଯ୍ୟ ଦେଓଙ୍କୁ ଭିଏସ୍‌ଏସ୍ ନଗରରେ ନାଗରିକ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୪/୦୭ (ନି.ପ୍ର): ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଥିବା ଚଳଚ୍ଚିତ୍ର ସମୀକ୍ଷକ ତଥା ଲେଖକ ସୂର୍ଯ୍ୟ ଦେଓଙ୍କ ପୁସ୍ତକ 'କାଲି ପାଇଁ କାଲିର ସିନେମା' ଜାତୀୟ ଚଳଚିତ୍ର ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଭି ଏସ୍ ଏସ୍ ନଗରରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଦୁର୍ଗାପୂଜା ସମିତିର ଉପ-ସଭାପତି ତଥା ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ୧୧ ନମ୍ବର ୱାଡର କରପୋରେଟର ପ୍ରଭାସିନୀ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଇଂ ସୁରେଶ କୁମାର କର, ଦୁର୍ଗା ପୂଜା ସମିତିର ଉପ-ସଭାପତି ନିମାଇଁ ଦାସ ଓ ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି ଶ୍ରୀ ଦେଓଙ୍କୁ ମାନପତ୍ର, ଗଛ ଓ ଉତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ ନଳିନୀ ମହାନ୍ତି, ଡ. କୁମୁଦ ମିଶ୍ର, ପ୍ରତାପ କୁମାର ନନ୍ଦ, ପ୍ରସନ୍ନ ରଥ, ସମ୍ବିତ ମହାପାତ୍ର, ଭ୍ରମରବର ପ୍ରଧାନ, ଇଂ. ଅମୂଲ୍ୟ କୁମାର ସାହୁ, ଧରଣୀଧର ରାଉତ, ଶଶିଭୂଷଣ ଦାସ, ଭ୍ରମରବର ସାହୁ, ସୁନିତା ସରକାର, ପ୍ରଭାତି ମହାନ୍ତି, ମନୋଜ କୁମାର ସାହୁ, ସଞ୍ଜୟ ସ୍ୱାଇଁ ଓ ରାମ ଚନ୍ଦ୍ର ସାମଲ ଆଦି ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଶେଷରେ ଉନ୍ନୟନ ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଙ୍ଗଲି ବାରହା ଆକ୍ରମଣରେ ଚାଷୀ ମୃତ

କନ୍ଧମାଳ,୨୪/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଜଙ୍ଗଲ ବିଭାଗ ରେଞ୍ଜ ଅନ୍ତର୍ଗତ ପକାରୀ ଜିରିଙ୍ଗପଡା ସାହିର ମନ କହଁର (୫୫ ) ବିଲରେ ଗତକାଲି ସକାଳୁ ଏକାକୀ ହଳ କରୁଥିବା ବେଳେ ଅତର୍କିତ ଭାବେ ଆକ୍ରମଣ କରିଥିଲା ଏକ ଜଙ୍ଗଲୀ ବାରହା। ଫଳରେ ମନ ଗୁରୁତର ଆହତ ହୋଇପଡିଥିଲେ ମନଙ୍କ ଚିତ୍କାର ଶୁଣି ଗାଁ ଲୋକେ ବାରହା କବଳରୁ ଉଦ୍ଧାର କରି ପ୍ରଥମେ ଫିରିଙ୍ଗିଆ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ ପରେ ଫୁଲବାଣୀ ସଦରମହକୁମା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତ୍ଵେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର ସମୟରେ ତାଙ୍କର ମୃତ୍ଯୁ ଘଟିଥିବା ଫିରିଙ୍ଗିଆ ରେଞ୍ଜ ଅଫିସର ବିଜୟ କୁମାର ମଲ୍ଲିକ କହିଛନ୍ତି। ଏନେଇ ଗୋଛାପଡା ଥାନାରେ ଏକ ମାମଲା ମଧ ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ବର୍ତମାନ ଚାଳିଶ ହଜାର ଟଙ୍କା କ୍ଷତିପୂରଣ ରାଶି ମୃତକଙ୍କ ପରିବାର ବର୍ଗଙ୍କୁ ପ୍ରଦାନ କରାଯିବ ବୋଲି ରେଞ୍ଜର ଶ୍ରୀ ମଲ୍ଲିକ କହିଛନ୍ତି। ତଦନ୍ତ ପରେ ବଳକା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ସରପଞ୍ଚଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦଯାପିତ

କେନ୍ଦୁଝର,୨୪/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ସଂପ୍ରସାରଣ ତାଲିମ କେନ୍ଦ୍ର ଠାରେ ଚଳିତ ଜୁଲାଇ ୧୮ ତାରିଖ ଠାରୁ ଆରମ୍ଭ ହୋଇଥିବା ନବ ନିର୍ବାଚିତ ସରପଚଂ ମାନଙ୍କର ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିରର ପ୍ରଥମ ପର୍ଯ୍ୟାୟ ଉଦଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ସଦର, ଯୋଡା, ସାହାରପଡା ଓ ହାଟଡିହି ବ୍ଲକର ୪୮ ଜଣ ନବ ନିର୍ବାଚିତ ସରପଚଂ ଉକ୍ତ ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ନବ ନିର୍ବାଚିତ ସରପଚଂମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦୁଝର ଜିଲ୍ଲାର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସରପଚଂମାନେ ଅଧିକ କ୍ରିୟାଶୀଳ ହେବା ସହ ସେବା ମନୋଭାବ ନେଇ କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେଇଥିଲେ। ପଂଚାୟତରାଜ ବ୍ୟବସ୍ଥାରେ ସରପଚଂ ପଦବୀ ଅତୀବ ଗୁରୁତ୍ୱପୁର୍ଣ୍ଣ ହୋଇଥିବାରୁ ସରପଚଂମାନଙ୍କୁ ଅଧିକ ଦକ୍ଷ ଓ ସଶକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏ ପ୍ରକାରର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି ବୋଲି କହିଥିଲେ। ଉଦବୋଧନ ଛଳରେ ଜିଲ୍ଲାପାଳ କହିଥିଲେ ଯେ, ଗ୍ରାମପଚଂାୟତର ସାମଗ୍ରିକ ବିକାଶ ପାଇଁ ସରପଚଂ ମାନଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ତରଫରୁ ପଂଚାୟତକୁ ପାଣ୍ଠି ଯୋଗାଇ ଦିଆଯାଇଛି । ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି । ବିଭିନ୍ନ ଯୋଜନା ସମ୍ପର୍କରେ ସରପଚଂମାନେ ବିଶଦ ଭାବେ ଜ୍ଞାନ ଆହରଣ କରିବା ସହ କିପରି ତାହା ତୃଣମୂଳ ସ୍ତରରେ ସଠିକ୍ ଭାବେ ରୂପାୟନ ହୋଇପାରିବ । ଏବଂ ଜନସାଧାରଣ କିପରି ଏହାର ସୁଫଳ ପାଇପାରିବେ ଏବଂ ଉନ୍ନୟନ କାର୍ଯ୍ୟକ୍ରମ କିପରି ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ସରପଚଂମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ୫-ଟି କାର୍ଯ୍ୟକ୍ରମରେ ରୂପାନ୍ତରିତ ବିଦ୍ୟାଳୟ ମାନଙ୍କର ରକ୍ଷଣବେକ୍ଷଣ ପାଇଁ ଧ୍ୟାନ ଦେବାକୁ କହିଥିଲେ । ଗ୍ରାମପଚଂାୟତ ମାନଙ୍କର ନିଜସ୍ୱ ପାଣ୍ଠିର ଉତ୍ସ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଗ୍ରାମପଚଂାୟତ ସ୍ତରରେ କୌଣସି କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ କୌଣସି ସମସ୍ୟା ସୃଷ୍ଟି ହେଲେ ଦୃଷ୍ଟିକୁ ଆଣିବାକୁ କହିଥିଲେ। ଏହି ଅବସରରେ ଜିଲ୍ଲାପାଳ ପରିକ୍ଷାର୍ଥୀ ସରପଚଂ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ବଟେଂ ଓ ସେରେଣ୍ଡା ସରପଚଂ ପ୍ରଶିକ୍ଷାର୍ଥୀ ମାନଙ୍କ ପକ୍ଷରୁ ବକ୍ତବ୍ୟ ପ୍ରଦାନ କରି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ସେମାନେ କିପରି ଜ୍ଞାନ ଆହରଣ କରିବା ସହିତ କିପରି ଏହା ଶିକ୍ଷଣୀୟ ହୋଇପାରିଛି ତାହା ଅବତାରଣା କରିଥିଲେ । ଗ୍ରାମପଚଂାୟତରେ ଦେଖାଦେଇଥିବା କେତେକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀମତୀ ଜୟଶ୍ରୀ ବେଉରା ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ଉଦଯାପନୀ ଉତ୍ସବର ତତ୍ତ୍ୱାବଧାନ କରିଥିଲେ। ଓରମାସର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ସେକ୍ସନ ଅଫିସର ପ୍ରଦୀପ୍ତ କୁମାର କର, ଓଡିଶା ଜୀବିକା ମିଶନର ଡି.ପି.ଏମ. ଶିସିର ଷଡଙ୍ଗୀ, ଫକଲଟି ଶ୍ରୀନିବାସ ସାହୁ, କନସଲଟାଂଟ ରଂଜିତ ଶତପଥି, ଏ.ପି.ଡି. (ଟ୍ରେନିଂ) ସୁମିତା ସାହୁ, ପ୍ରଶିକ୍ଷଣ ଶିବିର ଆୟୋଜନ ସହ ପରିଚାଳନାରେ ସହଯୋଗ କରିଥିଲେ । ଉଦଯାପନୀ ଦିବସରେ ଡେପୁଟି କଲେକ୍ଟର ଏମରଜେନ୍ସି ସୁରଞ୍ଜିକା ବେହେରା 'ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଗ୍ରାମପଚଂାୟତର ଭୂମିକା' ଏବଂ ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ କେନ୍ଦୁଝର , 'ଗ୍ରାମୀଣ ବିକାଶରେ ସାମାଜିକ ଗଣମାଧ୍ୟମର ଭୂମିକା 'ଶୀର୍ଷକ ଉପରେ ପ୍ରଶିକ୍ଷଣ ଦେଇଥିଲେ।

## ଚେକ୍ ବାଉନ୍ସ ମାମଲା : ଦମ୍ପତିଙ୍କୁ ଗିରଫ କଲା ପଞ୍ଜାବ ପୋଲିସ

ଗଞ୍ଜାମ,୨୪/୦୭ (ନି.ପ୍ର): ଚେକ୍ ବାଉନ୍ସ ମାମଲାରେ ଦମ୍ପତିଙ୍କୁ ଗିରଫ କଲା ପଞ୍ଜାବ ପୋଲିସ । ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମରୁ ପଞ୍ଜାବ ପୋଲିସ ଚେକ୍ ବାଉନ୍ସ ମାମଲାରେ ପତିପତ୍ନୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଏହି ଅଭିଯୁକ୍ତ ଦମ୍ପତି ହେଲେ ବିରଂଚି ନାରାୟଣ ନାହାକ ଓ ତାଙ୍କ ପତ୍ନୀ ରୀନା କୁମାରୀ ନାହାକ । ଉଭୟଙ୍କୁ ପଞ୍ଜାମ ପୋଲିସ ତାଙ୍କ ଘରୁ ଗିରଫ କରିବା ପରେ ଗତକାଲି ଆସିକା ଏସଜେଏମଏଫସିଙ୍କ କୋର୍ଟରେ ହାଜର କରାଇବା ପରେ ଆଜି ଟ୍ରାଞ୍ଜିଟ ରିମାଣ୍ଡରେ ପଞ୍ଜାବ ନେଇ ଯାଇଥିବା ସୂଚନା ମିଳିଛି । ପଞ୍ଜାବ ଫିରୋଜପୁର ଜିଲାର ତଲୱାଣ୍ଡି ଭାଇ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ବିରଂଚି ଓ ତାଙ୍କ ପତ୍ନୀ ରୀନା କୃଷି ଯନ୍ତ୍ରପାତି ଓ ଟ୍ରାକ୍ଟର ଡିଲରସିପ୍ ନେଇ ବ୍ୟବସାୟ କରୁଥିଲେ । ବ୍ୟବସାୟ ବାବଦରେ କମ୍ପାନୀ ନାମରେ ଦେଇଥିବା ଚେକ୍ ବାଉନ୍ସ ହୋଇଥିବା ବେଳେ ଏନେଇ ବାରମ୍ବାର ଅଭିଯୋଗ କରାଯାଇଥିଲା । ହେଲେ ଉଭୟ ଏହାକୁ ଏଡାଇ ଚାଲିଥିଲେ । ଏ ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ହୋଇଥିବା ମାମଲା ପ୍ରକାରେ ପଞ୍ଜାବ ପୋଲିସ ଆସିକା ପୋଲିସ ସହାୟତାରେ ଏହି ଦମ୍ପତିଙ୍କୁ ତାଙ୍କ ଗାଁ ଘରୁ ଗିରଫ କରିଥିବା ନେଇ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

## ଡାକ୍ତର, ନର୍ସଙ୍କ ବଦଳରେ ସିକ୍ୟୁରିଟି ଗାର୍ଡ କରୁଛନ୍ତି ରୋଗୀ ସେବା

କନ୍ଧମାଳ,୨୪/୦୭ (ନି.ପ୍ର): ସରକାର ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲାଗି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି ହେଲେ ଡାକ୍ତର, ନର୍ସ, ଆଟେନ୍ଡାଣ୍ଟଙ୍କ ଦେଖାମିଳୁନି । ଫଳରେ ସିକ୍ୟୁରିଟି ଗାର୍ଡ କରୁଛନ୍ତି ରୋଗୀସେବା। ଏଭଳି ସ୍ଥିତିରେ ରୋଗୀ କିଭଳି ସ୍ୱାସ୍ଥ୍ୟ ସେବା ପାଉଥିବେ ତାହା ସ୍ପଷ୍ଟ ଅନୁମେୟ। ଏଭଳି ଅଭାବନିୟ ଦୃଶ୍ୟ ଦେଖିବାକୁ ମିଳିଛି ଫୁଲବାଣୀ ସଦର ମହକୁମା ମୁଖ୍ୟ ଡାକ୍ତରଖାନାରେ। ସଦର ମହକୁମା ଡାକ୍ତରଖାନାରେ ଫୁଲବାଣୀର ନାରାୟଣୀ ରୋଡର ଦିବାକର ମହାନନ୍ଦିଆ ନାମକ ଜଣେ ବ୍ୟକ୍ତି ଗୁରୁତର ଅସୁସ୍ଥ ଅବସ୍ଥାରେ ଚିକିତ୍ସା ପାଇଁ ସଦର ମହକୁମା ଡାକ୍ତରଖାନାରେ ଭର୍ତି ହୋଇଥିଲେ । ତାଙ୍କୁ ମେଡ଼ିସିନ ବିଭାଗ ପୁରୁଷ ୱାର୍ଡର ୧୪୦ ନମ୍ବର ବେଡ଼ ରେ ଜଏନ ହେବା ପରେ ସାଲାଇନ ଲଗାଯାଇଥିଲା। ସାଲାଇନ ସରିଲା ହେଲେ ନର୍ସଙ୍କ ଦେଖା ମିଳିଲାନି, ସିକ୍ୟୁରିଟି ଗାର୍ଡ ଆସି ଶେଷରେ ରୋଗୀଙ୍କ ସାଲାଇନ ଖୋଲିଥିଲେ। ଯାହାକି ଚିତ୍ର ବୟାନ କରୁଛି। ଏନେଇ ଅଭିଯୋଗ କଲେ ଶୁଣିବାକୁ କିଏ ନାହିଁ । ନିକଟରେ ବାରୀକୁମ୍ପା ଡାକ୍ତରଖାନାରେ ରୋଗୀଙ୍କୁ ମେଡ଼ିସିନ ନଦେଇ ନିକଟସ୍ଥ ପରିତ୍ୟକ୍ତ କୂଅରେ ଫୋପାଡ଼ି ଦେଇଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ସଦର ମହକୁମା ଡାକ୍ତରଖାନାରେ ଯଦି ଏଭଳି ଅବସ୍ଥା ତେବେ ଗ୍ରାମାଂଚଳରେ କିଭଳି ସ୍ୱାସ୍ଥ୍ୟ ସେବା ପାଉଥିବେ ତାହା ଏଥିରୁ ଜଣାପଡୁଛି । ତେବେ କାହିଁକି, କିଭଳି ଓ କେଉଁ ପରିସ୍ଥିତିରେ ଜଣେ ଅନଭିଜ୍ଞ ସିକ୍ୟୁରିଟି ଗାର୍ଡ ରୋଗୀ ସେବା କରୁଥିଲେ ତାହା ତଦନ୍ତ କଲେ ଜଣାପଡିବ । ଏଥିପ୍ରତି ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇପଡିଛି।

## ଭାରତୀୟ ମଜଦୁର ସଂଘର ୬୮ ତମ ପ୍ରତିଷ୍ଠା ଦିବସ ଉତ୍ସବ

ଜୟପୁର,୨୪/୦୭ (ନି.ପ୍ର): ଭାରତୀୟ ମଜଦୁର ସଂଘର ୬୮ ତମ ପ୍ରତିଷ୍ଠା ଦିବସ ଉତ୍ସବ ଜୟପୁର ଉପଖଣ୍ଡୀୟ ସମିତି ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଛି । ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜୟପୁର ବ୍ଲକର କ୍ରିୟାଶୀଳ ସମସ୍ତ ଅନୁବନ୍ଧିତ ସଂଗଠନ ଆଶାକର୍ମୀ, ଅଙ୍ଗନବାଡୀ,ଏମ.ଇ.ପି.ଆର.ଏଲ, ସେବା ପେପର, ପୌର ସଂସ୍ଥା, ଓମଫେଡ, ପ୍ରଭାତ ଗୁଡାଖୁ, ସ୍ୱାବଲମ୍ବୀ କାରୀଗର ସଂଘର କର୍ମକର୍ତ୍ତା ଓ ସଭ୍ୟ ଯୋଗ ଦେଇଥିଲେ । ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ସୁଧାଂସୁ କୁମାର ପାଢୀ, ମୁଖ୍ୟ ଅତିଥି ଭାବେ ତାରା ପ୍ରସାଦ ପ୍ରଧାନଙ୍କ ସହ ଏନ.ଭି ସ୍ୱାମୀ,ଜହର ଚୌଧୁରୀ, ରାଧା କାନ୍ତ ରଥ, ପରମେଶ୍ୱର ଉପାଧ୍ୟୟ, ଭଗବାନ ଚୌଧୁରୀ, ଉମା ଚରଣ ପାଣିଗ୍ରାହୀ, ରବି ନାରାୟଣ ସେଠୀ, ହରି ହର ନାୟକ , ଅହଲ୍ୟା ବାଇ, ସ୍ୱର୍ଣ୍ଣ ଲତା ପାତ୍ର, ଗାଙ୍ଗୀ ପାଳ, ଭବାନୀ ପୁଜାରୀ, ସବିତା ପାଣିଗ୍ରାହୀ, ସ୍ୱପ୍ନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସଂଗଠନ ପକ୍ଷରୁ ଗ୍ରାମ ଓ ପୋଖରୀ ସଫେଇ

ବଲାଙ୍ଗିର,୨୪/୦୭ (ନି.ପ୍ର): ଆଗଲପୁର ବ୍ଲକ ନୁନିଆପାଲି ଗ୍ରାମ ପଂଚାୟତ ଅନ୍ତର୍ଗତ ପାଣ୍ଡେସରା ଗ୍ରାମର ମହିଳା ସଂଗଠନ ତରଫରୁ ଗାଁ ଦାଣ୍ଡ ଓ ବନ୍ଧରେ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଥିରେ ସଂଗଠନ ୮୦ ଜଣ ମହିଳା ସକ୍ରିୟ ଅଂଶଗ୍ରହଣ କରି ଗ୍ରାମର ଅଙ୍ଗନବାଡି କେନ୍ଦ୍ରଠାରୁ ଆରମ୍ଭ କରି ସମସ୍ତ ଗଳିକନ୍ଦି, ନଳକୂପ ତଥା ରାସ୍ତା ସଫା କରିବା ସହିତ ବିଶୋଧକ ପାଉଡର ପକାଇଥିଲେ । ଏଥି ସହିତ ପୋଖରୀ ଆଡ଼ି ଓ ଭିତରେ ପଡ଼ିଥିବା ମଇଳାକୁ ସମ୍ପୂର୍ଣ୍ଣ ମାତ୍ରାରେ ସଫେଇ କରିଥିଲେ । ସାମୁହିକ ଭାବେ ଏଭଳି କାର୍ଯ୍ୟକ୍ରମ କରିବା ଦ୍ୱାରା ମହିଳାମାନେ ସଚେତନ ହୋଇ ଆଗାମୀ ଦିନରେ ଅନ୍ୟାନ୍ୟ ସମସ୍ୟା ଗୁଡିକର ସମାଧାନ କରି ପାରିବେ ବୋଲି ଆତ୍ମ ପ୍ରତ୍ୟୟ ପାଇଛନ୍ତି । ଏହି ସଫେଇ କାର୍ଯ୍ୟକ୍ରମରେ ଗ୍ରାମର ଅଙ୍ଗନବାଡି କର୍ମୀ ଦଶମୀ ତାଣ୍ଡି, ଗୁପ୍ତେଶ୍ୱରୀ ପଧାନ, ନମିତା ପଧାନ, ଆଶା କର୍ମୀ ଭାନୁମତି ସାହୁ ଏବଂ ପଲ୍ଲୀ ଆଲୋକ ପାଠାଗାର ନଅଗାଁର ଗୋବିନ୍ଦ ଚନ୍ଦ୍ର ବିଶି, ପ୍ରହଲ୍ଲାଦ ପଧାନ, ପିଣ୍ଟୁ ପଧାନ ପ୍ରମୁଖ ସହଯୋଗ କରିଥିଲେ ଆଗଲପୁର ବ୍ଲକ ନୁନିଆପାଲି ଗ୍ରାମ ପଂଚାୟତ ଅନ୍ତର୍ଗତ ପାଣ୍ଡେସରା ଗ୍ରାମର ମହିଳା ସଂଗଠନ ତରଫରୁ ଗାଁ ଦାଣ୍ଡ ଓ ବନ୍ଧରେ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିରେ ସଂଗଠନ ୮୦ ଜଣ ମହିଳା ସକ୍ରିୟ ଅଂଶଗ୍ରହଣ କରି ଗ୍ରାମର ଅଙ୍ଗନବାଡି କେନ୍ଦ୍ରଠାରୁ ଆରମ୍ଭ କରି ସମସ୍ତ ଗଳିକନ୍ଦି, ନଳକୂପ ତଥା ରାସ୍ତା ସଫା କରିବା ସହିତ ବିଶୋଧକ ପାଉଡର ପକାଇଥିଲେ । ଏଥି ସହିତ ପୋଖରୀ ଆଡ଼ି ଓ ଭିତରେ ପଡ଼ିଥିବା ମଇଳାକୁ ସମ୍ପୂର୍ଣ୍ଣ ମାତ୍ରାରେ ସଫେଇ କରିଥିଲେ । ସାମୁହିକ ଭାବେ ଏଭଳି କାର୍ଯ୍ୟକ୍ରମ କରିବା ଦ୍ୱାରା ମହିଳାମାନେ ସଚେତନ ହୋଇ ଆଗାମୀ ଦିନରେ ଅନ୍ୟାନ୍ୟ ସମସ୍ୟା ଗୁଡିକର ସମାଧାନ କରି ପାରିବେ ବୋଲି ଆତ୍ମ ପ୍ରତ୍ୟୟ ପାଇଛନ୍ତି । ଏହି ସଫେଇ କାର୍ଯ୍ୟକ୍ରମରେ ଗ୍ରାମର ଅଙ୍ଗନବାଡି କର୍ମୀ ଦଶମୀ ତାଣ୍ଡି, ଗୁପ୍ତେଶ୍ୱରୀ ପଧାନ, ନମିତା ପଧାନ, ଆଶା କର୍ମୀ ଭାନୁମତି ସାହୁ ଏବଂ ପଲ୍ଲୀ ଆଲୋକ ପାଠାଗାର ନଅଗାଁର ଗୋବିନ୍ଦ ଚନ୍ଦ୍ର ବିଶି, ପ୍ରହଲ୍ଲାଦ ପଧାନ, ପିଣ୍ଟୁ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ବୃଦ୍ଧଙ୍କ ଉପରେ ମାଡ଼ିଗଲା ବସ୍ : ଚାଳକ ଫେରାର୍

ଯାଜପୁର/ଦଶରଥପୁର,୨୪/୦୭ (ନି.ପ୍ର): ଆଜି ସକାଳୁ ସକାଳୁ ବସ୍ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। କୟାଁଗୋଲାରୁ କଟକ ଯାଉଥିବା ଯାତ୍ରୀବାହୀ ପ୍ରଧାନ ବସ୍ ଦୁବକଣ ଠାରେ ବୃଦ୍ଧଙ୍କ ଉପରେ ମାଡ଼ି ଯାଇଥିଲା। ଏହାଫଳରେ ଘଟଣାସ୍ଥଳରେ ତାଙ୍କର ପ୍ରାଣହାନି ଘଟିଥିଲା। ଆଜି ସକାଳ ସାଢ଼େ ୭ଟା ପାଖାପାଖି ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି। ମୃତକ ହେଲେ ଦଶରଥପୁର ଖାନନଗର ପଞ୍ଚାୟତର ଦୟାନିଧି ମଲିକ (୫୫)। ଖବର ପାଇ ଘଟଣାସ୍ଥଳରେ ମଙ୍ଗଳପୁର ଥାନା ପୁଲିସ୍ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସକୁ ଜବତ କରିଛି। ତେବେ ଗାଡ଼ିଚାଳକ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ପୁଲିସ୍ ଘଟଣାର ତଦନ୍ତ କରୁଛି।

## ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ସହିତ ବୃକ୍ଷ ରୋପଣ

ବଲାଙ୍ଗିର ,୨୪/୦୭ (ନି.ପ୍ର): ବଲାଙ୍ଗୀରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ନବ ନିର୍ବାଚିତ ପଂଚଦଶତମ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି ଅବସରରେ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ପୁଷ୍ପମାଲ୍ୟ ଅର୍ପଣ ସାଙ୍ଗକୁ ବୃକ୍ଷରୋପଣ କରାଯାଇଥଲା । ବଲାଙ୍ଗୀରରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ନିର୍ମାଣ ସକାଶେ ରାଜ୍ୟ ସରକାରଙ୍କୁ ନିଦ୍ଦେଶ ଦେବା ପାଇଁ ଏକ ଅନୁରୋଧ ପତ୍ର ପ୍ରଦାନ ସାଙ୍ଗକୁ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଂଟନ କରା ଯାଇଥିଲା । ପରିଷଦର ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସନାତନ ଠାକୁର, ଦୁର୍ଗା ପ୍ରସାଦ ହୋତା, ଶଶୀଭୂଷଣ ପୁରୋହିତ, ପଦ୍ମଚରଣ ଆଚାର୍ଯ୍ୟ, କିଶୋର ପାଣିଗ୍ରାହୀ, ରାଜେନ୍ଦ୍ର ଶର୍ମା, ପ୍ରଦୋଷ କୁମାର ପତି, ସଚିଦାନନ୍ଦ ବାଗ, ସଂଜୟ ଭୋଇ, ରଘୁନାଥ ବାବୁ, କାଉନସିଲର ଶମ୍ଭୁ ନାଗ, ମୋହନ ପଣ୍ଡା, ଶେଖର ପଣ୍ଡା, କୁନୁ ପଣ୍ଡା, ରାଜକିଶୋର ଦାସ, ଗୋବିନ୍ଦ ସାହୁ, ଶ୍ରୀମନ୍ତ ପଣ୍ଡା, କରୁଣାକର ରଣା, ସୁରେଶ ପଟେଲ, ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ରଘୁ ନନ୍ଦନ ସିଂହଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ନେତାଜୀଙ୍କ ପ୍ରତିମୂର୍ତ୍ତିସ୍ଥଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଖୁବଶୀଘ୍ର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଅଗ୍ନିପଥ ଯୋଜନା ବିଷୟରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୨୪/୦୭ (ନି.ପ୍ର): ଜୟପୁର ବିକ୍ରମ ଦେବ କଲେଜରେ ଏନସିସି ଛାତ୍ର ଓ କଲେଜ ଛାତ୍ର ଛାତ୍ରୀ ମାନଙ୍କୁ ଅଗ୍ନିପଥ ଯୋଜନା ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍ମିର ନିଯୁକ୍ତି ଅଫିସର ମେଜର ପୁଷ୍ପେନ୍ଦ୍ର ଯାଦବ ଉପସ୍ଥିତ ରହି ଏହି ଯୋଜନା ରେ କଣ କଣ ସୁବିଧା ରହିଛି ସେ ବିଷୟ ରେ ବୁଝାଇଲେ । ମେଜର ଯାଦବ ସୂଚନା ଦେଇ କହିଥିଲେ ଆସନ୍ତା ନଭେମ୍ବର ୧ ତାରିଖରୁ ୯ ତାରିଖ ଯାଏ କୋରାପୁଟ ଜିଲ୍ଲା ପାଇଁ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ତେଣୁ ସେ ଛାତ୍ର ଛାତ୍ରୀ ମାନେ ନିଜ ନାମ ପଞ୍ଜିକରଣ କରିବା ପାଇଁ ସଚେତନ କରିଥିଲେ । ଏହି ଯୋଜନା ଯୁବ ଗୋଷ୍ଠୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ତେଣୁ ଦେଶ ସେବା ପାଇ ଇଚ୍ଛୁକ ଥିବା ଯୁବ ଗୋଷ୍ଠୀ ଏହାର ସୁଯୋଗ ନେବା ଆବଶ୍ୟକ । ବିକ୍ରମ ଦେବ କଲେଜରର ଏନସିସି ର ମିଳିତ ଉଦ୍ୟମରେ ଗୋପାଳପୁର ସ୍ଥିତ ଆର୍ମିର ନିଯୁକ୍ତି ଅଫିସର ଏକ କ୍ୟାରିୟର କାଉନସିଲିଙ୍ଗ କରିଥିଲେ । ଏନସିସି ଶିକ୍ଷକ ଲକ୍ଷ୍ମଣ ପାତ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ କଲେଜ ଅଧକ୍ଷ ଗୋପାଳ ହାଲଦାର ଛାତ୍ର ଛାତ୍ରୀଙ୍କୁ ଅଗ୍ନପଥ ଯୋଜନାରେ ସାମିଲ ହେବା ପାଇ ଉତ୍ସାହିତ କରିଥିଲେ ।

## ସମ୍ବଲପୁର ମଣ୍ଡଳରେ ସ୍ମରଣୀୟ ଆଜାଦୀ କି ରେଲଗାଡ଼ି ଏବଂ ଷ୍ଟେସନ ସପ୍ତାହ ପାଳିତ

ସମ୍ବଲପୁର,୨୪/୦୭ (ନି.ପ୍ର): ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଭାରତୀୟ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ତଥା ଆଜାଦୀ କି ଅମୃତ ମହୋତ୍ସବ ପାଳନ ଅବସରରେ ୧୮ ଜୁଲାଇରୁ ୨୩ ଜୁଲାଇ ୨୦୨୨ ପର୍ଯ୍ୟନ୍ତ ସ୍ମରଣୀୟ ଆଜାଦୀ କି ରେଲଗାଡ଼ି ଏବଂ ଷ୍ଟେସନ ସପ୍ତାହ ପାଳିତ ହୋଇଯାଇଅଛି। ଉଦ୍ଯାପନୀ ସମାରୋହ ୨୩ ଜୁଲାଇ ୨୦୨୨ରେ ସମ୍ବଲପୁର ରେଳ ଷ୍ଟେସନରେ ପାଳନ କରାଯାଇଥିଲା ଏବଂ ଏଥିରେ ପ୍ରାୟ ୭୦୦ ରେଳ କର୍ମଚାରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀ ଠାରୁ ଲାଇଭ୍ ଟେଲିକାଷ୍ଟ ମାଧ୍ୟମରେ ସଂଯୋଗ ହୋଇଥିଲା। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପ୍ରଦୀପ କୁମାର ସମ୍ବଲପୁର କ୍ଷେତ୍ରର ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ମାଧୋ ସିଂ ଏବଂ ଶ୍ରୀ ଚନ୍ଦ୍ରଶେଖର ବେହେରାଙ୍କ ବଂଶଜଙ୍କୁ ସମ୍ମାନୀତ କରିଥିଲେ। ଏହି ସମାରୋହ ସପ୍ତାହରେ ସ୍ୱାଧିନତା ସଂଗ୍ରାମୀଙ୍କୁ ନେଇ ବିଭିନ୍ନ ନୁକ୍କଡ଼ ନାଟକ ଆୟୋଜନ କରାଯାଇଥିଲା। ୧୮ ଜୁଲାଇ ୨୦୨୨ରେ ସମ୍ବଲପୁର ରେଳଷ୍ଟେସନ ଠାରେ ସ୍ୱାଧୀନତା ସଂଗ୍ରାମୀ(ସମ୍ବଲପୁର ଅଂଚଳର)ମାନଙ୍କ ଏକ ଫଟୋ ଗ୍ୟାଲେରୀ ଓ ସେଲ୍‌ଫି ପଏଂଟର ଶୁଭାରମ୍ଭ କରାଯାଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ରେଳବାଇ କର୍ମଚାରୀ, ଆଖପାଖ ସ୍କୁଲର ଛାତ୍ରଛାତ୍ରୀ ଏବଂ ସ୍କାଉଟସ୍ ଓ ଗାଇଡ୍‌ସର ସଦସ୍ୟଙ୍କୁ ନେଇ ଏକ ପଦଯାତ୍ରା କରାଯାଇଥିଲା।

## ପିପିଲି ଚାନ୍ଦୁଆ : ୮ ଶହ ବର୍ଷର ପରମ୍ପରା ୮ ବର୍ଷରେ ବୁଡ଼ିଯିବାକୁ ବସିଛି

ପୁରୀ ,୨୪/୦୭ (ନି.ପ୍ର): ହଜିଗଲାଣି ଚାନ୍ଦୁଆ ନଗରୀର ପରିଚୟ। ଗ୍ରାହକଙ୍କ ବାଟକୁ ଚାହିଁ ବସିଛନ୍ତି ଚାନ୍ଦୁଆ କାରିଗର। ଦିନେ ଯେଉଁଠି ଶହଶହ ଗାଡ଼ି ଅଟକି ଯାଉଥିଲା, ଆଜି ସେଠି ଖାଁ ଖାଁ। ବାଇପାସ୍ ଯେମିତି ଚାନ୍ଦୁଆ ନଗରୀ ପାଇଁ ଅଭିଶାପ ପାଲଟିଗଲା। କାରିଗର ଚାନ୍ଦୁଆରୁ ମୁହଁ ଫେରାଇ ଅନ୍ୟ କର୍ମକୁ ଆଦରି ନେଲେଣି। ସ୍ଥିତି ଏମିତି ଯେ ୮ଶହ ବର୍ଷର ଏହି ପାରମ୍ପରିକ କାରିଗରୀର ସତ୍ତା ୮ ବର୍ଷରେ ହଜିଯିବାକୁ ବସିଲାଣି। ଚାନ୍ଦୁଆ କାରିଗରୀ ପ୍ରତି ପର୍ଯ୍ୟଟକଙ୍କ ଆଦର ଯୋଗୁ ଧୀରେଧୀରେ ପିପିଲିର ବହୁ ବ୍ୟକ୍ତି ଏହି କାରିଗରୀକୁ ଆଦରି ନେଇଥିଲେ। ୧୨୦୦ ଖ୍ରୀଷ୍ଟାବ୍ଦରୁ ଚାନ୍ଦୁଆ କାରିଗରୀ ଚାଲିଆସୁଛି। ତେବେ ଦିନେ ଯେଉଁ କଳାକୁ ପ୍ରାୟ ୧୦ ହଜାର ବ୍ୟକ୍ତି ଆପଣାଇଥିଲେ ଏବେ ସେଠାରେ କାରିଗରଙ୍କ ସଂଖ୍ୟା ୨ଶହ ତଳକୁ ଖସି ଆସିଲାଣି। ସବୁଠୁ ବଡ଼କଥା ହେଲା ବାଇପାସ୍ ହେବା ପରଠୁ ଧୀରେଧୀରେ ବ୍ୟବସାୟର ଗ୍ରାଫ୍ ନିମ୍ନଗାମୀ ହୋଇଛି। ତେଣୁ ପ୍ରାୟ ୮୦ ପ୍ରତିଶତ ବ୍ୟବସାୟ ପ୍ରଭାବିତ ହୋଇଛି। ପିପିଲିରେ ୨୦୧୯ ପୂର୍ବରୁ ୧୪୦ରୁ ଅଧିକ ଚାନ୍ଦୁଆ ଦୋକାନ ରହିଥିଲେ ହେଁ ଏବେ ଏହା ୩୫ଟି ମଧ୍ୟରେ ସୀମିତ ରହିଛି। ବାସ୍ତବରେ ବାଇ ପାସ୍ ଯିବା ପରେ ପର୍ଯ୍ୟଟକମାନେ ଆଉ ପିପିଲି ବାଟ ଦେଇ ଯିବାକୁ ପସନ୍ଦ କଲେ ନାହିଁ। ବାଟ ସୁଗମ ହେବା ଯୋଗୁ ପ୍ରାୟ ସବୁ ଗାଡ଼ି ବାଇ ପାସ୍ ଦେଇ ପୁରୀକୁ ଯାତାୟାତ କଲେ। ୨୦୧୨ ମସିହାରେ ବାଇପାସ୍ କାମ ଆରମ୍ଭ ହେବା ପରଠୁ ଚାନ୍ଦୁଆ କାରିଗରମାନେ ନିଜର କୌଳିକ ବୃତ୍ତିକୁ ନେଇ ଚିନ୍ତିତ ହୋଇ ପଡ଼ିଥିଲେ। ବସ୍ ଓ ଚାରିଚକିଆ ଯାନରେ ଏହି ବାଟ ଦେଇ ପର୍ଯ୍ୟଟକ ଯାଉଥିବା ବେଳେ ପିପିଲି ହାଟରେ ପହଞ୍ଚିବା ମାତ୍ରେ ଗାଡ଼ି ଝରକାରୁ ମୁଣ୍ଡ ଉଠାଇ ବାଟରେ ଦୋକାନରେ ଛିଡ଼ା ହୋଇଥିବା ଚାନ୍ଦୁଆକୁ ଉପଭୋଗ କରୁଥିଲେ। କିଣିବା ପାଇଁ ଅଟକିଯାଉଥିଲେ। ମାତ୍ର ଆଲୁଅ ମାଳାରେ ଝଲମଲ କରୁଥିବା ଚାନ୍ଦୁଆ ହାଟ ଏବେ ଗ୍ରାହକଙ୍କ ବାଟ ଚାହିଁ ବସିଛି ସିନା ପର୍ଯ୍ୟଟକଙ୍କ ଦେଖା ମିଳୁନାହିଁ। ଦୀର୍ଘ ବର୍ଷ ହେଲା ଚାନ୍ଦୁଆ ନଗରୀ ଏଭଳି ଦୁର୍ଦ୍ଦିନ ସମୟ ଦେଇ ଗତି କରୁଥିଲେ ହେଁ କେବେ ବି ପ୍ରଶାସନର ନଜର ପଡ଼ିଲା ନାହିଁ। ବ୍ୟବସାୟୀଙ୍କ ପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଯେଉଁ ବ୍ୟବସ୍ଥା କରାଯାଇଥିଲା, ତାହା ମଧ ତ୍ରୁଟିପୂର୍ଣ୍ଣ ପ୍ରମାଣିତ ହେବାରୁ କାରିଗରମାନେ ହାତବାନ୍ଧି ବସିଛନ୍ତି। ତେଣୁ ବାଇପାସ ପାଖରେ ବସଷ୍ଟପ୍ କରାଯିବା ସହ ଚାନ୍ଦୁଆ କାରିଗରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରିଲେ ଏକ ପାରମ୍ପରିକ ହସ୍ତଶିଳ୍ପ ତିଷ୍ଠିପାରିବ ବୋଲି ବହୁ କାରିଗର କହିଛନ୍ତି। ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଅଞ୍ଚଳର ସନ୍ତାନ ଭାବେ ବିଧାନସଭାରେ ଏ ପ୍ରସଙ୍ଗ ଉତ୍ଥାପନ କରି ଚାନ୍ଦୁଆ କାରିଗରୀରେ ଭବିଷ୍ୟତ ନେଇ ଆଶଙ୍କା ବ୍ୟକ୍ତ କରିବା ପରେ ଆଶା କରାଯାଉଛି, ସରକାର ଏହି ପରମ୍ପରିକ ହସ୍ତଶିଳ୍ପର ଉଦ୍ଧାର ପାଇଁ କିଛି ପଦକ୍ଷେପ ନେବେ।

## ବୋଲେରୋ ସହ ୯୧ କେଜି ଗଞ୍ଜେଇ ଜବତ

ଜୟପୁର,୨୪/୦୭ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ସଦର ଥାନା ଅନ୍ତର୍ଗତ ଡଙ୍ଗରଛିଞ୍ଚି ଠାରେ ଚଢାଉ କରିଛି। କୋଟା ଛକ ଦେଇ ଜୟପୁର ପଟେ ଏକ ବୋଲୋରୋରେ ଗଞ୍ଜେଇ ଚାଲାଣ ହେଉଥିବା ସଦର ପୋଲିସ ସୂଚନା ପାଇ ଚଢାଉ କରିଥିଲା। ପୋଲିସ ବିନା ରେଜିଷ୍ଟ୍ରେସନର ଏକ ବୋଲେରୋ ଗାଡି ସହ ୯୧ କେଜି ଗଞ୍ଜେଇ ଜବତ କରି ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ପୋଲିସ କୁ ଦେଖି ଡ୍ରାଇଭର ଓ ଚାଲାଣ କାରି ଚମ୍ପଟ ମାରିଥିବା ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ଫୁଲବାଣୀରେ ଭାରତୀୟ ମଜଦୂର ସଂଘର ୬୮ ତମ ପ୍ରତିଷ୍ଠା ଦିବସ ପାଳନ

କନ୍ଧମାଳ,୨୪/୦୭ (ନି.ପ୍ର): ଫୁଲବାଣୀରେ ଭାରତୀୟ ମଜଦୁର ସଂଘର ୬୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନାରାୟଣୀ ଯାତ୍ରା କମିଟିର ସଭା ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ପୌରାଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକ ମାନେ ସେମାନଙ୍କ ନାର୍ଯ୍ୟ ଦାବୀ ହାସଲ ଦିଗରେ ସଂଘବଦ୍ଧ ଭାବରେ ଏକ ହୋଇ କାମ କଲେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ ଏହା ସହିତ ପୌରାଧ୍ୟକ୍ଷା ଭାବରେ ତାଙ୍କର ତରଫରୁ ଯାହା ସହାୟତା ଆବଶ୍ୟକ ହୁଏ ସେଥିପାଇଁ ସେ ପ୍ରସ୍ତୁତ ଅଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଶ୍ରମ ଅଧିକାରୀ ତେଜକୁମାର ବାଗେ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଶ୍ରମିକଙ୍କ ସଂଖ୍ୟା ଏକ ଲକ୍ଷ ଦଶ ହଜାର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ବାର୍ଷିକ ନବୀକରଣ କରାଉ ନ ଥିବାରୁ ସେମାନଙ୍କର ସମସ୍ତ ସୁବିଧା ସବୁ ଠିକ୍ ସମୟରେ ପାଇ ପାରୁନାହାନ୍ତି ବୋଲି କହିଥିଲେ। ଭାରତୀୟ ମଜଦୁର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଗିରିଶ ମହନ୍ତ ଦେଶରେ ଶ୍ରମିକ ମାନଙ୍କୁ ପ୍ରଥମେ ଦେଶର ହିତରେ ଏବଂ ପରେ ପରେ ଉଦ୍ଯୋଗର ଓ ଶ୍ରମିକର ହିତ ଦିଗରେ ଚିନ୍ତା କରିବା ନିତାନ୍ତ ଆବଶ୍ଯକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଦେଶକୁ ନିର୍ମାଣ କରିବାରେ ଶ୍ରମିକ ଓ କୃଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ। ତେଣୁ ଭାରତୀୟ ମଜଦୁର ସଂଘ ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱ ଦିଏ ବୋଲି କହିଥିଲେ। ଅବସରପ୍ରାପ୍ତ କର୍ମଚାରୀ ତଥା ନେତା ବ୍ରଜ ପଟ୍ଟନାୟକ ଶ୍ରମିକ ମାନେ ସେମାନଙ୍କୁ ମିଳୁଥିବା ସମସ୍ତ ସରକାରୀ ସୁବିଧା ବିଷୟରେ ଅବଗତ ହେଲେ ହିଁ ସେମାନଙ୍କୁ ଏହାର ଲାଭ ନେବା ସହଜ ହେବ ବୋଲି କହିଥିଲେ। ଭାରତୀୟ ମଜଦୁର ସଂଘର କନ୍ଧମାଳ ଜିଲ୍ଲା ସଭାପତି ଅଶୋକ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ପୁରୁଷ ଓ ମହିଳା ଶ୍ରମିକ ଯୋଗ ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମିକ ସମନ୍ୱୟ କମିଟିର ସଭାପତି ପ୍ରଫୁଲ୍ଲ କୁମାର ବେହେରା ଜିଲ୍ଲାରେ କିଛି ଦଲାଲ ଶ୍ରମିକ ମାନଙ୍କୁ ସେମାନଙ୍କ କାମ କରିଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ଠାରୁ ଟଙ୍କା ନେଇ ନିରିହ ଶ୍ରମିକ ମାନଙ୍କୁ ଲୁଟୁଛନ୍ତି। ସେମାନଙ୍କ ଚିହ୍ନଟ ହେବା ଆବଶ୍ୟକ ଏବଂ ଗ୍ରମାଂଚଳର ଲୋକେ ସେମାନଙ୍କୁ ପ୍ରଥମେ ଚିହ୍ନଟ କରିବା ଆବଶ୍ୟକ ବୋଲି କହିଥିଲେ।

ଏହି ଅବସରରେ ଜିଲ୍ଲାର ଏଫସିଆଇରେ ଥିବା ଜିଲ୍ଲାର ଟିକାବାଲି ଓ ଘୁ.ଉଦୟଗିରି ବ୍ଲକର ଚାଉଳ ବିତରଣ ବ୍ୟବସ୍ଥାକୁ ଫୁଲବାଣୀ ପରିବର୍ତେ ବାଲିଗୁଡ଼ାକୁ ନେଇ ଯାଇଥିବା ଫୁଲବାଣୀ ଏଫସିଆଇରେ ୧୦ ହଜାର ମେଟ୍ରିକ ଟନ୍ କ୍ଷମତା ଥିବାବେଳେ ବାଲିଗୁଡ଼ାର ୫ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମକୁ ପ୍ରଦାନ କରାଯାଇଥିବା ବିରୋଧରେ କହିବା ସହିତ ଏହାଦ୍ୱାରା ଫୁଲବାଣୀ ଏଫସିଆଇର ଶ୍ରମିକ ମାନେ ସେମାନଙ୍କ ରୋଜଗାର ହରାଉଛନ୍ତି ବୋଲି ଦାବି ଉପସ୍ଥାପନ କରିଥିଲେ। ଶେଷରେ ଭାରତୀୟ ମଜଦୁର ସଂଘର ସଂଗଠନ ସମ୍ପାଦକ କାହ୍ନୁଚରଣ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ଜୁଲାଇ ୨୫, ୨୦୨୦

# ଅଜବ ହେଲେ ବି ଉପକାରୀ

**କେବଳ ଔଷଧ ଅସୁସ୍ଥତାରୁ ଆରୋଗ୍ୟ କରେ ନାହିଁ, ଅନେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ଥେରାପିର ବ୍ୟବହାର କରାଯାଏ । ଚିକିତ୍ସକୀୟ ଥେରାପି ବାଦ୍ ଏପରି ଏକାଧିକ ଥେରାପି ରହିଛି ଯାହା ମଣିଷର ମାନସିକ ଅସୁସ୍ଥତା ଉପଶମ କରିବାରେ ଖୁବ୍ ଉପକାରୀ । ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହାର ଚମତ୍କାରୀ ପ୍ରଭାବ ରହିଛି ଏପରି ୫ଟି ଥେରାପି ସମ୍ପର୍କରେ ....**

## ମ୍ୟୁଜିୟମ ଥେରାପି:



କାନାଡାରେ ରୋଗୀମାନଙ୍କୁ ଆରୋଗ୍ୟ କରିବା ଲାଗି ମ୍ୟୁଜିୟମ ଥେରାପି ଖୁବ ଉପକାରୀ ହେଉଥିବା ଦେଖାଯାଉଛି । ଏଠାରେ ଡାକ୍ତରମାନେ ରୋଗୀଙ୍କୁ ମ୍ୟୁଜିୟମ ଦେଖିବା ଲାଗି ମାଗଣା ଭାଉଚର ଦେଉଛନ୍ତି । ୯ମାସ ମଧ୍ୟରେ ୧୮୫ଟି ଭାଉଚରରେ ୭୪୦ ଜଣ ରୋଗୀ ମ୍ୟୁଜିୟମ ବୁଲିଆସିଲେଣି । ସେମାନଙ୍କ ସ୍ୱାସ୍ଥ୍ୟରେ ବେଶ ସୁଧାର ଆସିଥିବା ଡାକ୍ତର କହୁଛନ୍ତି। ଗତବର୍ଷ ନଭେମ୍ବର ମାସରେ ମଣ୍ଟ୍ରିଲ ମ୍ୟୁଜିୟମ ଅଫ୍ ଫାଇନ ଆର୍ଟସର ସଦସ୍ୟମାନେ ମେଡିସିନସ ଫ୍ରାନସୋଫାନସ ଡୁକାନାଡ଼ା ସହିତ ମିଶି ଏହି ଯୋଜନା କରିଥିଲେ । ଏଥିରେ ଡାକ୍ତର ରୋଗୀଙ୍କୁ ମ୍ୟୁଜିୟମ ବୁଲିବା ଲାଗି ମାଗଣା ଭାଉଚର ଦେଇଥାନ୍ତି । ମଣ୍ଟ୍ରିଲ ମ୍ୟୁଜିୟମ ବୁଲିବା ଲାଗି ଜଣକ ୩୧ଡଲାର ପଡୁଥିବା ବେଳେ ଡାକ୍ତର ଦେଇଥିବା ଗୋଟିଏ ଭାଉଚରରେ ଚାରିଜଣ ଯାଇପାରିବେ । ଏହାଦ୍ୱାରା ରୋଗୀମାନଙ୍କ ମନରେ ଜିଇବାର ଉତ୍ସାହ ବଢ଼ିଥାଏ ଏବଂ ସେମାନେ ଖୁବଶୀଘ୍ର ଆରୋଗ୍ୟ ଲାଭ କରିଥାନ୍ତି । ସାଧାରଣତଃ ଚିନ୍ତା, ଅବସାଦ, ଆଲଜାଇମର ସହିତ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗରେ ଆକ୍ରାନ୍ତ ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ଏହି ଭାଉଚର ଦିଆଯାଏ । ଏହା ବିଶ୍ୱରେ ସବୁଠାରୁ ଆଶ୍ଚର୍ଯ୍ୟକର ଚିକିତ୍ସା ଥେରାପି ଏବଂ ଏକବିଂଶ ଶତାବ୍ଦୀରେ ସାଂସ୍କୃତିକ ପରିବେଶ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଲାଗି ସହାୟକ ହେବ ବୋଲି ଡାକ୍ତରମାନେ ମତ ଦିଅନ୍ତି ।




## ଆର୍ଟଥେରାପି

ପାଠପଢ଼ା ଚାପରେ ଛାତ୍ରଛାତ୍ରୀମାନେ ସାଧାରଣତଃ ବ୍ୟସ୍ତ ହୋଇପଡ଼ନ୍ତି ଏବଂ ମୁଣ୍ଡବ୍ୟଥାରେ ଆକ୍ରାନ୍ତ ହୁଅନ୍ତି ବୟସ୍କଙ୍କଠାରେ ଏହି ସମସ୍ୟା ଦେଖାଗଲେ ବି ସେମାନଙ୍କ ତୁଳନାରେ କିଶୋରମାନେ ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି । ତେଣୁ ଗବେଷକମାନେ ସେମାନଙ୍କୁ ଏହି ସମସ୍ୟାରୁ ମୁକାଳିବା ଲାଗି ଏକ ଥେରାପି ଆବିଷ୍କାର କରିଛନ୍ତି । କଳା ଆଧାରିତ ଏହି ଥେରାପିର ନାଁ ଆର୍ଟ ଥେରାପି' । ୱାଶିଂଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ସିଆଟଲର ଏକ ହାଇସ୍କୁଲରେ ୧୪ରୁ ୧୭ବର୍ଷ ବୟସର ଛାତ୍ରୀମାନଙ୍କ ଉପରେ ଏହି ଥେରାପି ପ୍ରୟୋଗ କରିଥିଲେ । ଏଥିରେ ଜଣେ ଚିତ୍ର ଆଙ୍କିବା, ରଙ୍ଗ ଦେବା, ମୂର୍ତ୍ତି ଗଢ଼ିବା ଆଦି କାମ କରିପାରିବେ କିମ୍ବା ଏପରି ସୁନ୍ଦର କଳାକୃତିକୁ ଦେଖିପାରିବେ । ଏହା ମାନସିକ ଶାନ୍ତି ଦେବା ସହିତ ବିଭିନ୍ନ ମନସ୍ତାତ୍ତ୍ୱିକ ସମସ୍ୟାର ସମାଧାନ କରିଥାଏ । ବିଶୋରମାନଙ୍କ କ୍ଷେତ୍ରରେ ଏହି ଥେରାପି ଖୁବ୍ ସହାୟକ ହୋଇପାରିବ ବୋଲି ଏହି ରିପୋର୍ଟର ଲେଖକ ତଥା ୱାଶିଂଟନ ବିଶ୍ୱବିଦ୍ୟାଳୟର ମାନବକୈନ୍ଦ୍ରିକ ଡିଜାଇନ ଏବଂ ଇଞ୍ଜିନିୟରିଂ ବିଭାଗର ବୈଜ୍ଞାନିକ ଏଲିନ ଜୋରଲିଙ୍ଗ କହିଛନ୍ତି ।


## କ୍ଲାଉନ ଥେରାପି:



ଜୋକର ଦେଖିବାକୁ ପିଲାଙ୍କଠାରୁ ବଡ଼ଯାଏ ସମସ୍ତେ ପସନ୍ଦ କରନ୍ତି । ସାଧାରଣ ମଣିଷଟିଏ ଜୋକର ପରି ପୋଷାକ, ଟୋପି ପିନ୍ଧି ନାକରେ ବଲ ଲଗାଇ ଅସାଧାରଣ ଚରିତ୍ର ପାଲଟିଯାଏ । ଯେତେ ମନଦୁଃଖରେ ଥିଲେ ସୁଦ୍ଧା ଜୋକର ଦେଖିବା ମାତ୍ରେ ଆପେ ହସ ବାହାରିଆସେ । ଏବେ ଏହି ଜୋକର ବେଶଭୂଷା ଚିକିତ୍ସା ବିଜ୍ଞାନରେ ଏକ ଥେରାପି ଭାବେ ବ୍ୟବହୃତ ହେଉଛି । ମାନସିକ ରୋଗ ଚିକିତ୍ସକ ଚେରିଲ କାର୍ପ ନିଜ ଅନୁଭୂତିକୁ ନେଇ ୧୯୯୮ ମସିହାରେ କ୍ଲାଉନ୍ ଥେରାପି ଉପରେ ଏକ ଆଲେଖ୍ୟ ପ୍ରସ୍ତୁତ କରିଥିଲେ । ଏହାପରେ ଏହି ଥେରାପି ଦୃଷ୍ଟି ଆକର୍ଷଣ କରିଥିଲା ବିଶେଷକରି ଡ୍ରଗସ କବଳରେ ପଡ଼ୁଥିବା ଲୋକମାନଙ୍କୁ ଆରୋଗ୍ୟ କରିବା ଲାଗି ଏହା ସହାୟକ ହେଉଛି । ନେପାଳ ଭୂମିକମ୍ପ ବେଳେ ଆତଙ୍କିତ ଲୋକ ଏବଂ ଶିଶୁମାନଙ୍କୁ ଭୟମୁକ୍ତ କରିବା ଲାଗି ଏଭଳି କ୍ଲାଉନ ଥେରାପିର ଆଶ୍ରୟ ନିଆଯାଇଥିଲା । ମୁଖ୍ୟତଃ ଇସ୍ରାଏଲ ଏହି ଥେରାପି ବିଶେଷଜ୍ଞମାନଙ୍କୁ ନେପାଳ ପଠାଇଥିଲା ।

## ବାଲି ଥେରାପି:

ସମୁଦ୍ର କୂଳରେ ବାଲି ଦେଖିବା ମାତ୍ରେ ଯେତେ ବୟସ୍କ ଲୋକ ହେଲେ ବି ବାଲିକୁ ଖୋଳି ଘର କରିବାର ଲୋଭ ସମ୍ଭାଳି ପାରନ୍ତି ନାହିଁ । ବାଲିରେ ହାତ ଏବଂ ଗୋଡ଼ ଭର୍ତ୍ତି କରି ରଖିଲେ କିଛି ଆରାମ ଲାଗିଥାଏ । ଏହା ଏକପ୍ରକାର ଥେରାପି ବୋଲି ଚିକିତ୍ସା ବିଜ୍ଞାନ ବି ସମ୍ମତ ହୋଇଛି । ୧୯୫୦ ମସିହାରେ ଜଣେ ମନସ୍ତତ୍ତ୍ୱବିତ୍ ଡୋରାକାନ୍ତ୍ ଏହି ଥେରାପି ଆବିଷ୍କାର କରିଥିଲେ । ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ମିଶି ସେ ବାଲି ଟ୍ରେ ବ୍ୟବହାର କରି ଚିକିତ୍ସା କରିବାର ସୂତ୍ର ବାହାର କଲେ । ଏହା ରୋଗୀଙ୍କ ଭାବନା ଉନ୍ନତ ସ୍ତରକୁ ନେଇଥାଏ । ମାଲେସିଆରେ ଷ୍ଟ୍ରୋକରେ ଆକ୍ରାନ୍ତ ରୋଗୀଙ୍କ ଶରୀରର କିଛି ଭାଗ ବାଲିରେ ପୋତିଲେ ସେମାନଙ୍କର ଶୀଘ୍ର ଉପଶମ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହା ସେଠାକାର ଅନ୍ୟତମ ପାରମ୍ପରିକ ଚିକିତ୍ସା ପଦ୍ଧତି ।



# ପ୍ଲାଷ୍ଟିକମୁକ୍ତ ହେବ ଘର

ପରିବେଶ ପ୍ରଦୂଷଣରେ ଏବେ ପ୍ରମୁଖ ଭୂମିକା ଗ୍ରହଣ କରିଛି ପ୍ଲାଷ୍ଟିକ । ଏହା ନଷ୍ଟ କରିବାକୁ ଚାହିଁଲେ ବି ମାଟିରେ ସହଜରେ ମିଶେନାହିଁ ଏବଂ ପୋଡ଼ିଲେ ଅତି ବିଷାକ୍ତ ଗ୍ୟାସ୍ ସୃଷ୍ଟି ହୁଏ । ତେଣୁ ପରିବେଶକୁ ପ୍ଲାଷ୍ଟିକମୁକ୍ତ କରିବାର ପ୍ରୟାସ ଚାଲିଛି । ନିଜେ ଇଚ୍ଛା କଲେ, କେତୋଟି ଛୋଟ ଛୋଟ କଥା ପ୍ରତି ଦୃଷ୍ଟି ଦେଇ ଘରକୁ ମଧ୍ୟ ବହୁ ପରିମାଣରେ ପ୍ଲାଷ୍ଟିକମୁକ୍ତ ରଖିପାରିବେ ।



ଘରେ ପାଣି ପିବା ଲାଗି ପ୍ଲାଷ୍ଟିକ ବୋତଲ ବ୍ୟବହାର କରୁଥିଲେ ଏହା ବଦଳରେ ଷ୍ଟିଲ କିମ୍ବା କାଚ ବୋତଲ ବ୍ୟବହାର କରିପାରିବେ । ବଜାରରେ ଏପରି ବହୁ ସୁନ୍ଦର ବୋତଲ ମିଳୁଛି ।

ସାଧାରଣତଃ ଘରୁ ଆବର୍ଜନା ଫିଙ୍ଗିବା ଲାଗି ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର କରିଥାଉ । ଏହା ବଦଳରେ ଶୀଘ୍ର ନଷ୍ଟ ହୋଇପାରୁଥିବା ବାୟୋ ଡିଗ୍ରେଡେବ୍‌ଲ ଗାର୍ବେଜ ବ୍ୟାଗ୍ ଆଣନ୍ତୁ । ଏହା ସହଜରେ ବଜାରରେ ମିଳିପାରୁଛି ଏବଂ ମୂଲ୍ୟ ମଧ୍ୟ ଖୁବ୍ କମ୍ ।

ରୋଷେଇଘରେ ଖାଇବା ଘୋଡ଼ାଇବା ପାଇଁ ଫାଇଲ ର୍‌ୟାପ୍ ଭଲ ବିକଳ୍ପ ହେବ । ଏହାର ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଖାଦ୍ୟକୁ ପ୍ଲାଷ୍ଟିକ ତୁଳନାରେ ଅଧିକ ସୁରକ୍ଷିତ ଏବଂ ସତେଜ ରଖେ ।



ସକାଳୁ ଦାନ୍ତ ଘଷିବା ବେଳଠାରୁ ପ୍ଲାଷ୍ଟିକ ଆରମ୍ଭ ହୁଏ । ଦାନ୍ତଘଷା ବ୍ରସ୍ ବ୍ୟବହାର ଅନୁପଯୋଗୀ ହୋଇ ପିଙ୍ଗାଯିବା ପରେ ନଷ୍ଟ ହେବାକୁ ଚାରିଶହ ବର୍ଷ ଲାଗିଯାଏ । ଏହା ବଦଳରେ ଏବେ ମିଳୁଥିବା ବାଉଁଶରେ ତିଆରି ବ୍ରସ୍ ବ୍ୟବହାର କରିପାରିବେ ।

ଘର ସୁଗନ୍ଧିତ ରଖିବା ଲାଗି ଏୟାର ପ୍ୟୁରିଫାୟର ପରିବର୍ତ୍ତେ ଧୂପକାଠି ବ୍ୟବହାର କରିପାରିବେ । ଏହା ଅଧିକ ପରିବେଶ ଅନୁକୂଳ ଏବଂ ଶସ୍ତା ମଧ୍ୟ ।

# ବର୍ଷା ପାଗର ସୁଆଦ ଆଳୁଚପ୍

ବର୍ଷାଭିଜା ପାଗରେ ଚଟପଟା ଖାଦ୍ୟ ଖାଇବାକୁ ଖୁବ୍ ଭଲ ଲାଗେ । ଏଇଦିନେ କିନ୍ତୁ ବଜାର ଖାଦ୍ୟ ଖାଇବାକୁ ଭୟ ଲାଗେ, କାରଣ ହେଲା ପେଟ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ । ଏସବୁରୁ ବର୍ତ୍ତିବାକୁ ହେଲେ ଘରେ ସୁଆଦିଆ ବ୍ୟଞ୍ଜନ କରି ଖାଆନ୍ତୁ । ଖୁବ୍ କମ ସମୟରେ ତଥା ସହଜ ଭାବେ ଆଳୁ ଚାଟ୍ ପ୍ରସ୍ତୁତ କରିହେବ ।






**ଆବଶ୍ୟକ ସାମଗ୍ରୀ**


୩ଟି ଆଳୁ ସିଝା, ଅଧ ଚାମଚ ଲଙ୍କା ପାଉଡର ୧ଛୋଟ ଚାମଚ ଭଜା ଜିରା ଗୁଣ୍ଡ, ୧ଛୋଟ ଚାମଚ ଚାଟ ମସଲା, ପୋଦିନା ଚଟଣି, ଚୂନାଚୂନା କଟା ଧନିଆ ପତ୍ର, ପିଆଜ କଟା, ଟମାଟୋ କଟା, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁକୁ ଭଲଭାବେ ଚକଟି ନିଅନ୍ତୁ । ଏବେ କଡ଼େଇ ଗରମ କରି ଅଳ୍ପ ତେଲ ପକାଇବେ । ସେଥିରେ ପିଆଜ ଓ ଟମାଟୋକୁ ହାଲକା ଭାବେ ଭାଜି ବାହାର କରିନେବେ ଏବେ ଚକଟା ଆଳୁରେ ଅନ୍ୟ ସମସ୍ତ ମିଶ୍ରଣ ପକାଇ ଦିଅନ୍ତୁ । ଶେଷରେ ଧନିଆ ପତ୍ର ମିଶାଇ ସମସ୍ତଙ୍କୁ ପ୍ଲେଟରେ ପରଷି ନିଜେ ମଧ୍ୟ ଖାଆନ୍ତୁ । ଏଇ ଘରୋଇ ଚାଟର ସ୍ୱାଦ ଖୁବ୍ ମଜାଦାର ।

# ସୌନ୍ଦର୍ଯ୍ୟ ବିଶେଷଜ୍ଞ ମାଛ

ସାମୁଦ୍ରିକ ମାଛମାନଙ୍କ ମଧ୍ୟରେ ଏପରି ପ୍ରଜାତିର ମାଛ ଠାବ କରାଯାଇଛି ଯିଏ ଚର୍ମ ଖରାପ ହୋଇଯାଇଥିବା ମାଛମାନଙ୍କର ଚର୍ମ ସଫା କରିସେମାନଙ୍କୁ ସୁସ୍ଥ, ସୁନ୍ଦର ଏବଂ ସ୍ମାର୍ଟ କରିଥାନ୍ତି । ଏହି ମାଛକୁ କ୍ଲିନର ଫିଶ୍ ବୋଲି କୁହାଯାଉଛି । ସମୁଦ୍ରମାଛମାନେ ନିଜ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟର ଖୁବ୍ ଯତ୍ନ ନେଇଥାନ୍ତି । ସେଥିପାଇଁ ସମୁଦ୍ର ଭିତରେ ଥିବା ବିଭିନ୍ନ ପ୍ରକାର ମାଛଙ୍କର ସହାୟତା ନିଅନ୍ତି ସେମାନେ । ଏହି ମାଛମାନଙ୍କୁ ବୈଜ୍ଞାନିକମାନେ କ୍ଲିନର ଫିଶ୍ ବା କ୍ଲିନିଂ ପିଶ୍ ବୋଲି ନାମ ଦେଇଛନ୍ତି । ଏମାନଙ୍କର ଲମ୍ବା ୧୦ ସେଣ୍ଟିମିଟର ଅର୍ଥାତ୍ ପ୍ରାୟ ୪ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ । ବିଭିନ୍ନ ରଙ୍ଗର ହୋଇଥିବାରୁ ଏହି ପ୍ରଜାତିର ସବୁମାଛ ଖୁବ୍ ସୁନ୍ଦର ଦେଖାଯାଆନ୍ତି । ଲମ୍ବା ଏବଂ ପତଳା ହେବା ସହ ଶରୀରରେ ଲମ୍ବା ଗାର ପଡ଼ିଥାଏ ଯାହା ଏହି ମାଛଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରେ । ଏମାନେ ବଡ଼ ମାଛକୁ ସଫା ହେବା ଲାଗି ଆକୃଷ୍ଟ କରନ୍ତି । ଏହାପରେ ଗୋଟିଏ ଦଳ ହୋଇ ଆରାମରେ ସେମାନଙ୍କ ଶରୀର ସଫା କରିଥାନ୍ତି । ଏହି ମାଛମାନେ ସଫା ହେବାକୁ ଆସିଥିବା ମାଛମାନଙ୍କ ପାଟିରେ ବି ପଶିଯାନ୍ତି ଏବଂ ସେଠାରେ ଥିବା କ୍ଷତିକାରକ କୀଟାଣୁ ତଥା ରୁଗଣ କୋଷଗୁଡ଼ିକୁ ସଫା କରିଦିଅନ୍ତି। ବଦଳରେ ସେମାନଙ୍କୁ କିଛି ଖାଦ୍ୟ ମିଳିଯାଏ । କ୍ଲିନର ଫିଶ୍ ନିଜ ପାଇଁ ପୁଷ୍ଟିକର ହୋଇଥିବା କୋଷ ଏବଂ ମୃତ ତ୍ୱଚାଗୁଡ଼ିକୁ ଖାଇଥାନ୍ତି । ଏମାନଙ୍କର ପାଟି ଖୁବ୍ ଛୋଟ



ହୋଇଥିଲାବେଳେ ଓଠ ଆଗକୁ ବଢ଼ିଯାଇଛି । ଦାନ୍ତ ଖୁବ୍ ତୀକ୍ଷଣ ତେଣୁ ସଫା କରିବା ସହଜ ହୁଏ । ଯେଉଁ ଆକ୍ୱାରିୟମରେ ସାଲମନ ପରି ଦାମୀ ମାଛ ରଖାଯାଇଥାଏ, ସେଠାରେ ଏଭଳି କେତୋଟି କ୍ଲିନର ମାଛଙ୍କୁ ପରିବେଶ ସଫା ରଖିବାକୁ ଛାଡ଼ିଦିଆଯାଏ । କ୍ଲିନର ମାଛମାନେ ନିଜ ସ୍ୱାସ୍ଥ୍ୟର ଖୁବ୍ ଯତ୍ନ ନିଅନ୍ତି ଏବଂ ରାତିରେ ପର୍ଯ୍ୟାପ୍ତ ସମୟ ଶୋଇଥାନ୍ତି ପାଇପ୍ ଫିଶ୍, ଚିଚଲିହସ, କ୍ୟାଟଫିଶ୍ ଏବଂ କେତେକ ପ୍ରଜାତିର ଚିଙ୍ଗୁଡ଼ି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

# କୋକିଶିଆଳିର ରେକର୍ଡ

କେବଳ ମଣିଷ ରେକଡର୍ଠ କରିପାରନ୍ତି ନାହିଁ, ପଶୁମାନେ ମଧ ବିଭିନ୍ନ କ୍ଷେତ୍ରରେ ରେକର୍ଡ କରିପାରନ୍ତି ବୋଲି ପ୍ରମାଣିତ କରିଛି ଏକ କୋକିଶିଆଳି । ନରୱେର ଏକ ଦ୍ୱୀପରୁ କାନାଡାର ଏକ ଦ୍ୱୀପ ପର୍ଯ୍ୟନ୍ତ ଚାଲିଚାଲି ଚାରିମାସ ମଧରେ ରେକର୍ଡ ଦୂରତା। ଅତିକ୍ରମ କରିଛି ସେ । ଏଥିରେ ପ୍ରାୟ ୩୫୦୦ କିଲୋମିଟର ସେ ଅତିକ୍ରମ କରିଥିଲା । କୌଣସି ପଶୁ ଏପରି ଦୂରତା ମାତ୍ର ଚାରିମାସରେ ଅତିକ୍ରମ କରିଥିଲା । କୌଣସି ପଶୁ ଏପରି ଦୂରତା ମାତ୍ର ଚାରିମାସରେ ଅତିକ୍ରମ କରିବାରେ ବୈଜ୍ଞାନିକମାନେ ମଧ ଆଶ୍ଚର୍ଯ୍ୟ ହୋଇ୍ଛି । ନରୱେଜିଆନ୍ ପୋଲାର ଇନଷ୍ଟିଚ୍ୟୁଟର ଗବେଷକମାନେ ୨୦୧୭ ମସିହାରେ ମେରୁ ଅଞ୍ଚଳରେ ଦେଖାଯାଉଥିବା ଏକ ବିଶେଷ ପ୍ରଜଚାତିର କୋକିଶିଆଳି ବେକରେ ଟ୍ରାକିଂ କଲାରଲଗାଇଥିଲେ । ଏହି କୋକିଶିଆଳି ପ୍ରଜାତି ସମ୍ପର୍କରେ ଅଧନ କରିବା ସେମାନଙ୍କର ଲକ୍ଷ୍ୟ ଥିଲା । ଟ୍ରାକ୍ କରିବାରେ ଜଣାପଡ଼ିଲା ଯେ କୋକିଶିଆଳିଟି ମାସାଧିକ କାଳ ପଶ୍ଚିମ ସ୍ୱିଟସବରେନର ସମୁଦ୍ର କୂଳରେ ରହିଲା । ସେହି ସ୍ଥାନ ଛାଡ଼ି ୯୩୯ ମାଇଲ ଯାତ୍ରା କରିବା ପରେ ୨୦୧୮ ଏପ୍ରିଲ ୧୬ ତାରିଖରେ ଏହା ଗ୍ରୀନଲାର୍ଡରେ ପହଞ୍ଚିଥିଲା ଏବଂ ସେଠାରୁ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ କାନାଡ଼ା ଯାଏ ଯାତ୍ରା କରିଥିଲା । ମେରୁ ଅଞ୍ଚଳର କୋକିଶିଆଳିଙ୍କ କ୍ଷେତ୍ରରେ ବୟସ୍କଙ୍କ ଅପେକ୍ଷା ଯୁବ କୋକିଶିଆଳି ୧୪ଗୁଣ ଦ୍ରୁତ ବେଗରେ ଯାଏ ଏମାନଙ୍କର ମୋଟା ଲୋମ ୫୦ରୁ-୫୮ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଥଣ୍ଡାରୁ ସୁରକ୍ଷା ଦେଇପାରେ ।



# ପୋଡ଼ା ଦାଗ ଲିଭାଇବ ପଟି

ଆଇଆଇଟି ଦିଲ୍ଲୀର ତିନ ବିଦ୍ୟାର୍ଥୀ ଏପରି ଏକ ପଟି ପ୍ରସ୍ତୁତ କରିଛନ୍ତି ଯାହା ପୋଡ଼ାଦାଗର ଚିହ୍ନ ଦୂରେଇଦେବ । ସେକେଣ୍ଡ ଡିଗ୍ରୀ ବନ ଇଞ୍ଜୁରୀ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ । ଅର୍ଥାତ୍ ଚର୍ମର ଦ୍ୱିର୍ତୀ ସ୍ତର ପର୍ଯ୍ୟନ୍ତ ପହଞ୍ଚିଯାଇଥିବା । ପୋଷାକ୍ଷତର ଚିକିତ୍ସା ସହଜ ହେବ । ଆରାଧନା, କୀର୍ତ୍ତିକା ଏବଂ ଗୋପେନ୍ଦ୍ର ନାମକ ତିନି ବିଦ୍ୟାର୍ଥୀ ପ୍ରାଫସରମାନଙ୍କ ଦିଗଦର୍ଶନରେ ଏହି ପଟି ପ୍ରସ୍ତୁତ କରିଛନ୍ତି । ଏମସ ସହ ମିଶି ସେମାନେ ଏହାର ସଫଳ ପରୀକ୍ଷଣ କରିପାରିଛନ୍ତି । ସବୁଠାରୁ ଭଲ ଖବର ହେଉଛି, ଏଭଳି ପଟି ଆମେରିକା ପରି ଦେଶରେ ପୂର୍ବରୁ ମିଳୁଛି । ତେବେ ସେଠାରେ ଏହି କାମ କରୁଥିବା ପଟିର ମୂଲ୍ୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥିବାବେଳେ ଭାରତରେ ଏହାକୁ ୫୦୦ରୁ ୧୦୦୦ ଟଙ୍କା ମଧ୍ୟରେ କିଣାଯାଇପାରିବ । ଏକ ରିପୋର୍ଟ ଅନୁସାରେ ପ୍ରତିବର୍ଷ ଦେଶରେ ୬୦ରୁ ୭୦ ଲକ୍ଷ ଲୋକ ପୋଡ଼ାଜଳା ଜନିତ କ୍ଷତର ଉପଶମ ପାଇଁ ଚିକିତ୍ସିତ ହୁଅନ୍ତି। ଭଲ ହେବା ପରେ ବି ପୋଡ଼ାଦାଗ ଲିଭାଇବା ଲାଗି ସେମାନଙ୍କୁ ବହୁ ଚେଷ୍ଟା କରିବାକୁ ହୁଏ । ଏପରି କ୍ଷେତ୍ରରେ ଏହି ପଟି ସେମାନଙ୍କ ପାଇଁ ଉପକାରୀ ହୋଇପାରିବ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର | ୪

୨୫ ଜୁଲାଇ ୨୦୨୨, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମେ କ'ଣ ଶିଖିବା ?....

ସଂସଦରେ ନିଜ ଦଳର ଏକମାତ୍ର ସଦସ୍ୟ ରାନିଲ ୱିକ୍ରମସିଂଘେ ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି । ଜଣେ ନେତା ଭାବରେ ଏହା ଏକ ବିଷମ ପରିସ୍ଥିତିରେ ବହିଥିବା ରାଜନୀତିକ ହାୱା ଯାହା ତାଙ୍କୁ ଏହି ସ୍ଥିତିକୁ ନେଇ ଆସିଛି ବୋଲି ସେ ଦେଖିବା ବିଧେୟ । ତେବେ ଏହି ପଦବୀ ତାଙ୍କ ପାଇଁ ଫୁଲର ଶେଯଯ ପାଲଟିବାକୁ ଯାଉନାହିଁ, ବରଂ ତାଙ୍କ ଆଗରେ ଲମ୍ବିଛି ଲମ୍ବା କଣ୍ଟକିତ ପଥ । ତାଙ୍କ ସମ୍ମୁଖରେ ପ୍ରଥମ ଆହ୍ୱାନ ଭାବରେ ଉଭା ହୋଇଛି କଲମ୍ବୋରେ ରାଜରାସ୍ତାରେ ପ୍ରତିବାଦ କରୁଥିବା ଲୋକମାନଙ୍କ ସହିତ ଦେଶର ସବୁ ଲୋକଙ୍କ ମନକୁ ଜୁଣିବା, ଯେଉଁମାନେ କି ତାଙ୍କର ଇସ୍ତଫା ଦାବି କରୁଛନ୍ତି, ଯାହା ସାଧାରଣତଃ ରାଜନେତାମାନେ ନିର୍ବାଚନରେ ଜିଣିବା ପୂର୍ବରୁ କରିଥାନ୍ତି, ପରେ ନୁହେଁ । ଏଥିପାଇଁ ତାଙ୍କୁ ମହିନ୍ଦା ରାଜପାକ୍ଷଙ୍କ ସମର୍ଥିତ ଶାସକ ଏସ୍‌ଏଲ୍‌ପିପି ଗୋଷ୍ଠୀ, ଯାହା ଯୋଗୁଁ ସେ ନିର୍ବାଚନରେ ବିଜୟ ଲାଭ କରିଛନ୍ତି, ତାଙ୍କଠାରୁ ଦୂରତା ରକ୍ଷା କରିବା ସହିତ ଲୋକମାନଙ୍କ ବିଶ୍ୱାସ ଅର୍ଜନ କରିବାକୁ ପଡ଼ିବ । ଯଦି ଏଥିରେ ସେ ବିଫଳ ହୁଅନ୍ତି, ତା' ହେଲେ ଶ୍ରୀଲଙ୍କା ମହରଗରୁ ଯାଇ କାନ୍ତାରରେ ପଡ଼ିବା ସଦୃଶ ହେବ, କାରଣ ବର୍ତ୍ତମାନର ସ୍ଥିତିରେ ଦେଶରେ ଏକ ସାଧାରଣ ନିର୍ବାଚନ କରାଇବା କ୍ୱଚିତ୍ ସମ୍ଭବପର । ଶ୍ରୀଲଙ୍କାର ସାମ୍ପ୍ରତିକ ସ୍ଥିତି ସମଗ୍ର ବିଶ୍ୱ ପାଇଁ ମହାଶିକ୍ଷା କହିଲେ ଅତ୍ୟୁକ୍ତି ହେବନାହିଁ । ଦେଶର ଋଣ ଭାର ବଢ଼ିବାକୁ ଲାଗିଲା । ବିଦେଶୀ ମୁଦ୍ରା ପାଣ୍ଠି ଟଳମଳ ହେଲା । ଅର୍ଥନୀତିକ ସଂକଟ ଦେଶକୁ କାବୁ କରିନେଲା, ଯାହା ଖୁବ୍ ଶୀଘ୍ର ରାଜନୀତିକ ଏବଂ ସାମାଜିକ ଉତ୍ତେଜନାର ରୂପ ନେଲା । ଏଇ ହେଉଛି ମୋଟାମୋଟି ଶ୍ରୀଲଙ୍କାର କାହାଣୀ । କିନ୍ତୁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ସାବଧାନ କରାଇ ଦେଇଛି ଯେ ଆହୁରି ଅନେକ ରାଷ୍ଟ୍ର ଏମିତି ସ୍ଥିତିରେ ଉପନୀତ ହୋଇପାରନ୍ତି । ଚଳିତ ସପ୍ତାହର ପ୍ରଥମାର୍ଦ୍ଧରେ ଜି୨୦ ଦେଶମାନଙ୍କର ଅର୍ଥମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ସମ୍ବୋଧନ କରି ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜର୍ଜିଏଭା ଅଧିକ ଋଣ କରିଥିବା ରାଷ୍ଟ୍ରମାନଙ୍କୁ 'ଶ୍ରୀଲଙ୍କାକୁ ଏକ ସତର୍କ ସୂଚନା' ଭାବରେ ଗ୍ରହଣ କରିବାକୁ ଚେତାଇ ଦେବା ସଙ୍ଗେ ସଙ୍ଗେ ବିଶ୍ୱ ଅର୍ଥନୀତିକ ଦୃଶ୍ୟପଟ 'ଉଲ୍ଲେଖନୀୟ ଭାବରେ ଅନ୍ଧକାରମୟ' ହୋଇ ଉଠିଥିବା କହିଛନ୍ତି । ଶ୍ରୀଲଙ୍କା ଏକମାତ୍ର ଦେଶ ନୁହେଁ, ଯିଏକି ଋଣ ଯନ୍ତାରେ ପଡ଼ି ଛଟପଟ ହେଉଛି । ଲେବାନନ, ରୁଷିଆ, ସୁରିନାମ ଏବଂ ଜାମ୍ବିଆ ହେଉଛନ୍ତି ଆଉସବୁ ଦେଶ, ଯେଉଁମାନେ ମଧ୍ୟ ଋଣ ପରିଶୋଧ କ୍ଷେତ୍ରରେ ଖିଲା । ପୁଣି ଆହୁରି ଅନେକ ଦେଶ- ଆର୍ଜେଣ୍ଟିନାଠୁ ପାକିସ୍ତାନ ପର୍ଯ୍ୟନ୍ତ ସହିତ ଘାନା, କେନିଆ, ଟ୍ୟୁନିସିଆ ଓ ଇଜିପ୍ଟକୁ ମିଶାଇ ଆଫ୍ରିକୀୟ ଦେଶମାନଙ୍କର ଏକ ଲମ୍ବା ତାଲିକା ହେବା ଭଳି ଦେଶମାନେ ଅର୍ଥନୀତିକ ସଂକଟର ଦ୍ୱାରଦେଶରେ ଉପନୀତ । ସେମାନଙ୍କ ପାଇଁ ତତ୍କାଳ ଭିତ୍ତିରେ ରିଲିଫ୍‌ର ଆବଶ୍ୟକତା ରହିଛି, ଯାହା ପାଇଁ ସେମାନଙ୍କୁ ଅବଶ୍ୟ ମୂଲ୍ୟ ଦେବାକୁ ପଡ଼ିବ । ଯେଉଁ କରଜଦାତାମାନେ ଦେୟ ପ୍ରଦାନର ନିୟମ କାନୁନ ସମ୍ପର୍କରେ ପୁନର୍ବାର ବୁଝାମଣା କରିବାକୁ ରାଜି ଅଛନ୍ତି ଏବଂ ଆଇଏମଏଫ୍ ଭଳି ଆନ୍ତର୍ଜାତିକ ସଂସ୍ଥାମାନେ ଏଥିପାଇଁ ଦାବି କରିବେ ସେ ଏହି ସବୁ ଦେଶ ସେମାନଙ୍କର ଆର୍ଥିକ ନୀତିକୁ କଠୋର କରନ୍ତୁ ଏବଂ ଆତ୍ମସଂଯମୀ ପଦକ୍ଷେପମାନ ଗ୍ରହଣ କରନ୍ତୁ । ଗୋଟିଏ ପଟେ ମହାମାରୀର ପ୍ରଭାବ ଫଳରେ ତଥା ୟୁକ୍ରେନ୍‌ରେ ଯୁଦ୍ଧ ଯୋଗୁଁ- ଯାହାର ମଧ୍ୟ ଋଣ ବୋଝ ରହିଛି- ସମଗ୍ର ବିଶ୍ୱ ଅର୍ଥନୀତିକ ଦୂରବସ୍ଥା ଦେଇ ଗତି କରୁଥିବା ବେଳେ ବିଭିନ୍ନ କ୍ଷେତ୍ରରେ କଟକଣା ଜାରି କରିବାର ଅର୍ଥ ବିପଦୋନ୍ମୁଖୀ ଗୋଷ୍ଠୀଗୁଡ଼ିକଙ୍କ ପାଇଁ ଅଧିକ ଯନ୍ତ୍ରଣା ବହନ କରି ଆଣିବା ଭଳି ହେବ । ଲଗାତାର ଭାବେ ଋଣ ଖିଲାପି ହୋଇ ଚାଲିଥିବା ଆର୍ଜେଣ୍ଟିନା ୨୦୨୦ରେ ଆର୍ଥିକ ପୁନରୁଦ୍ଧାର ପଥର ପଥିକ ହୋଇ ଆସୁଥିଲା ବେଳେ ମହାମାରୀ କୋଭିଡ୍-୧୯ ଏହାକୁ ଆର୍ଥିକ ମାନ୍ଦାବସ୍ଥା ଭିତରକୁ ଠେଲିଦେଲା । ସୁରିନାମ ଯେତିକି ଋଣ କରିଛି, ତା'ର ଏକ ବଡ଼ ଭାଗ ଆଣିଛି ବଡ଼ ବଡ଼ ରାଷ୍ଟ୍ରମାନଙ୍କର ଏକ ଗୋଷ୍ଠୀ ପ୍ୟାରିସ୍ କ୍ଲବ୍‌ଠାରୁ । ଉଭୟ ପ୍ୟାରିସ୍ କ୍ଲବ୍ (ସୁରିନାମ ସହିତ) ଏବଂ ଚୀନ୍ (ପାକିସ୍ତାନ ଓ ଜାମ୍ବିଆ ସହିତ) ଋଣର ପୁନଃସଂରଚନା କରିବାକୁ ରାଜି ହୋଇଛନ୍ତି । ଏ ବାବଦରେ ସେମାନଙ୍କର ଉଦ୍ୟମ କେତେ ସଫଳ ହେବ ବା ନହେବ, ସେତିକି ବଡ଼କଥା ନୁହେଁ, ବଡ଼କଥା ହେଉଛି, ସବୁ ଦେଶ ଏଥିପାଇଁ ସେମାନଙ୍କର ସରକାରମାନଙ୍କୁ ଉତ୍ତରଦାୟୀ କରିବା ସହିତ ବିରୋଧୀ ଦଳ ଏବଂ ଅର୍ଥନୀତିଜ୍ଞମାନେ ଠିକ୍ ସମୟରେ ସରକାରଙ୍କୁ ନାଲିବତୀ ଦେଖାଇବା ଉଚିତ । ଏହା ନହେଲେ ଶ୍ରୀଲଙ୍କା ଯେମିତି ଦର୍ଶାଉଛି, ସେମିତି ଅବସ୍ଥା ବିଫଳ ନେତାମାନଙ୍କୁ ଭୋଗିବାକୁ ପଡ଼ିବ । କରଜଦାତାମାନଙ୍କ ଭଳି ସାଧାରଣ ନାଗରିକମାନେ ମଧ୍ୟ ସେମାନଙ୍କଠୁ ବହୁମୂଲ୍ୟ ଆଦାୟ କରି ପାରିବେ ।

## ସୁଭାଷ ଚନ୍ଦ୍ର ବୋଷଙ୍କୁ ଏବେବି କଟକ ଭୁଲିନାହିଁ



**ବିଷ୍ଣୁ ପ୍ରସାଦ ଦାସ**

୧୮୯୭ ମସିହା ଜାନୁଆରୀ ମାସ ୨୩ ତାରିଖ ଦିନ ପୃଥିବୀ ପୃଷ୍ଠକୁ ଲକ୍ଷ ଲକ୍ଷ ଶିଶୁଙ୍କ ଆଗମନ, ତନ୍ମଧ୍ୟରୁ ଐତିହାସିକ କଟକ ସହରରେ ସେହିଦିନ ଏକ ଉଜ୍ଜଳ ନକ୍ଷତ୍ରର ଧରାପୃଷ୍ଠରେ ଅବତରଣ ହୋଇଥିଲା । କଟକ ସହରର ତ' କୁହାଯିବନାହିଁ ସେତେବେଳର କଟକ ଟାଉନସ୍ଥିତ ଓଡ଼ିଆବଜାର ଜାନକୀନାଥ ଭବନରେ ରାଏବାହାଦୁର ଶ୍ରୀଯୁକ୍ତ ଜାନକୀନାଥ ବୋଷ ଓ ଶ୍ରୀମତୀ ପ୍ରଭାବତୀ ବୋଷଙ୍କ ନବମ ଔରସରୁ ଜାତ ପୁତ୍ର ସନ୍ତାନଟି ସେହି ଉଜ୍ଜଳ ନକ୍ଷତ୍ର, ପିତା ମାତା ପରିବାର ବର୍ଗଙ୍କ ସ୍ନେହ ଶ୍ରଦ୍ଧାରେ ତା'ଙ୍କର ଜନ୍ମଦିନ ପାଳିତ ହୋଇଥିଲା । କେହି କେବେବି କ'ଣ ଭାବିଥିଲେ ଏଇ ଶିଶୁଟି ଦିନେ ସାରା ପୃଥିବୀରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ପାଲଟି ଯିବ? ତା'ଙ୍କର ଆଠ ପୁତ୍ର ଓ ଛଅ କନ୍ୟାଙ୍କ ମଧ୍ୟରୁ ସୁଭାଷ ନବମ ସନ୍ତାନ ଥିଲେ, ପିତା ଜଣେ ଜମିଦାର ତଥା ନ୍ୟାୟାଳୟର ସୁନାମଧନ୍ୟ ଓକିଲ ଥିଲେ । ଆଭିଜାତ୍ୟ ପରିବାର ହିସାବରେ ତା'ଙ୍କର ଖୁବ ଖ୍ୟାତି ଥିଲା, ପିତା ପୁତ୍ରକୁ ସାହେବି ଢଙ୍ଗରେ ବଢ଼ାଇ ଚାଲିଥିଲେ, ପ୍ରଥମେ ବାପିଷ୍ଟ ମିଶନ ସ୍କୁଲ କଟକରେ ଶିକ୍ଷା ଆରମ୍ଭ ହୋଇଥିଲା ପରବର୍ତ୍ତୀ ସମୟରେ ଥୋମାସ ଏଡ଼ୱାର୍ଡ଼ ରେଭେନ୍‌ଶାଙ୍କ ଦ୍ୱାରା ୧୮୫୧ ସ୍ଥାପିତ ଓଡ଼ିଶାର ସର୍ବପୁରାତନ ସ୍କୁଲ 'ରେଭେନ୍ସା କଲିଜିଏଟ ସ୍କୁଲରେ' ୧୯୦୯ ରୁ ୧୯୧୨ ପର୍ଯ୍ୟନ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କରି ପିତାଙ୍କ ନିର୍ଦ୍ଦେଶରେ ଓଡିଶା ଛାଡି କଲିକତାର ପ୍ରେସିଡେନ୍ସି କଲେଜ ଏବଂ ପରେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିଲେ । ନିଜର ସାଧନା ବଳରେ ସିଭିଲ ସର୍ଭିସ ପାଇ ମଧ୍ୟ ଦେଶମାତୃକାର ସେବା ପାଇଁ ଚାକିରୀ ଛାଡି ଦେଇଥିଲେ, ଦୁଇ ଦୁଇ ଥର ଭାରତୀୟ କଂଗ୍ରେସର ସାଧାରଣ ସମ୍ପାଦକ ମଧ୍ୟ ରହିଥିଲେ। ମହାତ୍ମା ଗାନ୍ଧୀଙ୍କ ସହିତ ତା'ଙ୍କର କିଛିଟା ମତଭେଦ ତଥା କାର୍ଯ୍ୟ ଶୈଳୀର ମେଳ ନ' ଖାଇବାରୁ ନିଜର 'ଆଜାଦ ହିନ୍ଦ' ଫୌଜ ଗଢି 'ଦିଲ୍ଲୀ ଚାଲ' । 'ତୁମେ ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' ଏହି ନାରାରେ ଦେଶ ବିଦେଶ ଜାଗି ଉଠିଥିଲା। ତା'ଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ଶୃଙ୍ଖଳିତ ନେତୃତ୍ୱ ତା'ଙ୍କୁ 'ନେତାଜୀ' କରିଦେଇଥିଲା । ତା'ଙ୍କର ଜନ୍ମ ଠାରୁ ଓଡିଶା ରହଣି ତାଙ୍କର ଶୈଶବ, ଯୁବାବସ୍ଥାକୁ ଏପରି ବିକଶିତ କରିଥିଲା ଯେ, ସେ ତା'ରି ଆଧାରରେ ପୃଥିବୀରେ 'ନେତାଜୀ' ନାମରେ ପରିଚିତ ହୋଇଗଲେ, ଓଡିଶା ତଥା କଟକର ଭାଇଚାରା, ବାରବାଟୀ ଦୁର୍ଗ, ମହାନଦୀ, କାଠଯୋଡ଼ିର ଶୀତଳ ବାୟୁ ସହରବାସିଙ୍କ ଭଲପାଇବା ସୁଭାଷଙ୍କୁ ଏପରି ଆକର୍ଷିତ କରିଥିଲା ଯେ, ସେ କର୍ମ ବ୍ୟସ୍ତତା ଭିତରେ ନିଜ ଜନ୍ମ ମାଟିକୁ କେବେ ଭୁଲିପାରି ନ'ଥିଲେ । ସେତେବେଳେ ଚିକିତ୍ସା ଶାସ୍ତ୍ର ଏତେ ଉନ୍ନତି କରିନ'ଥିଲା, ହଜାର ହଜାର ଲୋକ ହଇଜା ମହାମାରୀର ଶିକାର ହୋଇ ପୋକ ମାଛି ପରି ମରିପଡୁଥିଲେ, ଅସହାୟଙ୍କୁ ସହାୟତା ଦେବା, ଅପରିଚିତ ବ୍ୟକ୍ତିଙ୍କ ଶବ ସତ୍କାର କରିବା ପରି ମହାନ କାର୍ଯ୍ୟକୁ ସେ ନିଃସଙ୍କୋଚରେ କରିପାରିଥିଲେ ଓ ସୁଭାଷ ସେଇ କୈଶୋର ଅବସ୍ଥାରୁ ଏକ ସେଚ୍ଛାସେବୀ ଦଳ ଗଢି ଦଳିତ, ନିଃସହାୟ ଲୋକଙ୍କୁ ସାହାଯ୍ୟ କରୁଥିଲେ, ବାପାଙ୍କ ଠାରୁ ତାଗିଦ ସତ୍ତ୍ୱେବି ସେ ସେବା କାର୍ଯ୍ୟରୁ ଓହରି ପାରିନଥିଲେ, 'ତୁଳସୀ ଦୁଇ ପତ୍ରରୁ ବାସେ' ଠିକ ସେଇ ପରି କୈଶୋରରରୁ ସେ ଦେଶ ସେବା କରିବା । ପିଲାଙ୍କ ଭିତରେ ନେତୃତ୍ୱ ନେଇ କାର୍ଯ୍ୟ କରିବାକୁ ଭଲ ପାଉଥିଲେ । ବ୍ରିଟିଶ ସରକାରଙ୍କ ସାଶନ କାଳରେ ତା'ଙ୍କ ପରି ଏକ ନିର୍ଭିକ ବାଳକର ସାହାସୀକତାର ଅନେକ ଉଦାହରଣ ଆଜି ଇତିହାସ ହୋଇଯାଇଛି । ପୃଥିବୀ ତା'ଙ୍କୁ ତା'ଙ୍କ ସାହାସିକତା ପାଇଁ ଓ ବଳିଷ୍ଠ ନେତୃତ୍ୱ ପାଇଁ ଚିରଦିନ ମନେ ରଖିବ । ଯେଉଁ ବ୍ରିଟିଶ ସାଶନରେ ସୂର୍ଯ୍ୟ ଅସ୍ତ ହେଉନଥିଲା ସେଇ ଦୁର୍ଦ୍ଧାନ୍ତ ବ୍ରିଟିଶ ଶାସକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା କ'ଣ ଏତେ ସହଜ କଥା? ଆଜି କଟକବାସୀ ସୁଭାଷ ଚନ୍ଦ୍ର ବୋଷଙ୍କ ଲାଗି ଗର୍ବିତ । କଟକର ପୂଣ୍ୟ ମାଟିରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଜନ୍ମ ହୋଇଛି ଆଉ କଟକ ମାଟି ଆଜିବି ସେଇ ମହାନ ବ୍ୟକ୍ତିଙ୍କ ସ୍ମୃତିଚାରଣ କରୁଛି । ସୁଭାଷ ଚନ୍ଦ୍ର ବୋଷ କଟକର ପୁଅ, ସୁଭାଷ ଜୟନ୍ତୀ ଦିନ ହଜାର ହଜାର ସଂଖ୍ୟାରେ କଟକବାସୀ ସୁଭାଷ ବୋଷଙ୍କୁ ମନେପକାନ୍ତି ଅନେକ ସମାରୋହ ହୁଏ, ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଦିଆହୁଏ ସ୍ମୃତିଚାରଣ ହୁଏ, ତା' ପରେ ସବୁ ନୀରବ । ତାଙ୍କ ଜନ୍ମ ସ୍ଥାନ ଜାନକୀନାଥ ଭବନ ଅନେକଦିନ ଧରି ଏକ ମାତୃମଙ୍ଗଳ କେନ୍ଦ୍ର ଥିଲା କିନ୍ତୁ ସହରବାସୀ ତଥା ସରକାରଙ୍କ ଆନ୍ତରିକତା ଆଜି ସେଇ ପବିତ୍ର ଗୃହକୁ ଏକ ସଂଗ୍ରହାଳୟରେ ପରିଣତ କରିଛନ୍ତି, ସୁଭାଷ ବୋଷଙ୍କ ଅନେକ ସ୍ମୃତି, ଆଜିବି ସେଇଠି ସାଇତା ହୋଇ ରହିଛି ଓ ସୁଭାଷଙ୍କ ଅଭୂତପୂର୍ବ ସାହାସିକତା, ମନୋବଳ ତଥା ଦେଶପ୍ରେମ ଆଜି ଦେଖିବା ବିରଳ, ନିସ୍ୱାର୍ଥପର ଭାବେ ଦେଶକୁ ବ୍ରିଟିଶ ସରକାରଙ୍କ ଠାରୁ ଛଡାଇ ଆଣି ଏକ ସ୍ୱାଧୀନ ଭାରତ / ହିନ୍ଦୁସ୍ଥାନ ଗଢିବା ତାଙ୍କର ସ୍ୱପ୍ନ ଥିଲା ଓ ଆଜାଦହିନ୍ଦ ଫୌଜ ଗଢି ଅନେକ ଦେଶପ୍ରେମୀଙ୍କୁ ସେ ତାଲିମ ଦେଇଥିଲେ। ଜାପାନ ଓ ଜର୍ମାନୀ ସରକାର ସୁବାଷଙ୍କ ସାହାସିକତାକୁ ଉଚ୍ଚ ପ୍ରଶଂସା କରି ସାମରିକ ସହାୟତା ଦେଇଥିଲେ। ଏପରି ଜଣେ ମହାନ ନେତାଙ୍କ ଜନ୍ମ ଏଇ କଟକ ସହରରେ ତେଣୁ କଟକବାସୀ ଖୁବ୍ ଗର୍ବିତ ହେବା ସ୍ୱାଭାବିକ କଥା । କଟକର ଘରେ ଘରେ ନେତାଜୀ ଆଦୃତ କହିଲେ ଅତ୍ୟୁକ୍ତି ହେବନାହିଁ, ତେବେ ନୂତନ ପିଢିଙ୍କୁ ଆମେ ଦେଶପ୍ରେମ ଓ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିବା ଯୋଗଜନ୍ମା ମହାପୁରୁଷ, ନେତା, ସଂଗ୍ରାମୀମାନଙ୍କ ବିଷୟରେ ଅଳ୍ପ ବହୁତ ଶିକ୍ଷା ଦେବା ଉଚିତ । ଦେଶ ପ୍ରେମ ଆଉ ଦେଶପାଇଁ ବଳିଦାନ କ'ଣ ? ଆମ ଉତ୍ତର ପିଢ଼ି ଜାଣିବାକୁ ହୁଏତ ଇଚ୍ଛା କରୁନାହାନ୍ତି । ସେ ସମୟରେ ଦେଶପ୍ରେମରେ ଉଦ୍ଭାସିତ ହୋଇ ଆମ ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ବାର ବର୍ଷର ବାଳୁତ ବାଜି ରାଉତ ବ୍ରିଟିଶ ସୈନିକଙ୍କ ଗୁଳିରେ ଦେଶ ପାଇଁ ପ୍ରାଣବଳି ଦେଇଥିଲା, ଏଇ ଜାତି କ'ଣ ଏପରି ଦେଶପ୍ରେମୀ ମାନଙ୍କୁ କେବେ ଭୁଲି ପାରିବ?

୧୯୪୫ ଅଗଷ୍ଟ ୧୮ ତାରିଖ କେଉଁ ଏକ ଅଶୁଭ ମୁହୂର୍ତ୍ତରେ ତାଇପେଇ ଆକାଶ ଉପରେ ଏକ ଜାପାନୀ ବିମାନରେ ଯାଉଥିବା ସମୟରେ ବିମାନ ଦୁର୍ଘଟଣା ଘଟିଥିଲା, ସେ ଏପରି ଜଣେ ନେତା ଯାହାଙ୍କର ତିରୋଧାନ ଦିବସ ନାହିଁ। କେହି ଜାଣିନାହାନ୍ତି ସେ ଜୀବିତ ନା' ବିମାନ ଦୁର୍ଘଟଣାରେ ମୃତ, ସେ ଯାହାବି ହେଉ ଆଜି ସମସ୍ତଙ୍କ ହୃଦୟରେ ସେ ସଦାଜୀବିତ। ନେତାଜୀଙ୍କ ବିକଳ୍ପ ନାହିଁ। ଓଡିଶା ଆଜିବି ଗର୍ବିତ ନେତାଜୀଙ୍କ ପାଇଁ। ଓଡିଶା ସରକାରଙ୍କ ସ୍କୁଲ ପାଠ୍ୟକ୍ରମରେ ନେତାଜୀଙ୍କ ସାହାସିକତା, ଦେଶ ପ୍ରେମ । ବଳିଷ୍ଠ ନେତୃତ୍ୱ ବିଷୟରେ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ଦିଆଯାଉଛି । ଯଦିଓ ଓଡ଼ିଆ ଭାଷାରେ ସମ୍ପୂର୍ଣ୍ଣ ଚଳଚିତ୍ର ତା'ଙ୍କ ଉପରେ ହୋଇନାହିଁ ତେବେବି, ଅନେକ ପ୍ରାମାଣିକ ଚଳଚିତ୍ର କରାଯାଇଛି । ତାଙ୍କ ଜନ୍ମ ଦିନକୁ ଓଡିଶା ସରକାର ସରକାରୀ ଛୁଟି ଘୋଷଣା କରିଛନ୍ତି । ନେତାଜୀଙ୍କପରି ବରପୁତ୍ରକୁ ଖାଲି କଟକ, ଓଡିଶା, ଭାରତ ନୁହେଁ ସାରା ପୃଥିବୀ ମନେ ରଖିଛି । ପଶ୍ଚିମବଙ୍ଗ ଓ ଓଡିଶା ସେହି ସମୟରେ ଏକ ହୋଇ ଥିଲା ତେଣୁ ଓଡିଶା, ବଙ୍ଗ ପ୍ରଦେଶର ଭାତୃ ସଦୃଶ୍ୟ । ଆଜି ଆମେ ସୁଭାଷ ଚନ୍ଦ୍ର ବୋଷଙ୍କୁ ନେଇ ଗର୍ବିତ ଏଠାରେ ରାଜ୍ୟର ସୀମା ନ'ଦେଖି ଜାତୀୟତା ଦେଖିବା ଉଚିତ, ଆମେ ତାଙ୍କର ମହାନ ଉଦେଶ୍ୟକୁ ଯେତେ ତର୍ଜମା କରିବା ସେତେ ସେତେ ତାଙ୍କ ପ୍ରତି ଅନୁପ୍ରାଣିତ ହେବା, ସେଇ ଅଖଣ୍ଡ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖୁଥିବା ତଥା ସ୍ୱପ୍ନକୁ ସାକାର କରିବାକୁ ଯାଇ ଜୀବନକୁ ବାଜି ଲଗାଇ ଦେଇଥିବା ନେତାଜୀ ଆମର ଚିରନମସ୍ୟ । କଟକ ସହରର ପ୍ରବେଶ ଦ୍ୱାର କଟକ ରେଳ ଷ୍ଟେସନରେ ନେତାଜୀଙ୍କ ପ୍ରତିମୂର୍ତ୍ତି ରହିବା ସହିତ ସବୁ ପ୍ଲାଟଫର୍ମର 'କଟକ' ନାମ ଫଳକରେ 'ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ' ବୋଲି ଉଲ୍ଲେଖ କରିବାକୁ ତଥା ନେତାଜୀଙ୍କ ନାମରେ ଗୋଟିଏ ଟ୍ରେନ ଚଳାଇବାକୁ ରେଳ ମନ୍ତ୍ରୀଙ୍କୁ ଅନୁରୋଧ। 'ସୁଭାଷ ଏକ୍ସପ୍ରେସ' ବା 'ନେତାଜୀ ଏକ୍ସପ୍ରେସ' ନାମରେ ଓଡିଶାରୁ ଅନ୍ୟରାଜ୍ୟକୁ ରେଳଗାଡିଟିଏ ଚାଲିଲେ ହୁଏତ ଆମେ ନେତାଜୀଙ୍କୁ ଆଉଟିକେ ଭଲଭାବେ ମନେ ରଖିବୁ, ପର୍ଯ୍ୟଟକ ମାନଙ୍କୁ ନେତାଜୀଙ୍କ ଜନ୍ମସ୍ଥାନ ବିଷୟରେ ଧାରଣା ଦେବା ଆଉ ପର୍ଯ୍ୟଟନ ଶିଳ୍ପ ସହିତ ଜଡିତ ଥିବା ଅନୁଷ୍ଠାନ ମାନେ ଆଗେଇ ଆସନ୍ତୁ ସାଧାରଣତଃ ପଶ୍ଚିମବଙ୍ଗରୁ ଅନେକ ପର୍ଯ୍ୟଟକ ଓଡିଶା ବୁଲିବାକୁ ଆସନ୍ତି, ତାଙ୍କର ପ୍ରଥମ ଲକ୍ଷ ଜଗନ୍ନାଥ ଧାମ ପୁରୀ ଆସି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ଆଉ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମିକୁ ଉପଭୋଗ କରିବା ତା' ଛଡା, କୋଣାର୍କ, ଭୁବନେଶ୍ୱର, ଚିଲିକା, ଭିତର କନିକା, ଦାରିଂବାଡ଼ି ଇତ୍ୟାଦି ଅନେକ ଆକର୍ଷଣର ସ୍ଥାନ ପରିଦର୍ଶନ କରିଥାନ୍ତି ଓ ପର୍ଯ୍ୟଟନ ବିଭାଗ କେବେବି ଏହିସବୁ ପର୍ଯ୍ୟଟନ ସ୍ଥାନ ଭିତରେ କଟକକୁ ଯୋଡି ପାରିନାହିଁ, ଏକହଜାର କୋଡ଼ିଏ ବର୍ଷର କଟକ ଆଉ ତା'ର ଐତିହକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି, ଐତିହାସିକ ବାରବାଟୀ ଦୁର୍ଗ, ନେତାଜୀଙ୍କ ଜନ୍ମସ୍ଥାନ ସହିତ ଅନେକ ପୁରାତନ କୀର୍ତ୍ତିରାଜିର ସମାରୋହ ଏଇ କଟକ ସହରରେ ବିଦ୍ୟମାନ । ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଆଉ ନେତାଜୀଙ୍କୁ ମଧ୍ୟ ଲୋକଲୋଚନକୁ ଆଣିବାପାଇଁ ଚେଷ୍ଟିତ ହୁଅନ୍ତୁ ଏହାହିଁ ଅନୁରୋଧ, ସୁଭାଷ ଚନ୍ଦ୍ର ବୋଷ ଆମ ଗର୍ବ ଆମ ଗୌରବ ଆମେ ବିଶ୍ୱବାସୀଙ୍କୁ ଦେଖାଇଦେବା । ଜୟ ହିନ୍ଦ ।


ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯


## ଶତ ପ୍ରତିଶତ ନମ୍ବର କେମିତି ପାଇଲେ ?



**ସୁବ୍ରତ କର**

ଶ୍ରେୟା ପଟ୍ଟନାୟକଙ୍କୁ ମୁଁ ପ୍ରଥମେ ବଧେଇ ଜଣାଉଛି । ନିଶ୍ଚିତ ଭାବରେ ସେ ଖୁସି, ମା, ବାପା ଖୁସି, ସ୍କୁଲର ମର୍ଯ୍ୟାଦା ବଢ଼େଇଲେ ଏବଂ ଶେଷରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଖୁସି ମନାଉଥିବେ ଏବଂ ଶ୍ରେୟା ଏବେ ଖାଲି ସ୍କୁଲ ନୁହଁ ସାରା ରାଜ୍ୟରେ ଆସନ୍ତା ବର୍ଷ ଏବଂ ଭବିଷ୍ୟତ ପାଇଁ ଏକ ଉଦାହରଣ ବନିଗଲେ । ସମସ୍ତେ କହିବେ ଦେଖ ଶ୍ରେୟାକୁ ଦେଖ । ସେ ଯଦି ରଖିପାରିଲା ତୁ କାହିଁକି ପାରିବୁ ନାହିଁ? ପରିଶ୍ରମ କର ଶ୍ରେୟାକୁ ଟପୁବୁ । ନା' ତାହାର ସୁଯୋଗ ଶ୍ରେୟ ରଖିନାହିଁ, କାରଣ ୫୦୦ଉପରୁ ଆଉ ସାରମାନେ ଦେଇ ପାରିବେ ନାହିଁ । ତାଙ୍କର ହାତ ଗୋଡ଼ ବନ୍ଧା । ଏବେ ଏବେ ୪ ପ୍ରକାରର ଫଳ ବାହାରିଲା । ପ୍ରଥମେ ଆମ ରାଜ୍ୟର ମେଟ୍ରିକ ଫଳ, ପରେ ପରେ ଆଇସିଏସି ତା' ପରେ ସି.ବି.ଏସ.ସି ର ୧୦ମ ଏବଂ ଦ୍ୱାଦଶ । ସମସ୍ତ ଫଳାଫଳ ଉଦାହରଣ ସୃଷ୍ଟି କରିଛି ଏବଂ ସମସ୍ତଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି । ଏହି ଫଳାଫଳ ଏବଂ ଆହ୍ୱାନକୁ ସରକାର ସମ୍ଭାଳି ପାରିବେ ତ? ମୁଁ ଜାଣିବାରେ କିଛି ଫଳାଫଳ ନିକଟ ଭବିଷ୍ୟତରେ ପଦବୀ ଖାଲି ପଢ଼ିବା ଉପରେ ନିର୍ଭର କରି ଫଳାଫଳ ପ୍ରକାଶ ପାଏ । ଯେମିତି କମ୍ପାନୀ ସେକେଟେରୀ ପରୀକ୍ଷା । ଏହା ଅତି କଷ୍ଟକର କିନ୍ତୁ ପିଲାମାନେ ଯେତେ ଭଲ କରିବେ ବି ସାରାଦେଶରେ ଖାଲି ପଢ଼ିବା ଚାକିରୀକୁ ହିସାବକୁ ନେଇ ଫଳ ବାହାର କରାଯାଏ । ଏହାଦ୍ୱାରା କୌଣସି କମ୍ପାନୀ ସେକେଟେରୀ ଘରେ ବସନ୍ତି ନାହିଁ । ଫଳ ବାହାରିଲା ମାତ୍ରେ ଚାକିରୀ ବା କାମ ଥୁଆ ।

ଏବେ ଆସିବା ଏହି ଫଳାଫଳ ଆଗକୁ କେଉଁଆଡ଼କୁ ନେଉଛି । ସବୁ ପ୍ରକାରର ପରୀକ୍ଷାରେ ଆଶାତୀତ ଫଳ । ସମସ୍ତଙ୍କୁ ଚକିତ କରିଛି ଏବଂ ସରକାରଙ୍କୁ ଅଡୁଆରେ ପକାଇଛି । ଏତେ ପରିମାଣରେ (୯୦ରୁ ୧୦୦%) ନମ୍ବର ରଖିଥିବା ପିଲାମାନେ କରିବେ କଣ? ଶେଷରେ କଣ କଲେଜ ମାନଙ୍କରେ ସିଟ ନ ପାଇ ସରକାରୀ, ବେସରକାରୀ ଆଇଟିଆଇମାନଙ୍କରେ ନାମ ଲେଖାଇବେ? ଜଣେ ପିଲା ଯଦି ୯୦% ନମ୍ବର ରଖି କଲେଜରେ ସିଟ ନ ପାଏ ତାର ମନବଳ ରହିବ ତ? ସେହି ପିଲାଟିର ମା, ବାପାଙ୍କ ଅବସ୍ଥା କଣ ହେବ? ଯେଉଁ ପରିକ୍ଷକ ହାତ ଖୋଲା କରି ୫୦୦ରୁ ୫୦୦ ନମ୍ବର ଦେଲେ ସେ କେବେ ଚିନ୍ତା କରିଛନ୍ତି କଲେଜରେ ସିଟ ନ ପାଇଲେ ପିଲାର ଭବିଷ୍ୟତ କଣ ହେବ? ସରକାର ମଧ୍ୟ କେତେ ପିଲାଙ୍କ ପାଇଁ ସିଟ ଖୋଲିବେ? ଏବେଠୁ ନିଶ୍ଚୟ ମାସ୍ ଏଡୁକେସନ ମନ୍ତ୍ରୀ ଏବଂ ସେକ୍ରେଟେରୀଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଯାଇଛି । ୯୦% ରଖି ପିଲାଟି ଯେତେବେଳେ ତାହାର ସାଙ୍ଗସାଥି, ସମ୍ପର୍କୀୟମାନଙ୍କ ଦ୍ୱାରା ପଚରା ହେବ 'ତୁ ଏତେ ମାର୍କ ପାଇଲୁ କଲେଜରେ ସିଟ ଟିଏ ପାଇଲୁ ନାହିଁ ?' ଏ ଅବସ୍ଥାକୁ ସରକାର ହୁଅନ୍ତୁ ବା ସମାଜ ହୁଅନ୍ତୁ ସମ୍ଭାଳି ପାରିବେ ତ? ଏହି ପ୍ରକାରର ଫଳାଫଳ ସରକାର ଏବଂ ମା ବାପାଙ୍କ ପାଇଁ ଏକ ସତର୍କ ଘଣ୍ଟି । କିଛି ଏହା ଉପରେ ପଦକ୍ଷେପ ନେବା ଦରକାର । ନ ହେଲେ ଏହାର ଫଳାଫଳ ସୁଦୂରପ୍ରସାରୀ । ନିଶ୍ଚିତ କିଛି କରିବା ଦରକାର ।

## ପ୍ରଗତିର ଦ୍ୱାହି




**ସୁଧାଂଶୁ ଶେଖର ଦ୍ୱିବେଦୀ**

ପୁସ୍ତକ ଏବେ ଫୁଟପାଥରେ ବିକ୍ରି ହେଉଛି
ଜୋତା ପାଇଁ ଏ.ସି ଶୋ-ରୁମ ଖୋଲିଛି।

କୁକୁର ପାଇଁ ମଖମଲ ବିଛଣା ସଜା ହୋଇଛି
ବୃଦ୍ଧ ମା' ବାପାଙ୍କ ପାଇଁ ବୃଦ୍ଧାଶ୍ରମ ରହିଛି।

ଜଙ୍ଗଲ କାଟି ଭବ୍ୟ ସହର ଗଢ଼ା ହେଉଛି
ବାଘ, ଭାଲୁ, ସିଂହଙ୍କ ଠିକଣା ହଜି ଯାଇଛି।

ଗଙ୍ଗା ମଧ୍ୟ ନିଜ ଅସ୍ତିତ୍ୱ ପାଇଁ ଚିତ୍କାର କରୁଛି
ମଣିଷ ମଇଳା ପାଣିକୁ ଫିଲ୍ଟର କରି ପିଉଛି।

ଗର୍ବ, ଅହଂକାର, ଈର୍ଷା ସଭିଙ୍କୁ ଗ୍ରାସି ସାରିଛି
ମଣିଷ ବିଦେଶୀ ଫେଶନକୁ ଆପଣେଇଛି।

ନିଜ ଅଭିବୃଦ୍ଧିରେ ମଣିଷ ଜଙ୍ଗଲ ନଷ୍ଟ କରିଛି
ପକ୍ଷୀର କଳରବ ଏବେ ସ୍ୱପ୍ନ ହୋଇ ଯାଇଛି।

ସମସ୍ତେ କହି ହେଉଛନ୍ତି ଦୁନିଆ ପ୍ରଗତି କରିଛି
ସତରେ କଣ ମଣିଷ ଆଜି ପ୍ରଗତି ଲଭିଛି ?


ବିସି-୭୪, ସଲଟ ଲେକ, କଲକତା-୬୪
ମୋ-୯୬୮୧୩୭୩୫୧୨


## ଏଠି କଣ ଚାଲିଅଛି ?

**ଅରୂପ କୁମାର ବିଶ୍ୱାଳ**

ବାଟିଏ ଚଷିବା ବାଟେ ଦୁଇଯିବା
ଏକା ପରି ଲାଗୁଅଛି,
କହିବା କରିବା ଆକାଶ ପାତାଳ
ଏଠି କଣ ଚାଲିଅଛି ?
ନଶୁଣିବା କଥା ଶୁଣାଯାଏ ଏଠି
କୁଆଡକୁ ଆମ ଗତି,
ବୁଡିଯିବା ଗୋଡ ତଳକୁ ତଳକୁ
ବଢେ ପରକୀୟା ପ୍ରୀତି।
ଶାଳୀନତା ଖାଲି ଶବ୍ଦରେ ସୀମିତ
ଦେଖିବାକୁ ମିଳେନାହିଁ,
ଅମଣିଷଙ୍କର ସଂଖ୍ୟା ବଢି ଚାଲେ
କାହାକୁ କହିବା ଭାଇ।
ବାଘ ସିଂହ କେବେ ଘାସ ଖାଇବେନି
ନମିଳିବ ଯଦି ଖାଦ୍ୟ,
ମଣିଷ ଖାଇବ ମାଟି ଗୋଡି ବାଲି
ଖାଉଛି ଜଙ୍ଗଲ ମଧ୍ୟ।
ଭଲ କଥା ଏଠି କାହାକୁ ରୁଚେନା
ବୁଝେଇବା ଖାଲି ବୃଥା,
କେତେ ପ୍ରବଚନ ଶୁଣାଯାଏ ହେଲେ
କେ ଶୁଣୁଛି କାହା କଥା।
କହିବା କରିବା ଭିତରେ ପାର୍ଥକ୍ୟ
ଆକାଶ ପାତାଳ ସମ,
ଉପର ଚିକ୍କଣ ଭିତର ମଇଳା
ସତେ ସ୍ୱାର୍ଥପର ଯମ।
ହାତୀର ଯେମିତି ଦେଖେଇବା ଦାନ୍ତ
ଖାଇବା ଅଲଗା ଦାନ୍ତ,
ମଣିଷ ସେପରି ଅଟେ ହାତୀ ପରି
ପୁରେନାହିଁ ତାର ପେଟ।
ଯହୁଁ ହରିବୋଲ ତହୁଁ ଯେ ବରଷା
ଲୋଭ ଅସମାପ୍ତ ତାର,
ଠାକୁର ଖାଇବ ଖଟୁଲି ଖାଇବ
ଖାଇବା ତା ଅଧିକାର।
ଠାକୁରଙ୍କ ପୂଜା କରନ୍ତି ସମସ୍ତେ
ବହୁ ଆଡମ୍ବରେ ହୁଏ,
ଜୀବନ୍ତ ଠାକୁର ଅଛନ୍ତି ପାଖରେ
ତାଙ୍କ କଥା ବୁଝେ କିଏ।
ଦବା ନବା ଏଠି ବେପାର ଚାଲିଛି
ନଦେଲେ ମୁହଁଟା ବଙ୍କା,
ଶଏ ଶଏ ଖେଳ ଚାଲିଛି ଏଇଠି
ଖେଳ କରୁଅଛି ଟଙ୍କା।
ହାତୀ ପିମ୍ପୁଡିର ଖେଳ ଚାଲୁଅଛି
ହାତୀ ଯାଉଅଛି ଖସି,
ପିମ୍ପୁଡି ବିଚରା ହୁଏ ଛାଟିପିଟି
ଯନ୍ତାରେ ଯାଉଛି ଫଶି।
ଧରା ପଡିଗଲେ ଦୋଷୀ ହେବ ଗଣା
ନହେଲେ ସମସ୍ତେ ସାଧୁ,
ଚୋର ମୁହଁ ପୁଣି ଟାଣ ସବୁଦିନେ
ମଦକୁ କହିବେ ମଧୁ।


ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ,
ପାରାଦୀପ


## ଶ୍ରାବଣ

**ଅମରନାଥ ବାରିକ୍**

ଧରା ଶିରାବଣ ମାସ
ହେଉଛି ବରଷା ଝିପିରି ଝିପିରି
ଗଛ ଲଗାଇବା ଆସ ।
ବିଲରେ ଛନକା ଘାସ
ଖୁଆଇବା ଆଣି ଗାଈ ବାଛୁରୀଙ୍କୁ
ହୋଇବେ ଦୁହେଁ ହରଷ ।
ସୁମନର ରେଣୁ ରସ
କରନ୍ତି ସଂଗ୍ରହ କଙ୍କି ପ୍ରଜାପତି
ଚୁମି ଫୁଲର ସୁବାସ ।
ମେଘୁଆ ଦିଶେ ଆକାଶ
ସୁନ୍ଦର ଲାଗୁଛି ପ୍ରକୃତି ରାଣୀର
ଦେଖିଦେଲେଏହି ବେଶ ।
ହର ପାରବତୀ ରାସ
ଲିଳା କରୁଛନ୍ତି କୈଳାସ ପର୍ବତେ
ଚଉଦିଗ ପରକାଶ ।
ମନରେ ରଖି ବିଶ୍ୱାସ
ପୂଜିବା ଶିବଙ୍କୁ ଦୁଦୁରା ଜଳରେ
ଖୁସିରେ ଯିବ ବରଷ ।
କିଏ ସେ ହେବ ସରସ
କହୁଛି କାନନ ବୃକ୍ଷଲତା ରାଜି
ସରି ଶିରାବଣ ପାଶ ।
ବରଷକେ ବାର ମାସ
ସବୁ ମାସଠାରୁ ଜାଣ ଏହି ପରା
ସାର ଶିରାବଣ ମାସ ।


କୟାଁ, ମଙ୍ଗଳପୁର, ଦଶରଥପୁର,
ଯାଜପୁର- ୭୫୫୦୧୧
ମୋ: ୯୫୪୦୩୦୮୦୯୫


## ମିଛ ଦୁନିଆଁ

**ଧ୍ରୁବ ଚରଣ ବେହେରା**

ମିଛ ଅଟେ ଏହି ଦୁନିଆଁଟା ବନ୍ଧୁ
କିଏ ନୁହଁଇ କାହାର
ନିଜର ନିଜର ଯାହାକୁ କହନ୍ତି
ସେ ବି ହୋଇ ଯାଏ ପର ।

ସୁଖ ବେଳେ ସବୁ ବନ୍ଧୁ ଭାଇମାନେ
ଦୁଃଖରେ ନଥାନ୍ତି କେହି
ନିଜ ଲୁହ ନିଜେ ପିଇଯାଏ ଓଠ
ଯନ୍ତ୍ରଣାର ଜ୍ୱଳା ସହି ।

ମୁହଁରେ ସମସ୍ତେ ମିଠା କଥା କହି
ନିଅନ୍ତି ଆପଣା କରି
ହୃଦୟରେ ରଖି ଅହିର ସଂପର୍କ
ପଛରୁ ମାରନ୍ତି ଛୁରୀ ।

ସାଧୁ ବୋଲି ତୁମେ ଯାହାକୁ ମଣିବ
ହୃଦୟ ମଇଳା ତା'ର
ମୁଖେ ରାମ ନାମ ଦେଖାଣିଆ ସବୁ
ପାପୀ ସିଏ ମହାଚୋର ।

ଯୌବନ ଜୀବନ ଜୁଆର ପାଣି ସେ
ଆସେ ପୁଣି ଫେରିଯାଏ
ଗର୍ବ ଅହଂକାର ଅଢେଇ ଦିନରେ
ଖର୍ବ ନିଷ୍ଟେ ଦିନେ ହୁଏ ।

ରହି ନାହିଁ କେହି ରହି ବେନି ବନ୍ଧୁ
ଏ ଜୀବନ ଦୁଇ ଦିନ
ଆଖି ବୁଜି ଦେଲେ ସବୁତ ଅନ୍ଧାର
ଲାଗେ ଖାଲି ମହାଶୂନ୍ୟ ।

ସତ୍ୟ ରାମ ନାମ ସତ୍ୟ ହିଁ ମରଣ
ସତ୍ୟ ସେହି ଜଗନ୍ନାଥ
ଜନ୍ମ ମୃତ୍ୟୁ ସତ୍ୟ ମଶାଣି ବି ସତ୍ୟ
ଏ ବାକ୍ୟ ଅଟେ ଅକାଟ୍ୟ ।

ମିଛ ଦୁନିଆଁକୁ ଭୁଲି ଯାଅ ବନ୍ଧୁ
ଲୟ ରଖ ଶ୍ରୀ ପୟରେ
ଦୁଃଖୀ ରଙ୍କ ସେବା କଲେ ଏଜଗତେ
ବିଭୁ ହେବେ ସାହା ବାରେ ।

ଗୌରବ ଗାରିମା ଅରଜିବ ଦିନେ
ସଂସାରୁ ମୁକ୍ତି ପାଇବ
ତ୍ୟାଗ ବଳିଦାନ ରଖି ସେବା କଲେ
ଜୀବନ ସାର୍ଥକ ହେବ ।


କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ସୋମବାର, ୨୫ ଜୁଲାଇ ୨୦୨୨


# କାହାଣୀ-ବ୍ରହ୍ମ ରାକ୍ଷସର

## ପ୍ରଭାକର ଦାସ



ଗାଁଠାରୁ ଅଳ୍ପଦୂର ନଈକୂଳିଆ ନିଛିଟିଆ ରାସ୍ତାରେ ଏକୁଟିଆ ଯିବାବେଳେ ରାସ୍ତା କଡ଼ରେ ଥିବା ସେଇ ଭଙ୍ଗା ପାଚେରୀଘେରା ଖୋଲା ଫାଟକ ଭିତରେ ପୁରୁଣା ଆମ୍ବତୋଟା। ଚାହିଁଲେ ମନରେ ଶଙ୍କା ଆସେ। ଦେହଟା ଶୀତେଇ ଉଠେ। ତୋଟା ଭିତରେ ଥିବା ପୁରୁଣା ରଙ୍ଗଛଡ଼ା କୋଠାଟିଏ, ଚାରିପାଖ ଲଟା, ଗୁଳ୍ମରେ ଭର୍ତ୍ତି। ସେଇଟା ଗୋଟେ ଭୂତକୋଠି ବୋଲି ମନକୁ ଆସେ। ସତେ ଯେପରି କୋଠାଟି ଅତୀତ ସ୍ମୃତିର, ଅନେକ ଘଟଣା ଦୁର୍ଘଟଣାର ମୂକସାକ୍ଷୀ। ଲୋକେ କହନ୍ତି ବହୁବର୍ଷ ପୂର୍ବରୁ ତୋଟାଟା ଏ ଅଂଚଳର ଏକ ନିଷିଦ୍ଧାଂଚଳ ଥିଲା। ଯଦିବା ତା ଭିତରେ ବିଭିନ୍ନ ପ୍ରକାରର ନାମୀ-ଦାମୀ ଫଳଗଛ-ଯଥା ବିଲାତି, ଆମ୍ବ, ପଣସ, ନାରିକେଳ, ସପେତା, ଜାମକୋଳି, ଜାମରୁଳ ଇତ୍ୟାଦି ଶୋଭାପାଉଥିଲା। ବିଭିନ୍ନ ଫୁଲ ଗଛରେ ପ୍ରସ୍ଫୁଟିତ ଫୁଲର ବାସନାରେ ତୋଟାଟି ମହକି ଉଠୁଥିଲା। ଏଠାରେ ସଦା-ବସନ୍ତର ରାଜତ୍ୱ ଥିଲା ଭଳି ଜଣାପଡୁଥିଲା। ତୋଟା ଚାରିପାଖ ଉଚ୍ଚ, ଶକ୍ତ ପାଚେରୀ ଦ୍ୱାରା ବେଷ୍ଟିତ ହୋଇ ଅତି ସୁରକ୍ଷିତ ଅବସ୍ଥାରେ ଥିଲା। ଖରାଦିନେ ପାଖ ନଈରୁ ବୋହି ଆସୁଥିବା ଥଣ୍ଡା ବାୟୁ ପରିବେଶକୁ ଅଧିକ ଶୀତଳ କରୁଥିଲା। ଫାଟକରେ ଲାଗିଥିବା ସାଗୁଆନ କାଠ ଓ ଲୁହାରେ ନିର୍ମିତ ବିଭିନ୍ନ କାରୁକାର୍ଯ୍ୟ ଖଚିତ ସୁନ୍ଦର କବାଟ, ଯାହାକୁ ଭେଦ କରି ଭିତରର ସୁନ୍ଦର ଦୃଶ୍ୟ ଉପଭୋଗ କରିବା ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ନଥିଲା। ତୋଟାର ଠିକ୍ ମଝିରେ ଥିଲା ଅତି ସୁନ୍ଦର ଦାମୀ ସାଜସଜ୍ଜାଯୁକ୍ତ ଏକ ବୃହତ ବଙ୍ଗଳା, ଯାହାକୁ "ରଙ୍ଗ ମହଲ" କୁହାଯାଉଥିଲା। ଦୁଇ, ତିନିଜଣ ପାଇକ (ଜଗୁଆଳି) ସଦା ପ୍ରହରାରତ ଥିଲେ ଏଠାରେ। କେବଳ ଜମିଦାର ଓ ତାଙ୍କ ପରିବାରର ସଦସ୍ୟମାନେ ତା ଭିତରକୁ ପ୍ରବେଶ କରିପାରୁନଥିଲେ। ଅନ୍ୟ କେହି ତା ଭିତରକୁ ଯିବାର ସ୍ୱପ୍ନ ବି ଦେଖୁନଥିଲେ। କେତେକ ବିଶେଷ ସଂଧ୍ୟାରେ କେବଳ ସ୍ୱୟଂ ଜମିଦାର ତାଙ୍କର କତିପୟ ଅତି ବିଶ୍ୱସ୍ତ ଭୃତ୍ୟ (ପିଆଦା)ଙ୍କ ସହ ସେହି ଆଭିଜାତ୍ୟପୂର୍ଣ୍ଣ ବିଳାସମୟ କୋଠିକୁ ଗମନ ପୂର୍ବକ ରାତ୍ରିଯାପନ କରୁଥିଲେ। ବେଳେବେଳେ ସେହି ରାତ୍ରିମାନଙ୍କରେ କୋଠି ମଧ୍ୟରୁ ନୃତ୍ୟଗୀତ, ହର୍ଷରୋଳ ଅଥବା କ୍ରନ୍ଦନର ସ୍ୱର ପାଚେରୀ ଭେଦକରି ବାୟୁମଣ୍ଡଳରେ ରାସ୍ତାକୁ ଭାସିଆସୁଥିଲା। କଦବା ଆର୍ତ୍ତନାଦ ମଧ୍ୟ ଶୁଣା ଯାଉଥିଲା। ଏ ଶବ୍ଦମାନ କ୍ୱଚିତ୍ ଲୋକ ଶୁଣିଥାନ୍ତି, ଯେଉଁମାନେ ସୌଭାଗ୍ୟବଶତଃ ସେହି ରାତ୍ରିରେ ସେଇ ନିଛାଟିଆ ନଈକୂଳିଆ ରାସ୍ତାରେ କୌଣସି ଜରୁରୀ କାମରେ ଯିବାକୁ ବାଧ୍ୟ ହୋଇଥାନ୍ତି। କାରଣ ରାସ୍ତାଟି ପ୍ରାୟତଃ ସର୍ବଦା ନିର୍ଜନ ଥାଏ।

ଏବେ କିନ୍ତୁ ସବୁ ବଦଳିଯାଇଛି ସମୟ ସ୍ରୋତରେ। ସେଇ ବାଟଦେଇ ଏବେ ଅଳ୍ପଲୋକ ଯିବା ଆସିବା କରନ୍ତି। ତେବେ ଗଲାବେଳେ ଏବେ ମଧ୍ୟ ଲୋକେ ସେ ତୋଟା ଓ ତା ଭିତରେ ଥିବା କୋଠିଆଡ଼କୁ ଅନାଇ ଭୟ ପାଇଯାଇଥାନ୍ତି ଏକ ଅଜଣା ଆଶଙ୍କାରେ। ତୋଟାରେ ଆଉ ନାମୀ, ଦାମୀ ଗଛ ନାହିଁ, କେବଳ କେତୋଟି ପୁରୁଣା ଆମ୍ବଗଛ ଠିଆହୋଇ ରହିଛି ସାକ୍ଷୀ ହୋଇ। ସେଥିରୁ ଫଳୁଥିବା ଆମ୍ବ କିଏ, କେତେବେଳେ ନେଇଯାଏ ଜଣାପଡ଼େନି। ସାରା ତୋଟାଟା ବଣୁଆ ବୁଦା ଗୁଳ୍ମରେ ଭର୍ତ୍ତି। ବୁଲା ଗୋରୁମାନେ ଅବାଧରେ ତା ଭିତରେ ପଶନ୍ତି ଖାଦ୍ୟ ପାଇଁ। କେହି ସେଥିରେ ବାଧା ଦେବାକୁ ନଥାନ୍ତି। କଥିତ କୋଠିକୁ ଅନାଇଲେ ଆହୁରି ଭୟଙ୍କର ଦିଶେ। କୋଠୀର ଦାମି ଜିନିଷପତ୍ର ଆଉ ନାହିଁ। ଝରକା, କବାଟ ମଧ୍ୟ ଭାଙ୍ଗିଗଲାଣି। ଛାତରୁ ଅନେକ ଜାଗାରେ ବର୍ଷାରେ ପାଣି ଝରେ। ଭିତରଟା ଲତା, ଗୁଳ୍ମରେ ଭର୍ତ୍ତି ଓ ସରୀସୃପ, ଶୃଗାଳ ଇତ୍ୟାଦିଙ୍କର ବାସସ୍ଥଳୀ ପାଲଟିଯାଇଛି। ବେଳେବେଳେ ସେହି କୋଠି ଭିତରୁ କୃଷ୍ଣପକ୍ଷ ଅନ୍ଧାର ରାତିରେ ପୁରୁଷଲୋକର ପାଟି ଶୁଣାଯାଏ କେତେବେଳେ ଦିଜଣ ପୁରୁଷଙ୍କର ପାଟି, ଯୁକ୍ତିତର୍କ ମଧ୍ୟ ଅତି ଅସ୍ପଷ୍ଟ ଶୁଣାଯାଏ। ବେଳେବେଳେ ସେମାନଙ୍କ କର୍କଶ ସ୍ୱର ମଧ୍ୟ ଲୋକେ ଶୁଣିଥାନ୍ତି। ଲୋକଙ୍କର ବିଶ୍ୱାସ- ସେଠାରେ ଦି'ଟା ବ୍ରହ୍ମରାକ୍ଷସ ବାସ କରନ୍ତି ଏବଂ ସେମାନଙ୍କ ଭିତରେ ହେଉଥିବା ଯୁକ୍ତିତର୍କ ବାହାରକୁ ଶୁଣାଯାଏ।

ପାଖରେ ବୋହି ଯାଉଥିବା ନଦୀରେ ବର୍ଷାସାରା ପାଣି ଭର୍ତ୍ତି ହୋଇ ରହେନାହିଁ। ବର୍ଷାଦିନ ଛଡ଼ା ଖରାଦିନେ ଏଥିରେ ଅଳ୍ପ ପାଣି ପ୍ରବାହିତ ହୁଏ। ଅନେକ ସ୍ଥାନରେ ବାଲି ଦେଖାଯାଏ। ଲୋକେ ସେ ସମୟରେ ନଦୀ ଭିତରେ ଚାଲିକରି ଯାଇଥାନ୍ତି। କେବଳ ବର୍ଷାଦିନେ ନୌକାର ସାହାଯ୍ୟ ଲୋଡ଼ାପଡ଼େ। ତେବେ କଥିତ ତୋଟା ନିକଟସ୍ଥ ରାସ୍ତାଟାରେ ଲୋକଙ୍କ ଗତାଗତ ଖୁବ୍ କମ୍। ବିଶେଷତଃ ସନ୍ଧ୍ୟାପରେ ଏଇ ରାସ୍ତାଟା ପ୍ରାୟତଃ ଶୂନ୍‌ଶାନ୍ ହୋଇଯାଏ। ରାତିରେ ନଈକୂଳ ବୁଦାମୂଳରୁ ଏବଂ ତୋଟା ଭିତରୁ ବିଲୁଆଙ୍କ 'ହୁକେ-ହୋ' ଡାକ ଏଇ ନିର୍ଜନତାକୁ ଆହୁରି ଭୟଙ୍କର କରିଦିଏ।

ନଈକୂଳସ୍ଥ ତୋଟାଟା କଲ୍ୟାଣପୁର ରାଜସ୍ୱ ଗ୍ରାମର ଏକ ଅଂଶ। ଗ୍ରାମଟା ଏଇ ଅଂଚଳର ଏକ ପୁରାତନ ଆଭିଜାତ୍ୟପୂର୍ଣ୍ଣ ଗ୍ରାମ। ଏଠାରେ ଅନେକ ଧନୀକ ବର୍ଗର ଲୋକେ ବସବାସ କରନ୍ତି। ଅଧିକାଂଶ ବଙ୍ଗାଳୀ ପରିବାର ସେମାନଙ୍କ ପୂର୍ବପୁରୁଷ ଅନେକ ବର୍ଷ ଆଗରୁ ବଙ୍ଗଦେଶରୁ ଆସି ଏଠାର ବାସ କରୁଛନ୍ତି। ଅଧିକାଂଶ ସ୍ଥାନୀୟ ଜମିଦାରଙ୍କର ପୂର୍ବତନ କର୍ମଚାରୀ, ଅଥବା ବର୍ତ୍ତମାନର କର୍ମଚାରୀ। ସେମାନଙ୍କ ପିଲାମାନେ ବିଦ୍ୟାଳୟରେ ଓଡ଼ିଆ ପଢ଼ନ୍ତି। ବାହାର ଲୋକଙ୍କ ସହିତ ଓଡ଼ିଆରେ ସ୍ୱଷ୍ଟ ଭାବରେ କଥା ହୋଇଥାନ୍ତି, କିନ୍ତୁ ଘରେ ନିଜ ପରିବାର ଭିତରେ, କିମ୍ବା ନିଜର ବନ୍ଧୁବାନ୍ଧବଙ୍କ ସହିତ ତାଙ୍କ ମାତୃଭାଷାରେ କଥାହୁଅନ୍ତି। ତାହା ସେମାନଙ୍କର ସ୍ୱାଭିମାନର ବିଷୟ। ସେଇ କଲ୍ୟାଣପୁର ଗ୍ରାମରେ ଅଛି ଜମିଦାର ବଂଶର ଖାନଦାନୀ ଉଆସ। ଇଂରେଜ ସରକାର ୧୮୦୩ ମସିହାରେ ଆମ ଓଡ଼ିଶାକୁ ଦଖଲ କଲାପରେ ତାଙ୍କ ପ୍ରିୟ ଲୋକ ବଙ୍ଗାଳୀମାନଙ୍କ ପ୍ରଭାବ ଓଡ଼ିଶାରେ, ବିଶେଷତଃ, "ମୋଗଲବନ୍ଦୀ" ଅଂଚଳରେ ବିଶେଷ ଭାବରେ ପଡ଼ିଥିଲା। ଜମିଦାରୀ ପ୍ରଥା ଲାଗୁ ହେବାପରେ ଅଧିକାଂଶ ଜମିଦାରୀ ଏଇ କଥିତ ବଙ୍ଗାଳୀମାନେ ହାସଲ କରିପାରିଥିଲେ ଇଂରେଜଙ୍କ ଅଫିସ କଲିକତା ମାଧ୍ୟମରେ। କଲ୍ୟାଣପୁରଠାରେ ମଧ୍ୟ ଜନୈକ ବଙ୍ଗାଳୀ ପରିବାରର ଏଇ ଅଂଚଳର ଏକ ବୃହତ୍ ଅଂଶର ଜମିଦାରୀ ହାସଲ କରିପାରିଥିଲେ। ସେମାନଙ୍କର ଉତ୍ତରପୁରଷ ହେଲେ ବର୍ତ୍ତମାନର କଥିତ ଜମିଦାର-ଶୈଳେନ୍ଦ୍ର ଚୌଧୁରୀ। ତାଙ୍କ ପିତା ଥିଲେ ସୌମେନ୍ଦ୍ର ଚୌଧୁରୀ। ଚୌଧୁରୀ ପରିବାରର ପୈତୃକ ବାସସ୍ଥାନ ଥିଲା ବଙ୍ଗଦେଶର ନଦୀୟ ଜିଲ୍ଲାରେ। ଏଠାକାର "ଜମିଦାର" ହେବାପରେ ଏକ କଲ୍ୟାଣପୁର ଗାଁରେ ଏକ ସଦୃଶ୍ୟ କୋଠା ନିର୍ମାଣ କରି ସ୍ଥାୟୀଭାବରେ ରହିଗଲେ ପୁରୁଷାନୁକ୍ରମରେ। କୋଟାଟିକୁ ଲୋକେ "ଉଆସ" ବୋଲି କହିବାକୁ ଲାଗିଲେ।

ଜମିଦାର ଶୈଳେନ୍ଦ୍ର ଥିଲେ ଯୁବକ, ବିବାହିତ, ଗୋଟିଏ ପୁତ୍ର ସନ୍ତାନର ଜନକ, ଆତ୍ମଗର୍ମୀ, ଅହଙ୍କାରୀ, କ୍ରୁର ପ୍ରକୃତିର ଲୋକ। ତାଙ୍କର ପୂର୍ବପୁରୁଷ ଅନେକ ବର୍ଷ ଧରି ଏଠାରେ ରହି ଆସିଥିଲେ ଏବଂ ତାଙ୍କର ଜନ୍ମ ଏଇ ଓଡ଼ିଶା ମାଟିରେ ହୋଇଥିଲେ ମଧ୍ୟ ସେ କେବେ ଓଡ଼ିଶାରେ କଥାବାର୍ତ୍ତା କରୁନଥିଲେ ତାଙ୍କର କର୍ମଚାରୀ ତଥା ପ୍ରଜାମାନଙ୍କ ସହିତ। କଲିକତାରୁ ସେତେବେଳର ଏଣ୍ଟ୍ରାନ୍ସ (ବର୍ତ୍ତମାନ ମ୍ୟାଟ୍ରିକ୍ୟୁଲେଶନ) ପାଶ୍ କରିଥିଲେ, କିନ୍ତୁ ସେ ଜଣେ ଗ୍ରାଜୁଏଟ୍ ବୋଲି ସମସ୍ତଙ୍କୁ କହୁଥିଲେ। କଥାରେ ଅଛି- "ସ୍ୱର୍ଗକୁ ନିଶୁଣି ନାହିଁ ବଡ଼ ଲୋକକୁ ଉତ୍ତର ନାହିଁ"। ଲୋକେ ସବୁଜାଣି ସବୁ ଶୁଣି ମଧ୍ୟ ଚୁପ୍ ରହୁଥିଲେ ଜମିଦାର ସେ, ତାଙ୍କ ସହିତ କିଏ ଅବା ଯୁକ୍ତି କରିବ? ତାଙ୍କ ପିତା ସୌମେନ୍ଦ୍ର ଚୌଧୁରୀଙ୍କର ଯୁବାବସ୍ଥାରେ ଟାଇଫଏଡ୍ ରୋଗରେ ଅକାଳ ବିୟୋଗ ହେବାଫଳରେ ସେ "ଜମିଦାର" ପଦରେ ଅଭିଷିକ୍ତ ହେଲେ। ଶୈଳେନ୍ଦ୍ରଙ୍କ ପିତାମହ କଥିତ ତୋଟା ଓ କୋଠି (ରଙ୍ଗମହଲ) ତିଆରି କରିଥିଲେ। ପିତାମହ ଓ ପିତା ସୌମେନ୍ଦ୍ର ଚୌଧୁରୀ ଏହି କୋଠିକୁ ଅବସର ବିନୋଦନ ପାଇଁ ବ୍ୟବହାର କରୁଥିଲେ। ସେମାନେ ଥିଲେ ଗୁଣଗ୍ରାହୀ। ଅନେକ ସମୟରେ ସେଇ ଅଂଚଳର ଜଣାଶୁଣା ସଙ୍ଗୀତଜ୍ଞ, କବି, ଗୀତିକାର ଓ କଳାକାରମାନଙ୍କୁ ସେଠାକୁ ନିମନ୍ତ୍ରଣ କରି ସାଂସ୍କୃତିକ କାର୍ଯ୍ୟର ଆୟୋଜନ କରୁଥିଲେ ଏବଂ ସ୍ଥାନୀୟ ଗ୍ରାମବାସୀମାନେ ମଧ୍ୟ ତାହା ବିନା ଦ୍ୱିଧାରେ ଉପଭୋଗ କରୁଥିଲେ। ସେମାନେ ଥିଲେ ଦୟାଳୁ, ପ୍ରଜାବତ୍ସଳ ଜମିଦାର। ପ୍ରଜାମାନଙ୍କ ସୁଖଦୁଃଖ କଥା ହୃଦୟଙ୍ଗମ କରୁଥିଲେ। କିନ୍ତୁ ଶୈଳେନ୍ଦ୍ର ଚୌଧୁରୀଙ୍କ ସ୍ୱଭାବ ଥିଲା ସେ ସବୁର ବିପରୀତ। ତାଙ୍କ ସମୟରେ ହିଁ ଉକ୍ତ ତୋଟା ଓ କୋଠି ଏକ ନିଷିଦ୍ଧାଂଚଳରେ ପରିଣତ ହୋଇଗଲା। ସେ ସେଠାରେ ଅନେକ ଅନୈତିକ, ବ୍ୟଭିଚାରଯୁକ୍ତ କାର୍ଯ୍ୟ କରିବାକୁ ଲାଗିଲେ ନିଜର ଆଧିପତ୍ୟ ବଳରେ। ସେ ଥିଲେ ଉକ୍ତ ଜମିଦାରୀର ସର୍ବମୟ କର୍ତ୍ତା। ଏଇ କାର୍ଯ୍ୟ ପାଇଁ ତାଙ୍କ ଧର୍ମପତ୍ନୀ, ଯାହାଙ୍କ ପିତ୍ରାଳୟ ମେଦିନୀପୁରରେ ଥିଲା, ତାଙ୍କୁ ଅନେକ ବୁଝାଇଥିଲେ ହେଁ ତାହା ଜମିଦାରଙ୍କ ଉପରେ ଆଦୌ ପ୍ରଭାବ ପକାଇ ପାରୁନଥାଏ। "ନଷ୍ଟସ୍ୟ କାନ୍ୟା ଗତିଃ" ଜମିଦାରଙ୍କୁ ଏଇ କୁତ୍ସିତ କାର୍ଯ୍ୟରେ ତାଙ୍କୁ ତାଙ୍କର ଦୁଇ ପ୍ରମୁଖ ଯୁବକ ପାଇକ (ପିଆଦା) ସହାୟତା କରୁଥିଲେ। ତନ୍ମଧ୍ୟରୁ ଭୂପେନ୍ ମଣ୍ଡଳ ଥିଲେ ପ୍ରଥମରେ।

ଭୂପେନର ବାପା ଦୀପକ ମଣ୍ଡଳ ଥିଲେ ପୂର୍ବତନ ଜମିଦାର ସୌମେନ୍ଦ୍ର ଚୌଧୁରୀଙ୍କ ଅତି ବିଶ୍ୱସ୍ତ ପିଆଦା (ପାଇକ)। ସବୁବେଳେ, ସବୁକାର୍ଯ୍ୟରେ ସେ ଜମିଦାରଙ୍କ ପାଖେ ପାଖେ ରହୁଥିଲେ। ବୟସ ବେଶୀ ହୋଇଯିବାରୁ ସେ କାର୍ଯ୍ୟରୁ ଅବସର ନେଇ ତାଙ୍କ ସ୍ଥାନରେ ତାଙ୍କର ଏକମାତ୍ର ପୁତ୍ର ଭୂପେନକୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଇଲେ। ତେବେ ଭୂପେନ୍ ଚାକିରି କରିବାର ମାତ୍ର ଛ'ମାସସ ପରେ ଜମିଦାରଙ୍କର ଟାଇଫଏଡରେ ଅକାଳ ବିୟୋଗ ଘଟିଲା ଏବଂ ନୂତନ ଜମିଦାରୀ ଶୈଳେନ୍ଦ୍ରଙ୍କ ପାଖରେ ସେ ଚାକିରି କଲେ। ଭୂପେନ ଅଳ୍ପ ବୟସରୁ ମଦ୍ୟପାନ ତଥା ଅନ୍ୟାନ୍ୟ ଗର୍ହିତ କର୍ମରେ ଲିପ୍ତ ଥିବାର ଅନେକ ପ୍ରମାଣ ଅଛି। ତେବେ "ଯୋଗ୍ୟା ଯୋଗ୍ୟେନ ଯୋଜୟେତ୍" ନୀତିରେ ଯୁବକ ଜମିଦାର ଏବଂ ଯୁବକ ପିଆଦାର ପ୍ରକୃତି, ସ୍ୱଭାବ ଏକାପରି ହୋଇଥିବାରୁ ସେମାନଙ୍କ ମଧ୍ୟରେ ଖୁବ୍ ଶୀଘ୍ର ଆତ୍ମୀୟତା ବଢ଼ିଗଲା ଏବଂ ସେ ଜମିଦାରଙ୍କର ଅତି ବିଶ୍ୱସ୍ତ କର୍ମଚାରୀ ପାଲଟିଗଲେ ଅନ୍ୟ ପୁରାତନ କର୍ମଚାରୀ (ପିଆଦା, ଅର୍ଦ୍ଦଳି, ଚାକରାଦି)ଙ୍କୁ ପଛରେ ପକାଇ। ବିଭିନ୍ନ ସମୟରେ ଜମିଦାର ଭୂପେନ ସହିତ ଗୋପନାରେ କଥା ହେଉଥିବାର ଲୋକେ ଦେଖୁଥିଲେ, ହେଲେ ଭୂପେନକୁ କେହି ଏ ସମ୍ବନ୍ଧରେ ପଚାରିବାକୁ ସାହସ କରୁନଥିଲେ। ସେ ଜମିଦାରଙ୍କ ଡାହାଣ ହାତ ପାଲଟି ଯାଇଥିଲେ କହିଲେ ଅତ୍ୟୁକ୍ତି ହେବନି।

ଜମିଦାରଙ୍କର ଅନେକ କର୍ମଚାରୀ ହେଲେ ଅଶୋକ ଦତ୍ତ। ସେ ଜମିଦାରୀର ପ୍ରମୁଖ ଗୁମାସ୍ତା (ସିରସ୍ତାଦାର), ବୟସ୍କ, ଶାନ୍ତ ସ୍ୱାଭାବର ଧର୍ମପରାୟଣ, ନୀତିବାନ, ବିଶ୍ୱସ୍ତ ବ୍ୟକ୍ତି ତାଙ୍କ ମହଲର। ପୂର୍ବତନ ଜମିଦାରଙ୍କ ଅମଳରୁ ସେ ଏହି ଗୁମାସ୍ତା ଦାୟିତ୍ୱରେ ରହି ନିଜର କର୍ତ୍ତବ୍ୟ ପରାୟଣତା ଏବଂ ସାଧୁତା ଯୋଗୁଁ ଏବେ ପ୍ରମୁଖ ଗୁମାସ୍ତା ପଦରେ ଆସୀନ ହୋଇ ପାରିଛନ୍ତି। ପୂର୍ବତନ ଜମିଦାର ତାଙ୍କଠାରୁ ଜମିଦାରୀ ପରିଚାଳନା ବାବଦରେ ଅନେକ ସମୟରେ ପରାମର୍ଶ ଲୋଡୁଥିଲେ। ସେଇ ଅଭ୍ୟାସଟା ଏ ଯାଏ ରହି ଆସିଥିବାରୁ ଏବେ ମଧ୍ୟ ସେ ଅନେକ ସମୟରେ ଏବର ଯୁବକ ଜମିଦାରଙ୍କୁ ତାଙ୍କର ସୁପରାମର୍ଶ ଅଯାଚିତ ଭାବରେ ଦେଇ ପକାଇଥାନ୍ତି। ହେଲେ ସେ ସବୁର ଜମିଦାର ମହାଶୟଙ୍କୁ ଭଲ ଲାଗେନି। ମନେମନେ ବିରକ୍ତ ଓ କ୍ଷୋଭ ପ୍ରକାଶ କରୁଥିଲେ ମଧ୍ୟ ମୁହଁ ଉପରେ ଅଶୋକବାବୁଙ୍କୁ କିଛି କହିପାରନ୍ତିନି। କାରଣ ସେଥିଲେ ତାଙ୍କ ସିରସ୍ତାର ସର୍ବବରିଷ୍ଠ କର୍ମଚାରୀ। ତାଙ୍କ ପିତା ତଥା ପ୍ରଜାମାନଙ୍କର ଅତ୍ୟନ୍ତ ପ୍ରିୟ। ସର୍ବୋପରି ତାଙ୍କ ଧର୍ମପତ୍ନୀଙ୍କର ଅତି ବିଶ୍ୱସ୍ତ ଲୋକ। ହଠାତ୍ ତାଙ୍କ ପ୍ରତି କିଛି ପ୍ରତିକ୍ରିୟା ପ୍ରକାଶ କରିବାକୁ ଜମିଦାର ଭୟ କରୁଥିଲେ ଏବଂ ସମୟ ଓ ସୁଯୋଗର ଅପେକ୍ଷାରେ ଥିଲେ। ଏହା ଅଶୋକ ସବୁ ଜାଣିପାରୁଥିଲେ ମଧ୍ୟ ସ୍ୱଭାବବଶତଃ ହିତ ଉପଦେଶ ଦେବାରୁ ବିରତ ହେଉନଥିଲେ।

ଗୁମାସ୍ତା ଅଶୋକବାବୁଙ୍କ ଘର ସେଇ ଗାଁରେ। ତାଙ୍କ ପୂର୍ବପୁରୁଷ ମଧ୍ୟ ବଙ୍ଗଦେଶ, ମେଦିନୀପୁର ଅଂଚଳରୁ ଆସି ଏଠାରେ ଜମିଦାରଙ୍କ ପାଖରେ ଚାକିରି କରିଆସୁଛନ୍ତି। ସମୟକ୍ରମେ ଏଇ ଗାଁରେ ଘର, ଜମିବାଡ଼ିକରି ଏଠାରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ପାଲଟି ଯାଇଛନ୍ତି। ତାଙ୍କ ପରିବାରରେ ମୋଟ ପାଂଚଜଣ ସଦସ୍ୟ/ସଦସ୍ୟା। ସେ ତାଙ୍କ ଧର୍ମପତ୍ନୀ, ଦୁଇପୁଅ ଓ ଜଣେ ଝିଅ। ବଡ଼ପୁଅ ବାଦଲ ଘର ତଥା ଜମିବାଡ଼ି, ମୁଲିଆମଜୁରୀ କଥା ବୁଝେ। ସାନପୁଅ କଲିକତାରେ ଗୋଟେ କମ୍ପାନୀରେ କାମ କରେ। ସବା ସାନଝିଅ ସୁଚିତ୍ରା। ଗାଁ ହାଇସ୍କୁଲରୁ ମାଟ୍ରିକ୍ ପାଶ୍ କରି ଘରେ ଅଛି। ପାଖରେ କଲେଜ ନଥିବାରୁ କଲେଜ ଶିକ୍ଷାରୁ ବଂଚିତ ସେ। ଘରେ ମା'ଙ୍କୁ ଘରକାମରେ ସାହାଯ୍ୟ କରେ। ସୁଚିତ୍ରା ଦେଖିବାକୁ ସୁନ୍ଦରୀ, ହୃଷ୍ଟପୁଷ୍ଟ ଚେହେରା, ଖେଳ, କୁଦ, ଦୌଡ଼, ପହଁରା-ପହଁରିରେ ଦକ୍ଷତା ଅଛି। ସବୁବେଳେ ହସ-ହସ ମୁହଁ। ଗାଁରେ ସମସ୍ତେ ତାକୁ 'ଖୁକି' ବୋଲି ଡାକନ୍ତି। ବଙ୍ଗଳାରେ "ଖୁକି" ଶବ୍ଦର ଅର୍ଥ ଛୋଟ ବାଳିକା ଏବଂ "ଖୁକା"ର ଅର୍ଥ ଛୋଟ ବାଳକ।

କଲ୍ୟାଣପୁର ଗାଁର ଗୋଟେ ମୁଣ୍ଡରେ, ପୂର୍ବ ଦିଗରେ ଏକ ପୁରାତନ ଶିବ ମନ୍ଦିର। ଏଠାରେ କଲ୍ୟାଣେଶ୍ୱର ମହାଦେବ ପୂଜିତ ହୁଅନ୍ତି। ଏହି ଶିବ ଲିଙ୍ଗକୁ ଜମିଦାର ବଂଶର କେହି ସହୃଦୟ ଜମିଦାର କାଶୀ ଧାମରୁ ଆଣି ଏଠାରେ ପ୍ରତିଷ୍ଠା କରିଥିଲେ। ମନ୍ଦିରର ପୂଜା ବାବଦକୁ ସବୁ ଖର୍ଚ୍ଚ ଏଯାବତ୍ ଜମିଦାର ବଂଶ ବହନ କରିଆସୁଛନ୍ତି। ମନ୍ଦିର ନିକଟରେ ଏକ ବୃହତ ପୁଷ୍କରିଣୀ ଜମିଦାରଙ୍କ ଦ୍ୱାରା ଖୋଳିତ ହୋଇଛି। ଏହାକୁ "ରାଣୀ ସରୋବର" ବୋଲି କୁହାଯାଏ। ଏଠାରେ ପ୍ରତିବର୍ଷ ବୈଶାଖ ମାସରେ ମହାଦେବଙ୍କ ବାର୍ଷିକ ଉତ୍ସବ "ଚଡ଼କଯାତ୍ରା" ବା "ପାଟଯାତ୍ରା" ଆଡ଼ମ୍ବର ସହକାରେ ପାଳିତ ହୁଏ। ଠାକୁରଙ୍କ ସ୍ଥାୟୀ ତେର ଉକ୍ତ (ସେମାନଙ୍କୁ ଉକ୍ତା କୁହାଯାଏ) ହାକାଣ୍ଡ ଘାଟ (ଗାଧୋଆ ତୁଠ)ରୁ ସ୍ନାନାଦି କର୍ମ ସମାପନ କରି ପୂଜକଙ୍କ ସହ ଚଉଦଟି ସୁସଜ୍ଜିତ ମଣ୍ଡେଇ (ଘୂର୍ଣ୍ଣାୟମାନ ଛୋଟ ମନ୍ଦିର ସଦୃଶ ମଣ୍ଡପ)ରେ ବସି ବାହକମାନଙ୍କ ଦ୍ୱାରା ବିରାଟ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସି ବେଢ଼ା ପରିକ୍ରମା ଓ ଦିଅଁ ଦର୍ଶନ କଲାପରେ ବ୍ରତ ଉଦ୍‌ଯାପନ କରିଥାନ୍ତି। ଏଇ ଉପଲକ୍ଷେ ମନ୍ଦିର ପରିସରରେ ଏକ ମେଳା ମଧ୍ୟ ବସେ। ସେଇ ଗାଁ ତଥା ଆଖପାଖ ଗାଁରୁ ଲୋକେ ଏଇ ମେଳା ଦେଖିବାକୁ ଆସିଥାନ୍ତି। ଖାଲି କଲ୍ୟାଣପୁର ଗାଁ ନୁହେଁ, ଏହି ଅଂଚଳରେ ପ୍ରତ୍ୟେକ ଗ୍ରାମରେ ଉକ୍ତ ଯାତ୍ରା ଅନୁଷ୍ଠିତତ ହୁଏ ଚୈତ୍ର ଶେଷ ଏବଂ ବୈଶାଖ ମାସରେ। ଗ୍ରାମାଂଚଳରେ ସାଂସ୍କୃତିକ ତଥା ସାମାଜିକ ସମାବେଶରେ ଏହା ଏକ ଉତ୍କୃଷ୍ଟ ମାଧ୍ୟମ। ଲୋକଙ୍କ ମନୋରଂଜନ ନିମନ୍ତେ ରାତ୍ରିରେ ଯାତ୍ରା (ଅପେରା) ପାର୍ଟିର ମଧ୍ୟ ବନ୍ଦୋବସ୍ତ ହୋଇଥାଏ। କଲ୍ୟାଣପୁର ଗାଁର ଏହି ଉତ୍ସବର ସମସ୍ତ ଖର୍ଚ୍ଚ ଜମିଦାରଙ୍କ ରାଜକୋଷରୁ ବ୍ୟୟିତ ହୁଏ। ଏବର ଜମିଦାର ମଧ୍ୟ ଏଥିରେ କାର୍ପଣ୍ୟ ଦେଖାନ୍ତି ନାହିଁ। ଚଳିତବର୍ଷ ସେ ଅଧିକ ଉତ୍ସାହିତ ହୋଇ ରାତିଯାତ୍ରା (ଅପେରା) ନିମନ୍ତେ ବେଶୀ ଟଙ୍କା ଖର୍ଚ୍ଚ କରି ଏକ ବଡ଼ ଯାତ୍ରା ପାର୍ଟିର ମଧ୍ୟ ଆୟୋଜନ କରିଛନ୍ତି। ଅବଶ୍ୟ ଉକ୍ତ ଯାତ୍ରାପାର୍ଟି ମେଦିନପୁର ଜିଲ୍ଲାର ଏକ ବଙ୍ଗଳା ଯାତ୍ରାଦଳ। ସେ ଯାହାହେଉ, ଯାତ୍ରାଦିନ ମନ୍ଦିର ପରିସରରେ ଖୁବ୍ ଜନଗହଳି ହେଲା। ସ୍ୱୟଂ ଜମିଦାର ମଧ୍ୟ ନିଜର କର୍ମଚାରୀ ଭୂପେନ ମଣ୍ଡଳ ସହିତ ଯାତ୍ରାରେ ବୁଲୁଥିବାର ଦେଖାଗଲା। ଏହି ଜନଗହଳି ଭିତରେ ଜମିଦାର ଭୂପେନଙ୍କୁ ଅତି ଧୀର ସ୍ୱରରେ କଣ ସବୁ କହୁଥିଲେ। ଭୂପେନ୍ ଅଧିକ ଉତ୍ସାହିତ ହୋଇ କହୁଥାଏ "ଚିନ୍ତା କରନ୍ତୁନି, ଆଜି ରାତିରେ ସବୁ ଠିକ୍ ହୋଇଯିବ। ଆପଣଙ୍କ ଆଶା ପୂରଣ ହେବ। ହେଲେ ସେମାନଙ୍କ କଥାବାର୍ତ୍ତା ଜନତାଙ୍କ ହୋ-ହଲ୍ଲା ମଧ୍ୟରେ ଅନ୍ୟ କାହାରିକୁ ଶୁଣାଯାଉନଥିଲା।

ରାତି ପ୍ରାୟ ଦଶଟାବେଳକୁ ଯାତ୍ରାଭିନୟ ଆରମ୍ଭ ହୋଇଗଲା ଜମିଦାରଙ୍କ କଡ଼ା ନିର୍ଦ୍ଦେଶରେ। ଗାଁର ସ୍ତ୍ରୀ, ପୁରୁଷ, ପିଲା ତଥା ବାହାରୁ ଆସିଥିବା ଦର୍ଶକ ତା ପୂର୍ବରୁ ନିଜ ନିଜର ସ୍ଥାନ ସଂରକ୍ଷଣ କରି ସାରିଥିଲେ ଭିଡ଼ରୁ ରକ୍ଷା ପାଇବା ନିମନ୍ତେ। ଅଶୋକ ବାବୁଙ୍କ ପତ୍ନୀ ଏବଂ କନ୍ୟା ସୁଚିତ୍ରା ମଧ୍ୟ ଉକ୍ତ ଯାତ୍ରା ଦେଖିବାକୁ ଯାଇଥିଲେ ଗାଁର ଅନ୍ୟ ମହିଳାଙ୍କ ସହିତ। ଅବଶ୍ୟ ସେମାନଙ୍କୁ ସ୍ୱତନ୍ତ୍ର ସ୍ଥାନ ପ୍ରାପ୍ତି ହୋଇଥିଲା ଜମିଦାରଙ୍କ ପୁରାତନ, ବିଶିଷ୍ଟ ଗୁମାସ୍ତାଙ୍କ ପରିବାରର ଲୋକ ହିସାବରେ। ଯାତ୍ରାଦଳ ପ୍ରାୟତଃ ସାରା ରାତି ଯାତ୍ରା ପରିବେଷଣ କରିଥାନ୍ତି। ଯାତ୍ରା ଚାଲିବାର ପ୍ରାୟ ଘଂଟାକପରେ ସୁଚିତ୍ରା "ଏକ" ପାଇଁ ବାହାରକୁ ପଛ ପାଖକୁ ଅନ୍ଧାରିଆ ସ୍ଥାନକୁ ଉଠି ଚାଲିଗଲା। ଅନ୍ୟମାନେ ଯାତ୍ରା ଦେଖିବାରେ ବ୍ୟସ୍ତ। ହେଲେ ସୁଚିତ୍ରା ଫେରିବାର ବିଳମ୍ବ ହେବାକୁ ତା ମା' ବ୍ୟସ୍ତ ହୋଇପଡ଼ି ଚାରିଆଡ଼କୁ ଅନାଇଲେ, କିନ୍ତୁ ତାକୁ କେଉଁଠି ଦେଖିଲେ ନାହିଁ। ଭାବିଲେ, ବୋଧହୁଏ ସେ ତାର କେହି ସାଙ୍ଗ ପାଖରେ ବସି ଯାଇଥିବ। କିନ୍ତୁ ଅଧିକ ବିଳମ୍ବ ହେବାରୁ ତାଙ୍କ ମନକୁ ପାପ ଛୁଇଁଲା- ମା' ମନ ତ। ସେ ଯାତ୍ରାସ୍ଥଳରୁ ଉଠି ଚାରିଆଡ଼େ ଆଖି ବୁଲାଇ ସୁଚିତ୍ରାକୁ ନପାଇ ତା ବାପାଙ୍କୁ ଖବର ଦେଲା। ଦୁହେଁ ଯାତ୍ରା ସାରା ଭଲକରି ଅନାଇଲେ। ପ୍ୟାଟ୍ରୋମାକ୍ସ ଲାଇଟ୍‌ରେ (ସେ ସମୟରେ ବିଦ୍ୟୁତ୍ ଆଲୋକ ନଥାଏ) ଝାପସା ଦିଶୁଥିଲେ ମଧ୍ୟ ନିଜ ଝିଅକୁ ଚିହ୍ନିବାରେ ସେମାନେ କେବେ ଭୁଲ୍ କରିପାରିବେନି। ଆହୁରି କିଛି ସମୟ ଅପେକ୍ଷା କରି ସୁଚିତ୍ରାକୁ ନପାଇ ଉଭୟେ ଅଜଣା ଆଶଙ୍କାରେ ଆତଙ୍କିତ ହୋଇପଡ଼ିଲେ। ପୁଣି ଭାବିଲେ, ବୋଧହୁଏ କିଛି ଅସୁବିଧା ଯୋଗୁ ଘରକୁ ଚାଲି ଯାଇଥିବ। ତେବେ ଏକା କାହିଁକି ଯିବ ଏ ଅନ୍ଧାର ରାତିରେ। କାରଣ ସେଦିନ ଥିଲା ସୋମବାର, କୃଷ୍ଣଚତୁର୍ଦ୍ଦଶୀ, ଆକାଶଟା ପୁରା ଅନ୍ଧାର। ତଥାପି ମନ ନମାନିବାରୁ ଦୁହେଁ ଅନ୍ଧାରରେ ଟର୍ଚ୍ଚ ଆଲୁଅରେ ଚଂଚଳ ପାଦରେ ଘରମୁହାଁ ହେଲେ। ଘର ଆଗରେ ବାଡ଼ରେ ଥିବା ବାଉଁଶ ତାଟି ପାଖରେ ପହଂଚିଲାବେଳକୁ ଦେଖିଲେ ସୁଚିତ୍ରା ସେଇ ଅନ୍ଧାରରେ ଜୋର ପାଦରେ ରାସ୍ତାରୁ ତାଙ୍କ ଆଡ଼କୁ ପଛରେ ଆସୁଛି। ସଦ୍ୟ ଗାଧୋଇ ଆସିଲାପରି ଜଣାପଡୁଛି। ମୁକୁଳା, ଓଦା କେଶରୁ ସେ ଯାଏ ପାଣି ବୋହି ପଡୁଛି। ବାପା, ମା ତାକୁ କିଛି ପଚାରିବା ପୂର୍ବରୁ ସେ କଠିନ, ଗମ୍ଭୀର ସ୍ୱରରେ କହିଲା ଆଦି ଦି'ଦି'ଟା ରାକ୍ଷାସର ନିପାତ ହେଲା। ଏହା କହୁ କହୁ ସେ ଦ୍ରୁତ ପାଦରେ ଘର ଭିତରକୁ ପଶିଗଲା ବାପା, ମାଙ୍କୁ ପଛରେ ପକାଇଦେଇ।

ଯାତ୍ରାଟା ସେଦିନ ଭୋର ବେଳକୁ ସରିଯାଇଥିଲା। ତୋଟାର ଅନ୍ୟତମ ଜଗୁଆଳୀ ବୁଧିଆ, ଯିଏକି ରାତ୍ରିର ଯାତ୍ରା ଦେଖିବାକୁ ଯାଇଥିଲା, ଫେରିଆସି ଦେଖିଲା, ଫାଟକଠାରୁ ଅଳ୍ପ ଦୂରରେ ବାହାରେ ଅନ୍ଧାରରେ ଗୋଟେ ଲୋକ ପଡ଼ିଛି। ଫାଟକ ଖୋଲାଅଛି। ସେ ନିଜେ ଫାଟକକୁ ଭଲ ଭାବରେ ବନ୍ଦ କରି ଯାଇଥିଲା, ଅବଶ୍ୟ ଏହାର ଅନ୍ୟ ଗୋଟିଏ ଚାବି ଖୋଦ୍ ଜମିଦାରଙ୍କ ପାଖରେ ସବୁବେଳେ ଥାଏ। ତେବେ ଜମିଦାର ଆଜି ଅବେଳରେ ଏଠାକୁ କାହିଁକି ଆସିବେ। ତାଛଡ଼ା ସେ ନିଜେ ବୁଧିଆକୁ ଯାତ୍ରା ଦେଖିବାକୁ ଯିବାକୁ କହି ତା' ହାତରେ ପାଂଚଟଙ୍କା ମଧ୍ୟ ଦେଇଛନ୍ତି କଣ ସବୁ କିଣାକିଣି କରିବାକୁ। ଏ ଲୋକଟା ଏଠାକୁ ଆସିଲା କିପରି! ଫାଟକ ଖୋଲିଲା କିଏ! ଏଇ ଦୁର୍ଭାବନା ନେଇ ବୁଧିଆ ଫାଟକ ଭିତରକୁ ଯାଇ ଲୋକଟି ପାଖରେ ପହଂଚି ଅଳ୍ପ ଅନ୍ଧକାରରେ ତା ମୁହଁକୁ ଚାହିଁ ଚମକି ପଡ଼ିଲା। ଏ ଯେ ଭୂପେନ ମଣ୍ଡଳ "ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏଠାରେ ମରିପଡ଼ିଛି। ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବରେ ଜାଗାଟା ଲାଲ୍ ହୋଇଯାଇଛି। ବୁଧିଆ କିଛି ଭାବିନପାରି କୋଠି ଆଡ଼କୁ ଧାଇଁଯାଇ ଦେଖିଲାବେଳକୁ କୋଠିର ଠିକ୍ ବାହାରେ, କବାଟ ପାଖରେ ସ୍ୱୟଂ ଜମିଦାରଙ୍କର ରକ୍ତାକ୍ତ ଦେହଟା ନିଶ୍ଚଳାବସ୍ଥାରେ ପଡ଼ିରହିଛି। ମାଟିଟା ରକ୍ତରେ ଓଦା।

ଏଇ ଦୁଃସମ୍ବାଦ ବିଜୁଳି ପରି ଚାରିଆଡ଼େ ପ୍ରସାରିତ ହୋଇଗଲା। ଗାଁ ଏବଂ ଯାତ୍ରା ସ୍ଥଳରୁ ଲୋକେ ଧାଇଁ ଆସିଲେ ତୋଟା ଭିତରକୁ। ଯେଉଁମାନେ ତୋଟା ଭିତରକୁ ସ୍ୱପ୍ନରେ ବି ଆସିବାକୁ ସାହସ କରୁନଥିଲେ ସେମାନେ ମଧ୍ୟ ଧାଇଁ ଆସିଲେ ଘଟଣାଜାଣିବାପାଇଁ। ଦୁଇଜଣଙ୍କ ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇ ଏମାନଙ୍କର ମୃତ୍ୟୁ ଘଟିଛି। କିନ୍ତୁ ଏମାନଙ୍କୁ ଏଠାର ଏପରି ଅବସ୍ଥାରେ କିଏ ବା କେଉଁମାନେ ହତ୍ୟାକଲେ ଏବଂ ହତ୍ୟାର କାରଣ କେହି ଠଉରେଇ ପାରିଲେନି। କୋଠି ଭିତରେ ଦୁଇଟି ଦାମୀ ବିଦେଶୀ ମଦ ବୋତଲ ପଡ଼ିଥିଲା ଏବଂ ସେଗୁଡ଼ିକରେ ମଦର କିଛି ଅଂଶ ମଧ୍ୟ ସେ ଯାଏ ଥିଲା। ପୋଲିସ ସନ୍ଧାନୀ କୁକୁର ନେଇ ତଦନ୍ତ କଲେ। କୁକୁର ପାଖ ନଦୀକୂଳ ଯାଏ ଯାଇ ଫେରିଆସିଲା। ପୋଲିସ କହିଲା ହତ୍ୟାକାରୀ ନଈ ପାରିହୋଇ ପଳାଇଯାଇଛି। ଡାକ୍ତର ପରୀକ୍ଷା କରି ରିପୋର୍ଟ ଦେଲେ ଯେ ଦୁହେଁ ନିଶାସକ୍ତ ଥିବା ଅବସ୍ଥାରେ ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ପ୍ରଚୁର ରକ୍ତସ୍ରାବ ହେତୁ ଦୁହିଁଙ୍କର ମୃତ୍ୟୁ ଘଟିଛି। ଏଇ ଘଟଣାର ପ୍ରାୟ ସପ୍ତାହକ ପରେ ଗାଁର ଦୁଇଜଣ ଲୋକ ନଈରେ ଖରାଦିନେ ମାଛ ଧରୁଥିବାବେଳେ ନଈକୂଳସ୍ଥ ଏକ ବୁଦାରେ ଶୁଖିଲା ରକ୍ତ ଲାଗିଥିବା ଗୋଟେ ବାଉଁଶମୂଳି ମୁଗୁର (ଯାହା ଗୋରୁ, ଗାଈଙ୍କ ଦଉଡ଼ିର ଖୁଣ୍ଟକୁ ପୋତିବାପାଇଁ ବ୍ୟବହାର କରାଯାଏ) ପଡ଼ିଥିବାର ଦେଖିଥିଲେ।


ଏଇଠି କାହାଣୀର ପରିସମାପ୍ତି ଘଟିନଥିଲା। ଜମିଦାରଙ୍କ ଅକାଳ ଓ ଆକସ୍ମିକ ମୃତ୍ୟୁରେ ଜମିଦାର ପତ୍ନୀ ଅତ୍ୟନ୍ତ ଭୟଭୀତା ଓ ଅସହାୟା ହୋଇ ନିଜର ତଥା ନିଜ ନାବାଳକ ପୁତ୍ରର ସୁରକ୍ଷା ନିମନ୍ତେ ନିଜ ବାପଘର ମେଦିନୀପୁରରୁ ଚାଲିଯାଇଥିଲେ। ନିଜର ଅତ୍ୟନ୍ତ ବିଶ୍ୱାସୀ ପୁରାତନ କର୍ମଚାରୀ ଗୁମାସ୍ତା ଅଶୋକ ବାବୁଙ୍କ ହାତରେ ଜମିଦାରୀ ଓ ଉଆସର ସମସ୍ତ ଦାୟିତ୍ୱ ଦେଇ।

ଅବଶ୍ୟ ଏହାର କିଛିଦିନ ପରେ ସରକାର ଜମିଦାରୀ ପ୍ରଥା ଉଚ୍ଛେଦ କଲେ ଏବଂ ସାଧାରଣ ପ୍ରଜା ଜମିଦାରମାନଙ୍କ ଉତ୍ପୀଡ଼ନରୁ ମୁକ୍ତ ହୋଇ ଶାନ୍ତିରେ ଟିକେ ନିଃଶ୍ୱାସ ମାରିଲେ। ବିଳାସପୂର୍ଣ୍ଣ କୋଠି ଏବଂ ସୁରମ୍ୟ ତୋଟା ସମୟକ୍ରମେ ବ୍ରହ୍ମରାକ୍ଷସର ଆବାସସ୍ଥଳୀ ପାଲଟିଗଲା। ଏବେ କର୍ପୁର ଉଡ଼ିଯାଇ କନାର ଛୋଟ ଟୁକୁରାଟେ କେବଳ ପଡ଼ିରହିଛି ଅତୀତର ମୂକସାକ୍ଷୀ ଭାବରେ- ସେଇ ଭଙ୍ଗା କୋଠୀ, ନୀରସ ବୃକ୍ଷହୀନ ତୋଟା ଆଉ ପୁରୁଣା ରଙ୍ଗ ଛଡ଼ା ଉଆସ।


+ମୋ: ୯୪୩୮୬୮୨୬୬୭


# କର୍ତ୍ତବ୍ୟପରାୟଣତା

## ସୁନନ୍ଦା ମହାନ୍ତି



ପାର୍ବଣ ସମୟ, ସହର୍ ବସ୍ତି ସାହି ଗହଳି ପୂର୍ଣ୍ଣ। ମାଆ ଦୁର୍ଗାଙ୍କର ମୃଣ୍ମୟ ସୁସଜ୍ଜିତ ମୂର୍ତ୍ତୀ ସାଙ୍ଗକୁ ତୋରଣ ସବୁ ବହୁ ଡିଜାଇନର ସହ କରିବାରେ ଅଳିଆ ଅପରିଷ୍କାର ତ ନିଶ୍ଚୟ ରହିବ। ଭୋର୍ ଭୋର୍‌ରୁ ଉଠି ଶଙ୍କର ସବୁଦିନ ପରି ସହର ସାରା ଓଳେଇ ଚିକ୍କଣ କରିଦେଇଥାଏ ସକାଳୁ ସକାଳୁ ଲାଗେ ରାତିର ଆକାଶରେ ଚାନ୍ଦ ଉଇଁ ସବୁଆଡ଼େ ଯେମିତି ଦିଶେ। ସେକଥା କେହି କହୁ ନକହୁ ଶଙ୍କର ଛାତି କୁଣ୍ଢେ ମୋଟ ହୋଇଯାଏ। ନିଜର ସବୁ ଦୁଃଖ ଜଞ୍ଜାଳ ଦୁର୍ଦ୍ଦଶା ଓ ହତାଶ ଭୂଲି ନିଜେ ନିଜକୁ ଚନ୍ଦ୍ର ଭାବେ। ସତରେ ନିଜକୁ ଅର୍ଥାତ ନିଜ କାମକୁ ବହୁତ୍ ଭଲପାଇ କାମ କରିଯାଏ ଶଙ୍କର। କର୍ତ୍ତବ୍ୟ ଆଗରେ ସବୁ ତୁଚ୍ଛ ଲାଗେ ତାକୁ। ବଢ଼ିଲା ଦୁଇ ଝିଅ ବିବାହ ଯୋଗ୍ୟା। କିଏ ବାହା ହେବ ବିନା ଯୌତୁକରେ ତାଙ୍କୁ। ଦୁହେଁ ମାଟ୍ରିକ ପାସ କଲେ ବି ଚାକିରୀ ନାହିଁ। ହୁଏତ ନିଜ ଏରିଆରେ ଥିଲେ ଯାହାକିଛି ହେଇଥାନ୍ତା! ଦୁଇ ପୁଅ ଗ୍ରାଜୁଏଟ ହୋଇ ନା ଏକୁଳର ନା ସେକୁଳର। ସେଥିରେ ଲୁନା ଟିଏ ପାଇଁ କାହାର ମନ ତ ଉଚ୍ଚ ଶିକ୍ଷା ପାଇଁ କାହାର ମନ। ତା ପାଇଁ ଦୁଃଖରେ ଦୁଃଖି, ସୁଖରେ ସୁଖି ହୋଇ ରତନୀ ତାରି ପରି କାମ କରିବାକୁ ଆଗ୍ରହୀ କିନ୍ତୁ ବାରଣ କରେ ଶଙ୍କର। ଏବେବି ରତନୀ କୁ ଦେଖିଲେ ତାକୁ ନିଶା ଘାରେ, ଆଉ କହାକୁ ଯେ ନଘାରିବ କିଏ କହିବ? ସହଜେ ଚିନ୍ତା ରୋଗ ଖାଉଛି ରତନୀକୁ। ଭଗବାନଙ୍କୁ ଡାକି ନିଜ ରୋଜଗାରରେ ନିଅଣ୍ଟିଆ ସଂସାର ଚଳୁଛି ଚାଲୁ। ଝିଅ ଦୁହେଁ ସିଲେଇ ମେସିନ ପକେଇ ଓ କତା କାମ କରି ତା ପାଇଁ ବଳ ଯୋଗାନ୍ତି ସତ। ହେଲେ ଦେଖିବାକୁ ମାଆ ପରି ଦୁଇଝିଅଙ୍କୁ ରୂପ ଗୁଣ ପାଇଁ କୋଉ ବର ମିଳୁଛି?

ସେଦିନ ପାର୍ବଣ ଋତୁରେ ନିଜ ଅଳିଆ ଗାଡ଼ିରେ କୋଦାଳ ଓ ଖଣନ୍ତି ଧରି ଘଡ ଘଡ କରି ଗାଡି ଠେଲି ମୁହଁ ଅନ୍ଧାରରେ ଚାଲିଲା ଶଙ୍କର। ବାଟରେ ଘାଟରେ ତା ଗାଡି ଶବ୍ଦ ଶୁଣି କୋଉ ମଉସାର ନିଦ ଭାଙ୍ଗି ଫୁଲ ତୋଳି ଯାଏ ତ କୋଉ ମାଉସୀ ଧଡ ପଡ ହୋଇ ଆଳତୀ ଦେଖିବାକୁ ଉଠି ନିତ୍ୟ କର୍ମ୍ କରେ। କେହି କେହି ରାତି ପାହିଲାଣି ବୋଲି ଉଠିଆସନ୍ତି ବାହାରକୁ, ତାକୁ ଦେଖି ହସିଦିଅନ୍ତି ନିର୍ମଳ ହସ। ପଚାରିଦିଅନ୍ତି ପଦେ ଅଧେ, ସେତିକିରେ ତା ଗାଡି ଠେଲି ଆଗକୁ ମାଡ଼ିଚାଲେ ଆହୁରି ଘର ଘର ଶବ୍ଦରେ, ରଥ ବଡ଼ଦାଣ୍ଡରେ ଗଡ଼ିବା ପରି। ଭାବ ଓ ଭକ୍ତିର ସଭାବର ସଦିଚ୍ଛାରେ।

ଖଡିକାରେ ଅଳିଆ ତୋଳି ଖଇନ୍ତିରେ ଗଦା ଅଳିଆ ଉଠେଇ ଠେଲା ଗାଡ଼ିରେ ଭରୁ ଭରୁ ନୋଟ ବିଡା ଗୁଡା ପୁଡିଆରୁ ବାହାରି ଖେଳେଇ ହୋଇଗଲେ ଠେଲା ଗାଡି ସାରା।

ସକାଳୁ ସକାଳୁ, ଶଙ୍କର ଥାନା ଦୁଆରେ। କହିଲା ସବୁକଥା ରମେଶ ବାବୁ, ବହୁତ ଭଲ ମଣିଷ, ଥାନା ଅଧିକାରୀ କହିଲେ ତୁ ପାଇଛୁ ତୋର, ଆଉ ଭାବୁଛୁ କଣ? ନାହିଁ ବାବୁ କାହାର ହୋଇଥିବ, କିଏ କେତେ ଖୋଜୁଥିବ। ପ୍ରମାଣ ଦେଖାଇ ତା ପଇସା ନେଇଯାଉ, ହେଲେ ମିଡିଆ ସମାଜ ଲୋକ ଗଦା ହୋଇଗଲେ ବି କେହି ଦାବିଦାର ନଥିଲେ। ପୂଜାରେ ପାଇଥିବା ଟଙ୍କା ନିଶ୍ଚୟ ମାଆ ଦୁର୍ଗା ଦେଇଛନ୍ତି ଭାବି, ବସ୍ତିରେ ବହୁ ଧୁମଧାମରେ ଦୁର୍ଗା ପୂଜା ପାଳନ କଲା ଶଙ୍କର। ମାଆ ଦୁର୍ଗାଙ୍କ ଆଶୀର୍ବାଦରୁ ଦୁଇ ଝିଅ ବିଭା ସହ ଦୁଇ ପୁଅ ଚାକିରି କରିଗଲେ ମଧ ଶଙ୍କର ତା କର୍ତ୍ତବ୍ୟ ଭୂଲିନଥିଲା। ଆଉ ସ୍ତ୍ରୀ ରତନୀ, ଆଦିବାସୀ ଝିଅର ଭଲପାଇବାକୁ ମଧ ପ୍ରଶଂସା କରୁଥିଲା ଜନଜାତି କର୍ତ୍ତବ୍ୟ ପରାୟଣ ସଚ୍ଚୋଟ ନିର୍ଭିକ ତଥା ସାହାସୀ ପୁଅ ଶଙ୍କର। ଅଳିଆ ଆବର୍ଜ୍ଜନା ସଫା ରଖି ସହରକୁ ସ୍ୱଚ୍ଛ ରଖି ନିଷ୍କାମ କର୍ମ କରିଥିବାରୁ ତାକୁ ପୁରସ୍କୃତ ମଧ କରାଯାଇଥିଲା।


+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

# ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କୁ ସଂରକ୍ଷଣ ଦାବିରେ ବିଧାନସଭା ସମ୍ମୁଖରେ ବିଜେପିର ପ୍ରତିବାଦ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ଶିକ୍ଷାରେ ସଂରକ୍ଷଣ ଦାବୀ କରି ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ବିଧାନସଭା ସମ୍ମୁଖ ଲୋୟର ପିଏମଜିଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ସମେତ ବହୁ ବିଧାୟକ ପ୍ରମୁଖ ପ୍ରତିବାଦ ସଭାରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଓବିସି ବର୍ଗ ପ୍ରତି ଥିବା ବୈମାତୃକ ମନୋଭାବକୁ କଡା ଭାଷାରେ ନିନ୍ଦା କରିବା ସହିତ ସଂରକ୍ଷଣ ପ୍ରସଙ୍ଗରେ ତୁରନ୍ତ ନିଷ୍ପତି ନେବା ପାଇଁ ଦାବୀ କରିଛନ୍ତି ।
ଓଡିଶା ଜନସଂଖ୍ୟାର ୫୨ ପ୍ରତିଶତ ହେଉଛନ୍ତି ଓବିସି ବର୍ଗ । ବୈମାତୃକ ମନୋଭାବ ରଖିଥିବା ରାଜ୍ୟ ସରକାର ଓବିସି ବର୍ଗଙ୍କୁ କେବଳ ଅଣଦେଖା କରୁନାହାନ୍ତି ବରଂ ତାଙ୍କୁ ସାମ୍ବିଧାନିକ ଅଧିକାର, ଶିକ୍ଷା, ଚାକିରୀରୁ ଆଦି କ୍ଷେତ୍ରରେ ବଂଚିତ ରଖୁଛନ୍ତି । ନିର୍ବାଚନ ଆସିଲେ କୁମ୍ଭୀର କାନ୍ଦଣାର ଛଳନା କରି ଭ୍ରମିତ କରୁଥିବା ରାଜ୍ୟ ସରକାରଙ୍କ ବାସ୍ତବରେ ଓବିସିଙ୍କ ବିକାଶ ପାଇଁ କୌଣସି ଇଚ୍ଛାଶକ୍ତି ନାହିଁ । ଏପରିକି ଓବିସି ବର୍ଗ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବାକୁ ମଧ୍ୟ ପଛାଉ ନାହାନ୍ତି ରାଜ୍ୟ ସରକାର । କେନ୍ଦ୍ର ସରକାର ଦେଶର ବିଭିନ୍ନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଓବିସି ବର୍ଗ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ସଂରକ୍ଷଣର ବ୍ୟବସ୍ଥା କରିଥିବାବେଳେ ବାରମ୍ବାର ଦାବୀ ସତ୍ତ୍ୱେ ରାଜ୍ୟ ସରକାର ଏଥି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ରାଜ୍ୟ ସରକାର ଅହେତୁକ ନୀରବତା ଅବଲମ୍ବନ କରି ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତି ପକ୍ଷପାତିତା କରୁଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।
ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ବିଶ୍ୱାଳ କହିଛନ୍ତି ଯେ, ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ବସିଛି । ମେଟ୍ରିକ ଓ ଦ୍ୱାଦଶ ଶ୍ରେଣୀର ପରିକ୍ଷା ଫଳ ବାହାରିଛି । ବହୁ ଶୀଘ୍ର ଉଚ୍ଚ ଶିକ୍ଷା ଏବଂ ନୂତନ ପାଠ୍ୟକ୍ରମ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯିବ । ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଚିନ୍ତାରେ ଅଛନ୍ତି । ଅନ୍ୟ ରାଜ୍ୟମାନଙ୍କରେ ଓବିସି ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ଥିବାବେଳେ ଓଡିଶାରେ ଏହି ବ୍ୟବସ୍ଥା ନଥିବା କାରଣରୁ ବହୁ ଛାତ୍ରଛାତ୍ରୀ ଉଚିତ୍ ଶିକ୍ଷାପ୍ରାପ୍ତିରେ ବଂଚିତ ହେବାର ସମ୍ଭାବନା ପୁଣି ଥରେ ଦେଖାଦେଇଛି । ରାଜ୍ୟ ସରକାର ଓବିସି ବିରୋଧୀ ମନୋଭାବକୁ ପରିତ୍ୟାଗ ନକଲେ ଓବିସି ମୋର୍ଚ୍ଚା ଲୋକଙ୍କ ପାଖକୁ ଯାଇ ଏବଂ ଲୋକମାନଙ୍କ ସହିତ ରାଜରାସ୍ତାରେ ଅନ୍ଦୋଳନ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି ।ଏହି ଅବସରରେ ଓବିସି ମୋର୍ଚ୍ଚା କେନ୍ଦ୍ରୀୟ ସହପ୍ରଭାରୀ ଲକ୍ଷ୍ମଣ ଟି ତପଶି, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଷ୍ମନ୍ତ ଦାସ, ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ପ୍ରଶାନ୍ତ ନାୟକ, ରାଜ୍ୟ ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରତାପ ପ୍ରଧାନ, ରାଜ୍ୟ ସଂପାଦକ ଦୁର୍ଗାପ୍ରସନ୍ନ ନାୟକ ପ୍ରମୁଖ ଏବଂ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ସାମିଲ ହୋଇଥିଲେ ।

# ରାଜ୍ୟରେ ଆଜି ୧୦୧୧ କରୋନା ପଜିଟିଭ୍ ଚିହ୍ନଟ: ୧୩୦ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୨୪/୦୭ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ସାମାନ୍ୟ ହ୍ରାସ ପାଇଛି । ଗତକାଲି ୧୧୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫୯୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪୨୦ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୩୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୯ଟି ଜିଲ୍ଲାରୁ ୧୦୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ଗୋଟିଏ ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୩୯ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।
ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱର ଜିଲ୍ଲାରୁ ୧୫ ଜଣ, ବରଗଡ଼ରୁ ୧୮, ଭଦ୍ରକରୁ ୬ ଜଣ, ବଲାଙ୍ଗୀରରୁ ୨୫ ଜଣ, ବୌଦ୍ଧରୁ ୧୨ ଜଣ, କଟକରୁ ୮୧ ଜଣ, ଦେବଗଡ଼ରୁ ୪ ଜଣ, ଢେଙ୍କାନାଳରୁ ୨ ଜଣ, ଗଜପତିରୁ ୫ ଜଣ, ଗଞ୍ଜାମରୁ ୧୨, ଜଗତସିଂହପୁରରୁ ୯ ଜଣ, ଯାଜପୁରରୁ ୨୨ ଜଣ, ଝାରସୁଗୁଡ଼ାରୁ ୧୧ ଜଣ, କଳାହାଣ୍ଡି ଜିଲ୍ଲାରୁ ୩୩ ଜଣ, କନ୍ଧମାଳରୁ ୧୨ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୫ ଜଣ, କେନ୍ଦୁଝରରୁ ୧୨, ଖୋର୍ଦ୍ଧା ଜିଲ୍ଲାରୁ ୨୩୯, କୋରାପୁଟ ଜିଲ୍ଲାରୁ ୫ ଜଣ, ମୟୂରଭଞ୍ଜରୁ ୭୧ ଜଣ, ନବରଙ୍ଗପୁରରୁ ୯ ଜଣ, ନୟାଗଡ଼ ଜିଲ୍ଲାରୁ ୩୨ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୧୩ ଜଣ, ରାୟଗଡ଼ାରୁ ୫ ଜଣ, ସମ୍ବଲପୁରରୁ ୧୦୫ ଜଣ, ସୋନପୁରରୁ ୧୮ ଜଣ, ସୁନ୍ଦରଗଡ଼ରୁ ୧୮୦ ଜଣ ଓ ଷ୍ଟେଟପୁଲରୁ ୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।
ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୦୬, ୫୧୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨,୮୯, ୮୮୫ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୭୪୪୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ପୂର୍ବତଟ ରେଳପଥର ‘ଆଜାଦୀ କି ରେଳ ଗାଡି ଏବଂ ଷ୍ଟେସନ’ ସପ୍ତାହ ଉଦ୍‌ଯାପିତ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ପୂର୍ବ ତଟ ରେଳପଥ ଦ୍ୱାରା ସପ୍ତାହବ୍ୟାପୀ ତଥା ଜୁଲାଇ ୧୮ ତାରିଖରୁ ଆୟୋଜିତ ହୋଇଥିବା ’ଆଜାଦୀ କି ରେଳ ଗାଡି ଏବଂ ଷ୍ଟେସନ’ ସ୍ମରଣୀୟ ସପ୍ତାହ ଉତ୍ସବ ଶନିବାର ସମାପ୍ତ ହୋଇଛି । ଭାରତୀୟ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ପାଳନ ତଥା ଆଜାଦୀ କା ଅମୃତ ମହୋତ୍ସବର ଏକ ଅଂଶ ଭାବେ ସ୍ମରଣୀୟ ଆଜାଦୀ କି ରେଳ ଗାଡି ଏବଂ ଷ୍ଟେସନ’ ସପ୍ତାହ ପାଳନ କରାଯାଇଛି ।
ଆଜାଦୀ କି ରେଳ ଗାଡି ଏବଂ ଷ୍ଟେସନ ସପ୍ତାହ ଉତ୍ସବ ପାଳନ ପାଇଁ ଭାରତୀୟ ରେଳ ସମଗ୍ର ଭାରତ ବର୍ଷରେ ୭୫ ରେଳ ଷ୍ଟେସନକୁ ମନୋନୀତ କରିଥିଲା । ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଖୋର୍ଦ୍ଧା ରୋଡ୍, କଟକ, ସାକ୍ଷୀଗୋପାଳ, ସମ୍ବଲପୁର ଓ ବିଶାଖାପାଟନମ ଷ୍ଟେସନକୁ ମନୋନୀତ କରାଯାଇଥିଲା । ସପ୍ତାହବ୍ୟାପୀ ଉତ୍ସବ ପାଳନ ସମୟରେ, ପଥପ୍ରାନ୍ତ ନାଟକ, ଦେଶାତ୍ମବୋଧକ ଗୀତ, ଦେଶଭକ୍ତି ନୃତ୍ୟ, ତତକ୍ଷଣାତ୍ କୁଇଜ୍, ସେଲଫି ପଏଂଟ, ମନୋନୀତ ରେଳ ଷ୍ଟେସନ ଗୁଡିକର ଆଲୋକୀକରଣ, ସ୍ୱାଧୀନତା ସଂଗ୍ରାମୀମାନଙ୍କର ସଂକ୍ଷିପ୍ତ ଇତିହାସର ଅଡିଓ / ଭିଡିଓ ପ୍ରଦର୍ଶନ, ସ୍ୱାଧୀନତା ସଂଗ୍ରାମୀଙ୍କ ୩ଡି କଟଆଉଟ୍, ଆଲୋକ ଏବଂ ଧ୍ୱନି କାର୍ଯ୍ୟକ୍ରମ ଇତ୍ୟାଦିକୁ ଆୟୋଜନ କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନରେ ଆୟୋଜିତ ସମାପନ ସମାରୋହରେ ପୂର୍ବତଟ ରେଳପଥର ପ୍ରମୁଖ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ବାସୁଦେବ ପଣ୍ଡା ଏବଂ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟ ଚାରିଜଣ ସ୍ୱାଧୀନତା ସଂଗ୍ରାମୀ / ସେମାନଙ୍କ ପରିବାର ସଦସ୍ୟ ଏବଂ ନଅ ଜଣ ପାଇକ ବିଦ୍ରୋହ ଶହୀଦଙ୍କ ବଂଶଧର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବସୁଦେବ ପଣ୍ଡା କହିଛନ୍ତି ଯେ ପୂର୍ବ ତଟ ରେଳପଥର ସମସ୍ତ ବିଭାଗ ଆଜାଦୀ କି ରେଳ ଗାଡି ଏବଂ ଷ୍ଟେସନର ସପ୍ତାହବ୍ୟାପୀ ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମର୍ପଣ କରି ଦିଆଯାଇଥିବା ମହାନ ବଳିଦାନକୁ ସମ୍ମାନ ଦେବା ଏବଂ ଦେଶର ଏକତା ତଥା ଜାତୀୟତାକୁ ଆହୁରି ଆଗକୁ ବଢାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଆୟୋଜନର ମୂଳ ଉଦ୍ଦେଶ୍ୟ । ଦୁଇ ଶହ ବର୍ଷ ପୁରୁଣା ପାଇକ ବିଦ୍ରୋହ ପାଇଁ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନର ଏକ ସ୍ୱତନ୍ତ୍ର ପରିଚୟ ରହିଛି, ଯାହା ଓଡିଶାର ଗର୍ବ ଅଟେ ।
କଟକ ରେଳ ଷ୍ଟେସନରେ ଏହି ଉତ୍ସବରେ ଯୋଗଦେଇ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକୀ କଲ୍ୟାଣ ପଟ୍ଟନାୟକ ତିନିଜଣ ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀଙ୍କୁ ସମ୍ମାନିତ କରିଥିଲେ । ସେହିଭଳି ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଅଶୋକ କୁମାର ଦୁଇଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ସାକ୍ଷୀଗୋପାଳ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ କରିଥିଲେ । ଏହା ବ୍ୟତୀତ ୱାଲଟିୟର ଏବଂ ସମ୍ବଲପୁର ରେଳ ମଣ୍ଡଳରେ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ରେଳବାଇ ପ୍ରବନ୍ଧକମାନେ ସ୍ୱାଧୀନତା ସଂଗ୍ରାମୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ସମ୍ମାନିତ କରିଥିଲେ ।
କାର୍ଯ୍ୟକ୍ରମ ସମାପ୍ତ ହେବା ପରେ, ସମସ୍ତ ପାଞ୍ଚଟି ରେଳ ଷ୍ଟେସନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନୂଆଦିଲ୍ଲୀରେ ଆୟୋଜିତ କେନ୍ଦ୍ରୀୟ କାର୍ଯ୍ୟ ସହିତ ସଂଯୁକ୍ତ ହୋଇଥିଲା । ନୂଆଦିଲ୍ଲୀରେ କେନ୍ଦ୍ରୀୟ କାର୍ଯ୍ୟକ୍ରମରେ ଭାରତର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ନେତୃତ୍ୱରେ ହୋଇଥିଲା । କେନ୍ଦ୍ର ମନ୍ତ୍ରୀ ଯୋଶୀ ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ଉପସ୍ଥିତ ଥିବା ସ୍ୱାଧୀନତା ସଂଗ୍ରାମୀ ମାୟାଦର ମଲିକଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସ୍ୱାଧୀନତା ସମୟରେ ତାଙ୍କ ଅଭିଜ୍ଞତା ତଥା ଭାରତୀୟ ରେଳବାଇର ବିଭିନ୍ନ ରେଳ ଷ୍ଟେସନରେ ଉପସ୍ଥିତ ଥିବା ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଯୋଗାଯୋଗ କରି ସେମାନଙ୍କର ସ୍ୱାଧୀନତା ସଂଗ୍ରାମ ବେଳର ଅନୁଭବକୁ ପଚାରି ବୁଝିଥିଲେ ।

## କେନ୍ଦୁଝର ଜିଲ୍ଲାରେ ୧୬ଟି ସ୍ଥାନକୁ ମିଳିଛି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା

ଭୁବନେଶ୍ୱର,୨୪/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ମୋଟ ୧୬ଟି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରା ଯାଇଛି । ବିଧାୟକ ମିନାକ୍ଷୀ ମହାନ୍ତଙ୍କ ମୂଳ ପ୍ରଶ୍ନ ଓ ମୋହନ ମାଝୀ, ଜଗନ୍ନାଥ ନାଏକ, ଭାଗୀରଥୀ ସେଠୀଙ୍କ ଅତିରିକ୍ତ ପ୍ରଶ୍ନର ଉତର ଦେଇ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଗତ ତିନି ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାର ଗୋଟିଏ ହେଲେ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରା ଯାଇ ନାହିଁ। ସାତଟି ସ୍ଥାନ ଏବେ ବିଭାଗ ନିକଟରେ ବିଚାରାଧୀନ ରହିଛି । ସେ କହିଛନ୍ତି ଯେ ବିଧାୟକ ମାନେ ତାଙ୍କ ଅଂଚଳରେ ଥିବା ପର୍ଯ୍ୟଟନ ସ୍ଥଳର ନାମ ପ୍ରସ୍ତାବ ଦେଲେ ବିଭାଗ ତା ଉପରେ ବିଚାର କରିବ ।

## ଟିଏସି ବୈଠକ ଡାକିବାକୁ ଦାବି କଲେ ଶଂକର ଓରାମ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ୨୦୧୮ ମସିହା ପର ଠାରୁ ଟିଏସି ବୈଠକ ଡକା ଯାଇ ନାହିଁ । ତେଣୁ ଅନୁସୂଚିତ ଜନଜାତି ମାନଙ୍କ ସମ୍ପର୍କରେ କୌଣସି ପ୍ରକାର ଆଲୋଚନା ହୋଇ ପାରୁ ନାହିଁ । ରାଜ୍ୟ ସରକାର ଶୀଂଘ୍ର ଟିଏସି ବୈଠକ ଡକାନ୍ତୁ ବୋଲି ଦାବି କରିଛନ୍ତି ବିଧାୟକ ଶଂକର ଓରାମ ।

## ଏମ୍.ବି.ଏସ୍. ପବ୍ଲିକ ସ୍କୁଲର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,୨୪/୦୭ (ନି.ପ୍ର): ଚଳିତବର୍ଷ ସିବିଏସ୍ଇର ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଭୁବନେଶ୍ୱର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏମ୍‌ବିଏସ୍ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି । ସ୍କୁଲ୍ ଟପ୍ପର ଭାବରେ ଦଶମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ତ୍ରୀଷା ନନ୍ଦ ୯୮ ପ୍ରତିଶତ ଓ ଦ୍ୱାଦଶ ଶ୍ରେଣୀର ଛାତ୍ର ଶ୍ରମାନ ଗଗନ ଦାସ ୯୭.୮ ପ୍ରତିଶତ ନମ୍ବର ରଖିଛନ୍ତି । ଦଶମରେ ୩୫ ପ୍ରତିଶତ ଓ ଦ୍ୱାଦଶରେ ୩୮ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ପାଇଛନ୍ତି ଓ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉ ର୍ତ୍ତୀ ହୋଇଛନ୍ତି । ସ୍କୁଲ୍‌ର ସଫଳତା ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିଚ୍ଳନା କମିଟିର ସଦସ୍ୟ ସଦସ୍ୟାମାନଙ୍କ ମଧ୍ୟରେ ଉତ୍ସାହ ଖେଳାଇ ଦେଇଛି ।
ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏମ୍‌ବିଏସ୍ ପବ୍ଲିକ ସ୍କୁଲ୍ ବୁଦ୍ଧ ମନ୍ଦିର ଦ୍ୱାରା ପରିଚ୍ଳିତ ଏଠାରେ ଅତ୍ୟନ୍ତ କମ୍ ଦେୟରେ ପାଠପଢା ହେବା ସହ ସମସ୍ତ ପ୍ରାପ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦରମାରେ ଖର୍ଚ୍ଚ କରାଯାଏ । ସ୍କୁଲ ଏହି ସଫଳତା ପାଇଁ ଅଭିଭାବକ ସଂଘର ସଭାପତି ଶ୍ରୀ ଦୀପକ କୁମାର ସାହୁ, ସ୍କୁଲ୍ ପରିଚ୍ଳନା ସମିତି ସଭାପତି ପ୍ରଫେସର ଡଃ ବେତବତୀ ମହାନ୍ତି, ସମ୍ପାଦକ ଡଃ ସୌରେନ୍ଦ୍ର ମହାପାତ୍ର ଓ ପ୍ରିନ୍ସିପାଲ ଶ୍ରୀ ଜଗତକୃଷ୍ଣ ଶିଶୁ ଗୋସ୍ୱାମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ସଂସ୍ଥାର ସର୍ବଭାରତୀୟ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## କରୋନା ପାଇଁ ଶ୍ରୀମନ୍ଦିର ସେବାୟତଙ୍କୁ ୨୨.୨୩ କୋଟିର ସହାୟତା

ଭୁବନେଶ୍ୱର ,୨୪/୦୭ (ନି.ପ୍ର): କରୋନା ମହାମାରୀ ସମୟରେ ଶ୍ରୀ ମନ୍ଦିର ସେବାୟତଙ୍କୁ ୬କୋଟି ୮୮ଲକ୍ଷ ୨୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ପ୍ରତି କିସ୍ତିରେ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବାବେଳେ ପ୍ରଥମ ଲହରରେ ୫ଟି କିସ୍ତି ଓ ଦ୍ୱିତୀୟ ଲହରରେ ଗୋଟିଏ କିସ୍ତିରେ ଏହି ୬କୋଟି ୮୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ସୂଚନା ଦେଇଛନ୍ତି । ବିଧାୟକ ଶଙ୍କର ଓରାମ୍‌ଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସାରକା ସୂଚନା ଦେଇଛନ୍ତି ଯେ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଅଫିସରୁ ମିଳିଥିବା ତଥ୍ୟ ଅନୁଯାୟୀ, କରୋନାର ପ୍ରଥମ ଲହରର ପ୍ରଥମ କିସ୍ତିରେ ୨୧୩୦ ପରିବାରକୁ ୧କୋଟି ୬ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ କିସ୍ତିରେ ୨୨୩୬ଟି ପରିବାରକୁ ୧କୋଟି ୧୧ଲକ୍ଷ ୮୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା । ହେଲେ ପ୍ରଥମ ଲହରର ୫ମ କିସ୍ତି ଏବଂ ଦ୍ୱିତୀୟ ଲହରର ପ୍ରଥମ କିସ୍ତିରେ ୨୪୬୩ଟି ପରିବାରକୁ ୧କୋଟି ୨୩ଲକ୍ଷ ୧୫ହଜାର ଲେଖାଏ ପ୍ରଦାନ କରାଯାଇଥିଲା । ଏହାବାଦ୍ କରୋନା ମହାମାରୀ ସମୟରେ ସଂପୃକ୍ତ ପାଳିଆ ସେବକମାନଙ୍କୁ ୨୦.୦୩.୨୦୨୦ରୁ ୩୦.୦୪.୨୨ ପର୍ଯ୍ୟନ୍ତ ଦୈନନ୍ଦିନ ପାଳିଆ ପୁରସ୍କାର ହିସାବରେ ଅଧିକ ୧୫କୋଟି ୩୫ଲକ୍ଷ ୫୧ହଜାର ୨୪୭ଟଙ୍କା ମଞ୍ଜୁର କରାଯାଇଛି । ଏହିପରି ମୋଟ୍ ୨୨କୋଟି ୨୩ଲକ୍ଷ ଟଙ୍କାର ସହାୟତା ଯୋଗାଯାଇଛି । ସେହିପରି ପ୍ରଥମ ଲହରରେ ୩୩୭.୬୦ଟଙ୍କା ପ୍ରତି ଲିଟର, ଦ୍ୱିତୀୟ ଲହରରେ ୩୩୬.୬୦ ପଇସା ପ୍ରତି ଲିଟର ହିସାବରେ ସାନିଟାଇଜର୍ ଯୋଗାଯାଇଛି ।

## ଛୋଟ ବନାନ ତ୍ରୁଟି ପାଇଁ ତାଲିକାଭୁକ୍ତ ହୋଇପାରୁନି ବହୁ ଜାତି

ଭୁବନେଶ୍ୱର ,୨୪/୦୭ (ନି.ପ୍ର): କିଛି ଜାତିର ନାମ ଲେଖିଲା ବେଳେ ବନାନରେ ମାତ୍ରାର ବ୍ୟବହାର ଏପଟ ସେପଟ ହୋଇଥିବାରୁ ସେମାନଙ୍କୁ ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରାଯାଉନି । ବର୍ଷ ବର୍ଷ ଧରି ଏହି ପ୍ରସଙ୍ଗ ଉଠାଯାଉଥିଲେ ବି ସମସ୍ୟାର ସମାଧାନ ହେଉନି । ଫଳରେ ସେହି ଜାତିର ଲୋକମାନେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଆଜି ବିଧାନସଭାରେ ଦାବି ହୋଇଛି । ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଧାୟକଙ୍କ ପ୍ରଶ୍ନକୁ ସାମ୍ନା କରିଥିଲେ । ବିଧାୟକଙ୍କ ଉଦ୍‌ବେଗ ସହ ଏକମତ ହୋଇଥିଲେ । କିନ୍ତୁ ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରିବେନି ବୋଲି ଜଣାଇ ଦେଇଥିଲେ । ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଆବଶ୍ୟକ ଅନୁଧ୍ୟାନ କରି କେନ୍ଦ୍ରକୁ ସୁପାରିସ୍ କରିବେ । କୌଣସି ଜାତିକୁ ଅନୁସୂଚିତ ଜାତି କିମ୍ବା ଜନଜାତି ବର୍ଗରେ ତାଲିକାଭୁକ୍ତ କରିବା କ୍ଷମତା କେବଳ କେନ୍ଦ୍ର ସରକାରଙ୍କର । ପ୍ରଶ୍ନକାଳରେ ଭାସ୍କର ମଢ଼େଇଙ୍କ ମୂଳ ପ୍ରଶ୍ନ ଥିଲା, ଏସ୍‌ସି/ ଏସ୍‌ଟି ବ୍ୟକ୍ତିଙ୍କ ପିଲାମାନେ ଜାତି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି । ଏସ୍‌ସି ବର୍ଗରେ ମାହାର-ମେହେନ୍ତର, ପ୍ରାଣ-ପାତ୍ରତନ୍ତୀ, ଏସ୍‌ଟି ବର୍ଗରେ ଲୋହ-ବିନ୍ଧାଣୀ, ଶଙ୍କର-ସହରଙ୍କର ମୌଳିକ ବୃତ୍ତି ଓ ବୈବାହିକ ଜୀବନ ସମାନ ଥିଲା ବେଳେ ମେହେନ୍ତର, ପାତ୍ରତନ୍ତି, ବିନ୍ଧାଣୀ, ସହର ଜାତିର ଲୋକ ଜାତି ପ୍ରମାଣପତ୍ର ପାଉନାହାନ୍ତି । ଏହି ପ୍ରଶାସନିକ ତ୍ରୁଟିକୁ ସଂଶୋଧନ କରିବେ କି ? ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ରାଜ୍ୟରେ ବସବାସ କରୁଥିବା ଏସ୍‌ସି/ଏସ୍‌ଟି ବ୍ୟକ୍ତିଙ୍କ ପିଲାମାନେ ଜାତି ସାର୍ଟିଫିକେଟ୍ ପାଇବାରୁ ବଞ୍ଚିତ ହୋଇଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସି ନାହିଁ । ୨୦୧୭ ମସିହାରୁ ବିଦ୍ୟାଳୟଗୁଡ଼ିକରେ ଏସ୍‌ସି/ଏସ୍‌ଟି ପିଲାଙ୍କୁ ଜାତି ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟ ଚାଲୁ ରହିଛି । ମାହାର(ବାଉଁଶ ଝୁଡ଼ି ତିଆରି କରୁଥିବା ସମ୍ପ୍ରଦାୟ) ଅନୁସୂଚିତ ଜାତି ତାଲିକାରେ କ୍ରମିକ ସଂଖ୍ୟା-୫୯ରେ ସ୍ଥାନିତ ହୋଇଛନ୍ତି । କିନ୍ତୁ ମେହେନ୍ତର ଜାତିକୁ ଅନୁସୂଚିତ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ୧୯୭୮ ମସିହାରେ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଯାଇଥିଲା । ଏହି ପ୍ରସ୍ତାବକୁ ୨୦୧୪ ମସିହାରେ କେନ୍ଦ୍ର ସରକାର ନାକଚ କରିଦେଇଛନ୍ତି । ରାଜ୍ୟରେ ‘ପ୍ରାଣ’ ଜାତି ସମ୍ପର୍କରେ କୌଣସି ତଥ୍ୟ ଉଲ୍ଲେଖ ନାହିଁ ।

## କରୋନା ପାଇଁ କମିଗଲା ଶ୍ୱାସଜନିତ ରୋଗ

ଭୁବନେଶ୍ୱର ,୨୪/୦୭ (ନି.ପ୍ର): ୨ବର୍ଷ ଧରି କରୋନା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି । କୋଟି କୋଟି ଏଥିରେ ଆକ୍ରାନ୍ତ ହେବା ସହିତ ଲକ୍ଷାଧିକ ଲୋକଙ୍କ ଜୀବନ ନେଇଛି କରୋନା । ଗୋଟିଏ ପରେ ଗୋଟିଏ ଲହରରେ ଲୋକମାନେ କଲବଲ ହୋଇଛନ୍ତି । ହେଲେ କରୋନା କିଛି ରୋଗ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ଲଗାତାର ଦ୍ୱିତୀୟ ବର୍ଷ ପାଇଁ ରାଜ୍ୟରେ ଶ୍ୱାସଜନିତ ରୋଗୀଙ୍କ ସଂଖ୍ୟାରେ ହ୍ରାସ ଘଟିଛି । ୨୦୨୦ ତୁଳନାରେ ୨୦୨୧ରେ ଶ୍ୱାସରୋଗୀଙ୍କ ସଂଖ୍ୟାରେ ୪୫ ପ୍ରତିଶତ ହ୍ରାସ ପାଇଛି । ମାସ୍କ ପରିଧାନ ଓ ଲୋକଙ୍କ ଭିତରେ ସଚେତନତା ଏହା ପଛର ମୁଖ୍ୟ କାରଣ ବୋଲି କୁହାଯାଉଛି । ମାତ୍ର ଧୀରେ ଧୀରେ କରୋନା ପ୍ରକୋପ ଥମୁଥିବାରୁ ଲୋକମାନେ ମଧ ମାସ୍କ ପିନ୍ଧିବା ଭୁଲି ଗଲେଣି ।
ସାଧାରଣ ଭାବେ ପ୍ରଦୂଷଣ, ଧୂଳି, ଧୂମ୍ରପାନ ଯୋଗୁଁ ଶ୍ୱାସଜନିତ ରୋଗ ବୃଦ୍ଧି ପାଇଥାଏ । ରାଜଧାନୀଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କେଉଁଠାରେ ବି ପ୍ରଦୂଷଣରୁ ନିସ୍ତାର ମିଳୁନାହିଁ । ଏପରିକି ଦୀପାବଳି କିମ୍ବା ଅନ୍ୟ ସମୟରେ ରାଜଧାନୀରେ ପ୍ରଦୂଷଣସ୍ତର ବିପଦଜନକ ସ୍ଥିତିରେ ପହଞ୍ଚି ଯାଉଛି । ଏସବୁ କାରଣରୁ ଲୋକମାନେ ସିଓପିଡି, ଆସ୍ଥାଇଟିସ୍, ବ୍ରୋଙ୍କାଏଟିସ୍, ବ୍ରୋଙ୍କୋଲାଇଟିସ୍, ବ୍ରୋଙ୍କୋ ନିମୋନିଆ, ଆଜ୍‌ମା, ଫାଇରାଙ୍ଗିଟିସ୍, ୟୁଆରଆଇ, ଯକ୍ଷ୍ମା ଭଳି ଅନେକ ରୋଗ ଶିକାର ହେଉଛନ୍ତି । ମାତ୍ର କରୋନା ପାଇଁ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍, ସଟ୍‌ଡାଉନ୍ ଭଳି ପଦକ୍ଷେପ ନିଆଯାଇଥିଲା । ଲୋକମାନେ ଘରେ ରହିବାକୁ ବାଧ ହୋଇଥିଲେ । ବାହାରକୁ ଗଲେ ମାସ୍କ ପିନ୍ଧୁଥିଲେ । ଗାଡ଼ି ଚଳାଚଳ ମଧ ଯଥେଷ୍ଟ ହ୍ରାସ ପାଇଥିଲା ।
ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କରୋନା ଆସିବା ପୂର୍ବରୁ ବା ୨୦୧୯ ମସିହାରେ ଓଡ଼ିଶାରେ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ସଂଖ୍ୟା ୨୮,୭୮,୮୨୭ ରହିଥିଲା । ଏଥିରେ ୭୫ଜଣଙ୍କ ମୃତ୍ୟୁ ହୋଇଥିଲା । ଏଥିରେ ପୁରୁଷ ରୋଗୀଙ୍କ ସଂଖ୍ୟା ଥିଲା ୧୫,୮୬,୯୪୬ ଓ ୪୯ ମୃତ୍ୟୁ ଏବଂ ମହିଳା ରୋଗୀଙ୍କ ସଂଖ୍ୟା ୧୨,୯୧,୮୮୧ ଓ ୨୬ ଜଣ ଏଥିରେ ପ୍ରାଣ ହରାଇଥିଲେ । ୨୦୨୦ରେ ରାଜ୍ୟରେ କୋଭିଡ ଆରମ୍ଭ ହେବା ପରେ ରୋଗୀଙ୍କ ସଂଖ୍ୟାରେ ହ୍ରାସ ପାଇଥିଲା । ଏହି ବର୍ଷ ୧୬,୪୨,୮୮୩ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ସେମାନଙ୍କ ମଧ୍ୟରେ ପୁରୁଷ ସଂଖ୍ୟା ୯,୧୬,୫୬୫ ଓ ୮ ମୃତ୍ୟୁ ଏବଂ ମହିଳା ୭,୨୬,୩୧୮ ଓ ୫ ମୃତ୍ୟୁ ହୋଇଥିଲା । ୨୦୨୧ ମସିହାରେ ଏହି ରୋଗୀଙ୍କ ସଂଖ୍ୟା ୪୫ ପ୍ରତିଶତ ହ୍ରାସ ଘଟିଛି । ଗତବର୍ଷ ୧୧,୪୨,୬୬୦ ରୋଗୀ ଚିହ୍ନଟ ହୋଇଛନ୍ତି । ମାତ୍ର ମୃତକଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ୧୦୯ ପୁରୁଷ ଓ ୪୨ ମହିଳାଙ୍କୁ ମିଶାଇ ୧୫୧ଜଣ ମୁଣ୍ଡ ନେଇଛି ଶ୍ୱାସଜନିତ ରୋଗ ।

## ୧୯ବର୍ଷ ତଳେ ହୋଇଥିଲା ଶ୍ରୀଜଗନ୍ନାଥ ମନ୍ଦିର ଫାଉଣ୍ଡେସନ୍ କମିଟିର ବୈଠକ

ଭୁବନେଶ୍ୱର ,୨୪/୦୭ (ନି.ପ୍ର): ୨୦୦୩ ମସିହା ମାର୍ଚ୍ଚ ୧୬ତାରିଖରେ ଶ୍ରୀଜଗନ୍ନାଥ ମନ୍ଦିର ଫାଉଣ୍ଡେସନ୍ କମିଟିର ଶେଷ ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ର ଧାରା ୨୮(ସି) ଅନୁଯାୟୀ ଫାଉଣ୍ଡେସନ୍ କମିଟିର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ରହିଥିବା ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା । ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସାରକା କହିଛନ୍ତି ଯେ ଶ୍ରୀମନ୍ଦିର ଫାଉଣ୍ଡେସନ୍ ଫଣ୍ଡ ଟଙ୍କା, ଆଇନ ବିଭାଗର ପତ୍ର ୩୪୧୫ର ୨୦୨୨ ମାର୍ଚ୍ଚ ୧୭ତାରିଖ ଅନୁସାରେ ଟେଣ୍ଡର ମାଧ୍ୟମରେ ସର୍ବାଧିକ ସୁଧ ପ୍ରଦାନ କରୁଥିବା ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ପାଣ୍ଠିରେ ଗଚ୍ଛିତ ରହିଛି ।

## ରାଜ୍ୟରେ ଘରୋଇ, ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି

ଭୁବନେଶ୍ୱର ,୨୪/୦୭ (ନି.ପ୍ର): ୨୦୨୦, ୨୦୨୧ ମସିହାରେ ରାଜ୍ୟରେ ଉଭୟ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି । ୨୦୨୦ ମସିହାରେ ରାଜ୍ୟକୁ ୧୦,୨୦୬ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୧ରେ ଏଥିରେ ୭୭ ପ୍ରତିଶତ ହ୍ରାସ ଘଟିଛି । ଗତବର୍ଷ ରାଜ୍ୟକୁ ୨୨୬୯ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି । ମୋଟଭାବେ ୨୦୨୦ ତୁଳନାରେ ୨୦୨୧ରେ ପର୍ଯ୍ୟଟକଙ୍କ ସଂଖ୍ୟା ୧୯ ପ୍ରତିଶତ ହ୍ରାସ ପାଇଥିବା ସୂଚନା ଦେଇଛନ୍ତି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର । ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି ଯେ ଓଡ଼ିଶାକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରଭାବେ ସ୍ଥାପନ କରିବା ଓ ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ଆଗୁଆ ସ୍ଥାନ ପ୍ରଦାନ କରିବା ହେଉଛି ଓଡ଼ିଶା ପର୍ଯ୍ୟଟନ ନୀତି, ୨୦୧୬ର ଲକ୍ଷ୍ୟ । ରାଜ୍ୟରେ ଘରୋଇ ଉଦ୍ୟୋଗୀମାନଙ୍କୁ ପର୍ଯ୍ୟଟନ ଶିଳ୍ପ ପ୍ରତି ଆକୃଷ୍ଟ କରିବା ପାଇଁ ଏହି ପର୍ଯ୍ୟଟନ ନୀତିରେ ବିଭିନ୍ନ ରିହାତିର ବ୍ୟବସ୍ଥା ରହିଛି । ଓଡ଼ିଶା ପର୍ଯ୍ୟଟନ ନୀତି ପ୍ରଣୟନ ହେବାଠାରୁ ରାଜ୍ୟପ୍ରତି ଜାତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଉଲ୍ଲେଖନୀୟ ବୃଦ୍ଧି ଓ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇଛି । ପୁରୀ ଓ ଭୁବନେଶ୍ୱର ବ୍ୟତୀତ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ବିଭିନ୍ନ ସ୍ୱାଚ୍ଛନ୍ଦ୍ୟ ଲାଗି ବିଗତ ୩ବର୍ଷରେ ୩୦୯ଟି ପ୍ରକଳ୍ପ ପାଇଁ ୫୪୪.୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି । ପରିବେଶ ପର୍ଯ୍ୟଟନର ପ୍ରସାର ପାଇଁ ବିଗତ ଆର୍ଥିକ ବର୍ଷରେ ୫ଟି ସ୍ଥାନରେ ଇକୋ-ରିଟ୍ରିଟ୍ ସଫଳତାର ସହ ଆୟୋଜନ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ୭ଟି ସ୍ଥାନ ଯଥା କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଂବାଡ଼ି, ହୀରାକୁଦ, ପୁଟସିଲ ଓ ସୋନପୁରଠାରେ ଇକୋ-ରିଟ୍ରିଟ୍ ଆୟୋଜନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାର ବ୍ୟୟ ଅଟକଳ ପରିଚାଳନା ସଂସ୍ଥା ନିଯୁକ୍ତି ପରେ ଜଣାପଡ଼ିବ ବୋଲି ଶ୍ରୀ ପାତ୍ର କହିଛନ୍ତି ।



# ସ୍ୱର୍ଣ୍ଣଲତା ସେଠୀଙ୍କର 'ମୋହର ମହକ' ପୁସ୍ତକ ଲୋକାର୍ପିତ




ରେମୁଣା, ୨୪/୦୭ (ନି.ପ୍ର): ସ୍ଥାନୀୟ କ୍ଷୀରଚୋରା ଗୋପୀନାଥ ମନ୍ଦିର ସଭାଗୃହରେ ଅମୃତବାଣୀ ସେବା ପ୍ରତିଷ୍ଠାନର ଅଧକ୍ଷ ଡ. କୁମାର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ସୁବର୍ଣ୍ଣଶ୍ରୀ ଦ୍ୱାରା ପ୍ରକାଶିତ ସ୍ୱର୍ଣ୍ଣଲତା ସେଠୀଙ୍କର 'ମୋହର ମହକ' ପୁସ୍ତକ ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମତୀ ସେଠୀଙ୍କର ମାଆ ବିଳାସିନୀ ସେଠୀ ପୁସ୍ତକଟିକୁ ଲୋକାର୍ପିତ କରିଥିଲେ । ପ୍ରାରମ୍ଭରେ ଶ୍ରୀମତୀ ସେଠୀ ସ୍ୱରଚିତ ପୁସ୍ତକ ଉପରେ ଆଲୋକପାତ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣଶ୍ରୀର ମୁଖ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା, ମୁଖ୍ୟବକ୍ତା ଭାବରେ ଡ. ରାଧାରଞ୍ଜନ ପଟ୍ଟନାୟକ ଯୋଗଦାନ କରି ପୁସ୍ତକର ସମୀକ୍ଷା କରିଥିଲେ । ସାରସ୍ୱତ ବକ୍ତା ଭାବରେ ସମାଜସେବୀ ଯଶୋଧରା ଦାସ, ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଭାଗବତ ଦାସ, ମାଧ୍ୟମିକ ଶିକ୍ଷା ପରିଷଦର ଗବେଷକ ନିରଞ୍ଜନ ସାହୁ, ବହି ଘରର ମୁଖ୍ୟ କବି ଅଭୟ ଦାସ, ଅତିଥି ଭାବରେ ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳ, ଶ୍ରୀଗୋପୀନାଥ ମନ୍ଦିରର ପ୍ରଶାସନିକ ଅଧିକାରୀ ସରୋଜ କୁମାର ବେହେରା, ଶିକ୍ଷକ ହରିଶ୍ଚନ୍ଦ୍ର ମହାନ୍ତି, ବିଷ୍ଣୁପ୍ରିୟା ରଥ, ସନ୍ଧ୍ୟାରାଣୀ ମିଶ୍ର, ଶ୍ୟାମାପ୍ରସାଦ ଦତ୍ତ, ଗବେଷକ ହରେକୃଷ୍ଣ ଗିରି, ଶାରଦାନନ୍ଦନ ପାଲିତ ପ୍ରମୁଖ ଯୋଗଦାନ କରି ସ୍ୱର୍ଣ୍ଣଲତା ସେଠୀଙ୍କର କାବ୍ୟିକ ଚିନ୍ତାଚେତନାକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ସାରୁପାଳସ୍ଥିତ ପଣ୍ଡିତ ଗୋପାଳଚନ୍ଦ୍ର ଦେବ ଜ୍ୟୋତିର୍ବିଜ୍ଞାନ ବିଦ୍ୟାପୀଠର ବ୍ରହ୍ମଚାରୀଗଣ ବେଦପାଠ କରିଥିଲେ । ପ୍ରଦୀପ କୁମାର ମିଶ୍ର ମଂଚ ଆହ୍ୱାନ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅମରନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଦୀପ୍ତ କମାର ମିଶ୍ର ସଭା ପରିଚାଳନା କରିଥିଲେ ।

## ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ

ପୁରୀ, ୨୪/୦୭ (ନି.ପ୍ର): ରଥ ଯାତ୍ରାର ଶେଷ ପରେ ଏବେ ଆରମ୍ଭ ହୋଇଛି ରଥ ଭଙ୍ଗା କାର୍ଯ୍ୟ। ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆଜି ଠାରୁ ସିଂହଦ୍ୱାରରେ ଦଣ୍ଡାୟମାନ ତିନି ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି । ବିଶ୍ୱକର୍ମା ମହାରଣାଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ପର୍ଯ୍ୟାୟ କ୍ରମେ ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଭଙ୍ଗାଯିବ । ଏଠାରେ ଉଲ୍ଲେଖଯୋଗ୍ୟ, ରଥଯାତ୍ରା ଜୁଲାଇ ୧ରେ ଆରମ୍ଭ ହୋଇ ଜୁଲାଇ ୯ ତାରିଖରେ ବାହାଡ଼ା ଯାତ୍ରା, ୧୦ ତାରିଖ ସୁନାବେଶ, ୧୧ ତାରିଖ ଅଧରପଣା ଏବଂ ୧୨ ତାରିଖ ନିଳାଦ୍ରୀ ବିଜେ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲା ଯାଦବ ମହାସଂଘ ବୈଠକ

ବାଲେଶ୍ୱର,୨୪/୦୭ (ନି.ପ୍ର): ବାଲେଶ୍ୱର ଯାଦବ ମହାସଂଘ ର ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହେଇ ଯାଇଛି । ଦିବଂଗତ ଯାଦବ ନେତା ତଥା ଜିଲା ସମ୍ପାଦକ ପଞ୍ଚାନନ ପରିଡ଼ା ଏବଂ ଭୁବନେଶ୍ୱରର ଯୁବ ଯାଦବ ନେତା ସମୀର ପ୍ରଧାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ତଥା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂଗଠନର ଜିଲା ସଭାପତି ଭାଗୀରଥି ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଖାଲିପଡ଼ିଥିବା ଜିଲା ସାଧାରଣ ସମ୍ପାଦକ ଭାବେ ନିଶିତ କୁମାର ବାରିକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଶ୍ରୀ ବାରିକ୍ ପୂର୍ବରୁ ଜିଲା ଯୁବ ଯାଦବ ସଭାପତି ଓ ପରେ ସାଙ୍ଗଠନିକ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଏଥି ସହିତ ସଂଗଠନ ପରିବର୍ଦ୍ଧିତ କମିଟି ଘୋଷଣା କରାଯାଇ ଯୁବ ଯାଦବ ଶାଖାରେ ବିଭୂତି ଭୂଷଣ ବାରିକ ସଭାପତି, ବିପ୍ଲବ ଯାଦବ ଉପ-ସଭାପତି ଓ ବେଣୁଧର ଦାସଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିପରି ମହିଳା ଶାଖାର ସଂଘମିତ୍ରା ଦାସ ସଭାପତି, ଝୁନା ବାରିକ୍ ଉପ-ସଭାପତି ଓ କବିତା ବାରିକଙ୍କୁ ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ଆସନ୍ତା ଅଗଷ୍ଟ ୧୯ ତାରିଖ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଆୟୋଜନ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଉପ-ସଭାପତି ବିଶ୍ୱଜିତ ମହାପାତ୍ର ଓ କାର୍ଯ୍ୟକାରୀ ସଭାପତି ରାଜକିଶୋର ଦାସଙ୍କୁ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ଆୟୋଜନର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥି ସହିତ ସାମ୍ପ୍ରତିକ ସ୍ଥିତିରେ ଯାଦବମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆକାଶଛୁଆଁ ଦରବୃଦ୍ଧି ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଜିଲ୍ଲା ଯାଦବ ମହାସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଭାସ ଦାସ, ଅଶୋକ କୁମାର୍ ଦାସ, ସୁରଞ୍ଜନ ଦାସ, ଅବଶ କୁମାର ଦାସ, ତପନ ଦାସ, ଡା. ପଙ୍କଜ କୁମାର୍ ଦାସ, ଅର୍ଜୁନ ପରିଡ଼ା, ନବ ଦାସ, ରାମଚନ୍ଦ୍ର ବାରିକ, ସିତାମଣୀ ବାରି. ପୁରୁଷୋତ୍ତମ ବାରିକ, ମିହିର ବାରିକ, ସୁବାସ ପୃଷ୍ଟି ଓ ନମିତା ବାରିକ ପ୍ରମୁଖ ଏଥିରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଭାସ୍କର ବାରିକ, କୈଳାଶ ନାୟକ, ଦୋଳଗୋବିନ୍ଦ ବାରିକ୍, ଚିତ୍ତରଞ୍ଜନ ଦାସ, ଜୟନ୍ତୀ ରାଣୀ ବାରିକ, କବିତା ବାରିକ, କାର୍ତ୍ତିକ ଚନ୍ଦ୍ର ଦାସ୍, ବିଜୟ ମହାକୁଡ, ସୁରେନ୍ଦ୍ର ଖିଲାର, ସୁଶାନ୍ତ ବାରିକ, ନନ୍ଦକିଶୋର ପରିଡ଼ା ପ୍ରମୁଖ ଅନେକ ଯାଦବ ନେତା ତଥା କର୍ମୀ ଯୋଗଦେଇ ଥିଲେ। ଏହି ଅବସରରେ ନବ ନିର୍ବାଚିତ କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଧାମୋହନ ବାରିକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ଯ୍ୟରତ ହୋମଗାର୍ଡ ଜଗନ୍ନାଥ ମଲ୍ଲିକଙ୍କ ହୃଦ୍‌ଘାତରେ ମୃତ୍ୟୁ

ଜଳେଶ୍ୱର, ୨୪/୭(ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ମହମ୍ମଦନଗରପାଟଣା ଗ୍ରାମବାସୀ ଜଗନ୍ନାଥ ମଲ୍ଲିକଙ୍କର ହୃଦ୍‌ଘାତରେ ମୃତ୍ୟୁବରଣ ଘଟିଥିବା ଜଣାଯାଇଛି । ସେ ଦୀର୍ଘଦିନ ଧରି ସପରିବାର ଜଳେଶ୍ୱର ପୌରପାଳିକାର ୯ନଂ ୱାର୍ଡରେ ବସବାସ କରୁଥିଲେ। ୨ଦିନ ତଳେ ହଠାତ୍ ତାଙ୍କର ଛାତି ଯନ୍ତ୍ରଣ ହେବା ଓ ମୁମୂର୍ଷୁ ହେବାରୁ ତୁଙ୍କୁ ଚିକିତ୍ସାଳାଗି ସ୍ଥାନୀୟ ଭଟ୍ଟର ହସ୍ପିଟାଲ ଓ ପରେ କଟକ ନିଆଯାଇଥିଲା । କିନ୍ତୁ ଗତ ରାତିରେ ତାଙ୍କର ମୃତ୍ୟୁ ଘଟିଥିବାରୁ ଆଜି ତାଙ୍କର ଶବାଧାର ଜଳେଶ୍ୱର ପୌରପାଳିକାସ୍ଥିତ ଘରେ ପହଞ୍ଚିଥିଲା । ତାଙ୍କ ମୃତ୍ୟୁଖବର ପାଇ ଜଳେଶ୍ୱରର ବହୁ ହୋମ୍‌ଗାଡ ଶେଷ ଦର୍ଶନ କରିଥିଲେ। ଶେଷରେ ତାଙ୍କୁ ଗ୍ରାମ ଶ୍ମାଶାନରେ ମୁଖାଗ୍ନି ଦିଆଯାଇଥିଲା ।

## ଜୟନ୍ତୀ ମହଲା ଖଇରା ବ୍ଲକ ମହିଳା ସଭାପତି ଭାବେ ନିଯୁକ୍ତ



ଖଇରା, ୨୪/୦୭ (ନି.ପ୍ର): ପୂର୍ବତନ ଖଇରା ବ୍ଲକ ଅଧକ୍ଷା ତଥା ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ମହଲାଙ୍କୁ ଖଇରା ବ୍ଲକ ମହିଳା ସଭାପତି ଭାବେ ନିଯୁକ୍ତ କରାଯାଇଛି । ଜଣେ ଟାଣୁଆ ମହିଳା ନେତ୍ରୀ ଭାବେ ସେ ପୂର୍ବରୁ ବହୁବାର ଲୋକପ୍ରତିନିଧି ଭାବେ ବିଜୟୀ ହୋଇ ସାଧାରଣ ଜନତାଙ୍କ ଆଶିର୍ବାଦ ଲାଭ କରିଛନ୍ତି । ଏହଛଡା ମହିଳା ମାନଙ୍କୁ ସୁସଙ୍ଗଠିତ କରିବାରେ ବହୁବର୍ଷର ଅଭିଜ୍ଞତା ରହିଛି । ଏହି ଦାୟିତ୍ୱକୁ ସେ ସୁଚାରୁ ରୁପେ ସମ୍ପାଦିତ କରିବାକୁ ଯଥାସାଧ୍ୟ ଉଦ୍ୟମ କରିବେ। ଏହି ସମ୍ମାନ ପାଇଁ ସେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଏମ୍ପି ମଞ୍ଜୁଲତା ମଣ୍ଡଳଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ଆଗାମୀ ନିର୍ବାଚନରେ ବର୍ତ୍ତମାନର ବିଧାୟକ ଶ୍ରୀ ପାଣିଗ୍ରାହୀ କିଭଳି ତୃତିୟଥର ପାଇଁ ବିଜୟୀ ହେବେ ସେଥିଲାଗି ମହିଳାମାନଙ୍କୁ ସଶକ୍ତକରିବାକୁ ଧ୍ୟାନ ଦେବେ ବୋଲି କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବାବୁ-ପ୍ରକୃତି ବିବାଦ....

ଆଶାବାଦୀ ହୋଇପଡିଛନ୍ତି ଅପରାଜିତା । ଅତି ଭାବବିହ୍ୱଳ ହୋଇ ପୁଅକୁ ଫେରିଆସିବା ପାଇଁ ଅନୁରୋଧ କରିଛନ୍ତି । ପୁରା ଘଟଣା ପାଇଁ ସେ ଅଭିନେତ୍ରୀ ଜଣଙ୍କୁ ଦାୟୀ କରିଛନ୍ତି । ଗତ ଦେଢ଼ବର୍ଷ ହେଲାଣି ସେ ବାବୁସାନଙ୍କ ଭିତରେ ପରିବର୍ତନ ଦେଖୁଥିବା ଅନୁଭବ କରିଛନ୍ତି । ବିଶେଷକରି କୋଭିଡ ସମୟରୁ ସ୍ତ୍ରୀ ଓ ପିଲାଙ୍କ ଠାରୁ ଦୂରେଇ ଯାଇଛନ୍ତି ବାବୁସାନ । ନିଜକୁ ବନ୍ଧୁ କହି ବାବୁସାନଙ୍କୁ ବ୍ଲାକ୍ମେଲ କରାଯାଉଥିଲା ବୋଲି ଅଭିଯୋଗ କରିଛନ୍ତି ଅପରାଜିତା । ବାବୁସାନ ଘରେ ଥିଲାବେଳେ ତାକୁ ବାରମ୍ବାର ଫୋନ୍ କରି ଧମକ ଚମକ ଦିଆଯାଉଥିଲା । ତେଣୁ ଯିଏ ପ୍ରକୃତ ବନ୍ଧୁ ସେ ଘର ଓ ପରିବାର ଠାରୁ କାହାରିକୁ ଦୂରେଇ ଦିଏ ନାହିଁ ବୋଲି କହିଛନ୍ତି ବାବୁସାନଙ୍କ ମାଆ ଅପରାଜିତା । ବାବୁସାନଙ୍କ ପତ୍ନୀ ତୃପ୍ତି ଗତକାଲି ପ୍ରକୃତିଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏହି ଭିଡିଓକୁ ନେଇ ଅପରାଜିତାଙ୍କ କହିବା ହେଲା, ତୃପ୍ତି କେବଳ ତାଙ୍କ ସ୍ୱାମୀଙ୍କୁ ଆକଟ କରୁଥିଲେ । ହେଲେ ସେ ଅଭିନେତ୍ରୀ ଜଣଙ୍କ ସ୍ୱାମୀ-ସ୍ତ୍ରୀଙ୍କ ମଝିରେ ଆସିବାରୁ ତୃପ୍ତି ତାଙ୍କୁ ବାଧାଦେଇଥିଲେ । ଗୋଟିଏ ପଟେ ବୋହୂଙ୍କୁ ସମର୍ଥନ ଜଣାଇ ପୁଅକୁ ପରିବାର ପାଖକୁ ଫେରିଆସିବା ପାଇଁ ଅପିଲ କରିଛନ୍ତି ଅପରାଜିତା । ଅନ୍ୟପଟେ ପରିବାରଠାରୁ ଦୂରେଇ ନେଉଥିବାରୁ ପରୋକ୍ଷରେ ପ୍ରକୃତି ମିଶ୍ରଙ୍କୁ ଟାର୍ଗେଟ କରିଛନ୍ତି ।

## ଆଜି ଶପଥ ଗ୍ରହଣ କରିବେ....

ଗୋପନୀୟତାର ଶପଥ ନେବେ ଓ ପରେ ୨୧ଟି ତୋପ ସଲାମୀ ଦିଆଯିବ। ତାପରେ ରାଷ୍ଟ୍ରପତି ତାଙ୍କ ଅଭିଭାଷଣ ପ୍ରଦାନ କରିବେ। କେନ୍ଦ୍ରୀୟ କକ୍ଷରେ ଉତ୍ସବ ସମାପନ ପରେ ନୂତନ ରାଷ୍ଟ୍ରପତି ରାଷ୍ଟ୍ରପତି ଭବନକୁ ଯିବେ । ସେଠାରେ ତାଙ୍କୁ ଇଂଟର ସର୍ଭିସ ଗାର୍ଡ ଅଫ ଅନର ପ୍ରଦାନ କରାଯିବ ଓ ବିଦାୟୀ ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସମ୍ମାନ ପ୍ରଦାନ କରାଯିବ। ଦ୍ରୌପଦୀ ମୁର୍ମୁଙ୍କ ଶପଥଗ୍ରହଣ ଉତ୍ସବରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ମୟୂରଭଂଜର ୬ ଜଣ ବିଧାୟକ, ଉଦଳା ଏନଏସି ଅଧକ୍ଷା ବି ଯାଇଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ଜଣେ ଆଦିବାସୀ ମହିଳା ତଥା ଓଡ଼ିଆ ରାଷ୍ଟ୍ରମୁଖ୍ୟ ହେବେ ଦ୍ରୌପଦୀ ମୁର୍ମୁ । ସେହିପରି ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି ହେବାର କୀର୍ତିମାନ ତାଙ୍କ ନାଁରେ ଯୋଡ଼ି ହୋଇଯିବ। ମୁର୍ମୁଙ୍କ ପୂର୍ବରୁ ପ୍ରତିଭା ପାଟିଲ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ହୋଇଥିଲେ।

## ଝିଅ ବିରୋଧରେ ମିଥ୍ୟା ଆରୋପ....

କାରଣ ଦର୍ଶାଅ ନୋଟିସ କଥା ସାମ୍ନାକୁ ଆସିବା ପରେ କଂଗ୍ରେସ ଇରାନୀଙ୍କ ଝିଅକୁ ଟାର୍ଗେଟ କରିଥିଲା। କଂଗ୍ରେସର ଅଭିଯୋଗ ପରେ ଇରାନୀ କହିଥିଲେ ଯେ, ମୋ ଝିଅ ରାଜନୀତିଠାରୁ ବହୁ ଦୂରରେ। ମୁଁ ପବନ ଖେଡାଙ୍କୁ କହିବାକୁ ଚାହେଁ ଯେ ମୋର ୧୮ବର୍ଷର ଝିଅ କୌଣସି ବାର୍ ବା ରେଷ୍ଟୋରାଁ ଚଳାଉ ନାହିଁ। ସେ କଲେଜରେ ପଢ଼େ। ଆରଟିଆଇ ଆଧାରରେ ମୋ ଝିଅ ବାର ଚଳାଉଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ସେହି ଆରଟିଆଇରେ ମୋ ଝିଅର ନାଁ ଅଛି କି ବୋଲି ମୁଁ କଂଗ୍ରେସକୁ ପଚାରିବାକୁ ଚାହେଁ। ଗାନ୍ଧୀ ପରିବାର ଅମେଠିରେ ସେମାନଙ୍କୁ ମିଳିଥିବା ପରାଜୟକୁ ହଜମ କରିପାରିନାହିଁ, ତେଣୁ ଏଭଳି ଅଭିଯୋଗ କରୁଛନ୍ତି। ମୁଁ ଏହା ବିରୋଧରେ କୋର୍ଟକୁ ଯିବି।

# ଧାମନଗର ସେବା ସମବାୟ ସମିତିରେ ପୋଛିନେଲା ବିଜେପି

ଭଦ୍ରକ, ୨୪/୦୭ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକର ୧୨ଟି ସେବା ସମବାୟ ସମିତି ମଧ୍ୟରୁ ୧୧ଟି ସେବାସମବାୟ ସମିତିର ପରିଚ୍ଛଳନା ପରିଷଦର ସଭାପତି ବିଜେଡ଼ି ସମର୍ଥିତ ହୋଇଥିବାବେଳେ ଧାମନଗର ସେବା ସମବାୟ ସମିତିର ଆଜି ପରିଚ୍ଛଳନା ପରିଷଦର ୧୫କୁ ୧୫ ସଭ୍ୟ ହାତେଇବା ଧାମନଗର ବିଜେଡ଼ିକୁ ବଡ଼ ଧକ୍କା ଦେଇଛି। ବାରମ୍ବାର ବିଶୃଙ୍ଖଳା ଓ ଧାରଣା ପାଇଁ ଧାମନଗର ସେବା ସମବାୟ ସମିତିରେ ପରିଚ୍ଛଳନା ପରିଷଦ ସଭ୍ୟପାଇଁ ନିର୍ବାଚନ ସ୍ଥଗିତ ଥିବାବେଳେ ଜୁଲାଇ ୨୪ତାରିଖ ରବିବାର ନିର୍ବାଚନ ହୋଇଥିଲା। ପୂର୍ବରୁ ୬ ଓ ୯ନମ୍ବର ଜୋନ୍‌ର ବିଜେପି ସମର୍ଥିତ ସଭ୍ୟ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦିଭାବେ ନିର୍ବାଚିତ ହୋଇଥିବାବେଳେ ଆଜି ଅବଶିଷ୍ଟ ୧୩ଟି ଯାକ ଜୋନ୍‌ର ନିର୍ବାଚନରେ ବିଜେପିର ସମର୍ଥିତ ସଭ୍ୟ ସଭ୍ୟା ପ୍ରାର୍ଥୀମାନେ ବିଜୟୀ ହୋଇଥିବା ସମ୍ପୃକ୍ତ ସମିତିର ନିର୍ବାଚନ ଅଧିକାରୀ ବିକ୍ରମ ସାହୁଙ୍କ ପ୍ରକାଶ କରିଛନ୍ତି। ଆଜିର ନିର୍ବାଚନରେ ବ୍ଲକ ସମବାୟ ନିର୍ବାଚନ ସେକ୍ଟର ଅଫିସର ମୃତ୍ୟୁଞ୍ଜୟ ପଣ୍ଡା, ଭାରପ୍ରାପ୍ତ ସମ୍ପାଦିକା ସ୍ୱାଗତିକା ରାଉତ ନିର୍ବାଚନ ପରିଚ୍ଛଳନାରେ ସହଯୋଗ କରିଥିଲେ। ବିଗତ ତ୍ରିସ୍ତରୀୟ ପଂଚ୍ଛୟତ ନିର୍ବାଚନରେ ବିଜେଡ଼ି ଆଶାତୀତ ସଫଳତା ସହ ବ୍ଲକ ଓ ପୌର ନିର୍ବାଚନରେ ଧାମନଗର ଏନ୍‌ଏସି ଦଖଲ କରିଥିବାବେଳେ ଧାମନଗର ପଂଚ୍ଛୟସମିତି ଓ ଏନ୍‌ଏସିରେ ମାତ୍ର ୨ଶହ ମିଟର ଦୂରରେ ଧାମନଗର ସେବା ସମବାୟ ସମିତି ଏବେ ବିଜେପି କବଜାରେ ରହିବା ସୁନିଶ୍ଚିତ ହୋଇଯାଇଛି। ସୂଚନା ଥାଉକି ଧାମନଗର ସେବା ସମବାୟ ସମିତିରେ ଦୀର୍ଘ ୩୦ବର୍ଷ ଧରି ବିଜେପି ସମର୍ଥିତ ସଭାପତି ଦଖଲରେ ଥିବାବେଳେ ଏବେ ସମ୍ପୂର୍ଣ୍ଣ ଭାବରେ ପଂଚ୍ଛୟତ ଠାରୁ ରାଜ୍ୟ ପର୍ଯ୍ୟନ୍ତ ବିଜେଡ଼ିର ଦବ୍‌ଦବା ଥିବାବେଳେ କେଉଁ ପରିସ୍ଥିତିରେ ଉକ୍ତ ସମିତିର ପୁଣି ବିଜେପି ହାତକୁ ଗଲା ତାହାକୁ ଏବେ ବିଜେଡ଼ି ଆତ୍ମସମୀକ୍ଷା କରିବା ଉଚିତ୍। ତେବେ ଧାମନଗର ସମିତିରେ ବିଜେଡ଼ି ଦଳପାଇଁ ନିର୍ବାଚନ ଦାୟିତ୍ୱ ନେଇଥିବା ନେତୃତ୍ୱଙ୍କ ପ୍ରତି ଦଳୀୟ କର୍ମୀଙ୍କ ଅସନ୍ତୋଷ ଓ ଅସହଯୋଗ ହେତୁ ଦଳ ସଫଳତା ଠାରୁ ଦୂରେଇ ଗଲାବୋଲି ଆଲୋଚନା ହେଉଛି। ପ୍ରକାଶ ଥାଉକି ଧାମନଗର ସେବା ସମବାୟ ନିର୍ବାଚନ ପୂର୍ବରୁ ବାରମ୍ବାର ଗଣ୍ଡଗୋଳ ହୋଇଥିବାରୁ ଆଜି ବ୍ୟାପକ ପୋଲିସ ଫୋର୍ସ ମଧ୍ୟରେ ନିର୍ବାଚନ ଶାନ୍ତିପୁର୍ଣ୍ଣ ଭାବରେ ସମାପନ ହୋଇଥିଲା।

# ପ୍ରେରଣା ଗ୍ରୀନ୍ ଆର୍ମି ଓ ସମାଜର ଦର୍ପଣ ହେଲ୍ପଗ୍ରୁପ୍ ପକ୍ଷରୁ ଭୁବନେଶ୍ୱରର ସମସ୍ତ ମନ୍ଦିରକୁ ସବୁଜ ସୁନ୍ଦର କରିବା ଅଭିଯାନ ଉଦ୍‌ଘାଟିତ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ଭୁବନେଶ୍ୱର ସହରର ଲୋକସଂଖ୍ୟା, ଗାଡ଼ିମୋଟର, ଶିକ୍ଷାନୁଷ୍ଠାନ ଆଦି ଦିନକୁ ଦିନ ବଢି ଚ୍ଛଲିଥିବା ବେଳେ ସେହି ଅନୁପାତରେ ବୃକ୍ଷରୋପଣ କରାଯାଉ ନାହିଁ। ପରନ୍ତୁ ରାସ୍ତା ପ୍ରଶସ୍ତିକରଣ, ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ, ଫ୍ଲାଏ ଓଭର ଆଦି ଅନେକ କାର୍ଯ୍ୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ଲାନ ନଥାଇ ବହୁ ବର୍ଷର ପୁରୁଣା ଗଛମାନ କାଟି ଦିଆଯାଉଛି। ଯାହାଫଳରେ ଲୋକସଂଖ୍ୟା ଅନୁପାତରେ ଗଛ ନଥିବା ସହିତ ସହରର ତାପମାତ୍ରା ବୃଦ୍ଧି ପାଉଛି ଓ ବାୟୁମଣ୍ଡଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି। ତେଣୁ ଭୁବନେଶ୍ୱରର ସମସ୍ତ ମନ୍ଦିର ପରିସରକୁ ବୃକ୍ଷ ରୋପଣ ମାଧ୍ୟମରେ ସବୁଜ, ସୁନ୍ଦର କଲେ ସେହି ଗଛଗୁଡ଼ିକ ଭବିଷ୍ୟତରେ କଟାଯିବ ନାହିଁ। ଏହା ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ବାୟୁ ପ୍ରଦୂଷଣ, ଉତାପ ହ୍ରାସରେ ସହାୟକ ହେବ ବୋଲି ପ୍ରେରଣା ଗ୍ରୀନ୍ ଆର୍ମି ଓ ସମାଜର ଦର୍ପଣ ହେଲ୍ପ ଗ୍ରୁପ୍ ପକ୍ଷରୁ ଆଜିଠାରୁ ଭୁବନେଶ୍ୱରର ପ୍ରତ୍ୟେକ ମନ୍ଦିର ପରିସରକୁ ବୃକ୍ଷ ରୋପଣ ମାଧ୍ୟମରେ ସବୁଜିମା କରିବା ସହିତ ପରିଷ୍କାର, ପରିଚ୍ଛନ୍ନ ଆରମ୍ଭ ହେଲା ବୋଲି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଂଟ ଇନ୍ ଚିଫ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ବାଣୀବିହାର ପରିସରସ୍ଥ ଜଗନ୍ନାଥ ମନ୍ଦିରରେ ବୃକ୍ଷ ରୋପଣ ଓ ଏହି ଅବସରରେ ଆୟୋଜିତ ଉତ୍ସବରେ ମତବ୍ୟକ୍ତ କରିଛନ୍ତି। ସେହିପରି ବାଣୀବିହାର ପରିସର ଶ୍ରୀ ଶ୍ରୀ କେଦାରେଶ୍ୱର ମହାଦେବଙ୍କ ମନ୍ଦିର ଓ ମନ୍ଦିର ଚତୁଃପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ପର୍ଯ୍ୟାୟକ୍ରମେ ପ୍ରତି ରବିବାର ଦିନ ଭୁବନେଶ୍ୱରର ବିଭିନ୍ନ ମନ୍ଦିରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚ୍ଛଲୁ ରହିବ ବୋଲି ଡଃ ଶ୍ରୀଚନ୍ଦନ କହିଥିଲେ। ବିଶେଷକରି ଜଗା ପାଇଁ ଗଛଟିଏ ଲଗା ଅଭିଯାନର ଏହା ଏକ ପ୍ରମୁଖ ଅଂଶବିଶେଷ ବୋଲି ଏଥିରେ ସମ୍ମାନିତ ଅତିଥି ଭାବରେ ଜଗନ୍ନାଥ ସେବା ପ୍ରତିଷ୍ଠାନର ସଭାପତି ଶ୍ରୀ ଚକ୍ରଧର ମହାପାତ୍ର ବୃକ୍ଷରୋପଣ କରିବା ସହିତ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜର ଦର୍ପଣ ହେଲ୍ପ ଗ୍ରୁପର ସଭାପତି ପ୍ରଶାନ୍ତ ସେନାପତି, ସମ୍ପାଦକ ଚନ୍ଦନ କୁମାର ସ୍ୱାଇଁ, କୋଷାଧକ୍ଷ ଆଲୋକ କୁମାର ସାହୁ ଓ ହିନ୍ଦୁସ୍ତାନ କୋରିଡ଼ର ମୁଖ୍ୟ ସମ୍ପାଦକ ଜଗନ୍ନାଥ ପ୍ରସାଦ ସାହୁ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦାନ କରି ବୃକ୍ଷରୋପଣ କରିବା ସହିତ ଏହି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ସ୍ୱେଚ୍ଛାସେବୀ ମାନେ ଆସନ୍ତୁ ଗଛଟିଏ ଲଗାଇବା, ମନ୍ଦିର ପରିସରକୁ ସବୁଜ ସୁନ୍ଦର କରିବା ଓ ଭୁବନେଶ୍ୱରର ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଶପଥପାଠ କରିଥିଲେ।

# ଅଦ୍ୱୈତ ଫାଉଣ୍ଡେସନ୍ ପକ୍ଷରୁ ମେଧା ସମ୍ମାନ



କଟକ, ୨୪/୦୭ (ନି.ପ୍ର): ମାଟ୍ରିକ ପରୀକ୍ଷାରେ ବାଙ୍କୀ ଉପଖଣ୍ଡରେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କୁ ଅଦ୍ୱୈତ ଫାଉଣ୍ଡେସନ୍ ପଷରୁ ସମ୍ବର୍ଦ୍ଧିତ କରାଯାଇଛି । ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଙ୍କୀ-ଡ଼ମପଡ଼ା ବ୍ଲକ୍ ବାଙ୍କୀ ବ୍ଲକ୍ ଓ ବାରଙ୍ଗ ବ୍ଲକ୍‌ର ୮ ପଂଚାୟତ ମଧ୍ୟରୁ ସର୍ବୋଚ୍ଚ ନମ୍ବର ରଖିଥିବା ବିଭିନ୍ନ ହାଇସ୍କୁଲର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଉଣ୍ଡେସନ୍‌ର ମହାସଚିବ ନଳିନୀ ରାୟଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବରେ ବାଙ୍କୀର ପୂବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନୀତ ଅତିଥି ବର୍ଷିୟାନ୍ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ୩୮ନଂ ଜିଲ୍ଲା ପରିଷଦ ଜୋନ ସଦସ୍ୟ ଆଶିଷ କୁମାର ସାହୁ, ପ୍ରେସ୍ କ୍ଲବ୍ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ଦେବାଶିଷ ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ । ଛାତ୍ର ଆଶୁତୋଷ ମହାପାତ୍ର, ସୁବ୍ରଜିତ୍ ଗୋଚ୍ଛି, ଶ୍ରଦ୍ଧା ସୁମନ ସ୍ୱାଇଁ, ଆସ୍ତିକ ତ୍ରିପାଠୀ, ରୁଦ୍ରପ୍ରତାପ ବାରିକ, ଆୟୁଷ ପ୍ରିୟଦର୍ଶୀ, ସ୍ନିଗ୍ଧା ସଚରିତା ପ୍ରଧାନ, ସନ୍ଦିପ କୁମାର ବେହେରା, କୁମାର ଆଶୁଷତାଷ ଦାସ, ହରପ୍ରିୟ ଦାସ, ଶ୍ରୀଶାନ୍ତ କୁମାର ଦାସ, ଇଶ୍ୱର ଚନ୍ଦ୍ର ଦାସ, ଅବିନାଶ ବେହେରା, ଅମ୍ଲାନ ସାହୁ, ଅମୂଲ୍ୟ ରାଉତରାୟ, ବିଶ୍ୱଜିତା ବେଉରା, ଜୟଶ୍ରୀ ସାହୁ, ଓମପ୍ରକାଶ ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶନୀ, ସ୍ୱନ୍ଦନ ସୁଆର, ଶୁଭମ ମଙ୍ଗରାଜ, ଶୁଭମ ସୁଆର, ଶୁଭଶ୍ରୀ ଶାଶ୍ୱତୀ ସାହୁ, ସୁଦେଷ୍ଣା ବେହେରା, ସ୍ୱୟଂପ୍ରଭା ମନ୍ତ୍ରୀ, ତ୍ରିଶା ସାମନ୍ତରାୟ ପ୍ରମୁଖ ମୁଖ୍ୟ ଅତିଥିଙ୍କ ଠାରୁ ପ୍ରମାଣ ପତ୍ର ଓ ଅଦ୍ୱୈତ ଫାଉଣ୍ଡେସନ୍ ପ୍ରଦତ ମେଧା ଟ୍ରଫି ଗ୍ରହଣ କରିଥିଲେ । ସେହିପରି କୃତକାର୍ଯ୍ୟ ହାସଲ କରିଥିବା ଆଠଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂର୍ବତନ ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ଅଦ୍ୱୈତ ଫାଉଣ୍ଡେସନ୍‌ର ମହାସଚିବ ଶ୍ରୀ ରାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

# ସେଙ୍ଗେଲ ଅଭିଯାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଭୁବନେଶ୍ୱର,୨୪/୦୭ (ନି.ପ୍ର): ଆଜିବି ଭାରତ ବର୍ଷର ଅଧିକାଂଶ ଆଦିବାସୀ ଗ୍ରାମ ତଥା ସମାଜରେ ଗଣତନ୍ତ୍ର, ସାମ୍ବିଧାନିକ ଆଇନ, ମାନବ ଅଧିକାର ଇତ୍ୟାଦି କାର୍ଯ୍ୟକାରୀ ହେଉନାହିଁ । ଫଳରେ ଏବେବି ଆଦିବାସୀ ଲୋକେ ଅନ୍ଧବିଶ୍ୱାସ କୁସଂସ୍କାର ଆଦିରେ ବୁଡିରହି ଗଣତନ୍ତ୍ର ଶାସନ ପରିବର୍ତେ ପାରମ୍ପାରିକ ଗ୍ରାମ ମୁଖିଆ ମାନଙ୍କ କବ୍ଜାରେ ରହି ଆତ୍ମ-ଶୋଷଣର ଶୀକାର ହେବା ସହ ବହୁ ଅପରାଧ ମଧ ଘଟାଉଛନ୍ତି । ଏହାର ବିଲୋପ ପାଇଁ ଆଜି ସେଙ୍ଗେଲ ଅଭିଯାନ ପକ୍ଷରୁ ବାରିପଦା ବଜାର ଇଣ୍ଡିଆ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେଙ୍ଗେଲ ଅଭିଯାନର କେନ୍ଦ୍ରୀୟ ଅଧକ୍ଷ ପୂର୍ବତନ ସାଂସଦ ସାଲଖାନ ମୁର୍ମୁ, ମରୋଡା ବିଧାୟକ ରାଜକିଶୋର ଦାସ ମିଳିତ ଭାବରେ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ ପୂର୍ବକ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଏବେବି ଆଦିବାସୀ ସମାଜରେ ଡାଣ୍ଡୋମ୍ (ଜୋରିମାନା), ବରୁନ୍ (ସାମାଜିକ ବୟକୋଟ), ଡାନ୍ ପାନେଟ୍ (ଡାହାଣି ନିର୍ଯାତନା ଜନିତ ହତ୍ୟା), ନିଶା ସେବନ, ଅନ୍ଧବିଶ୍ୱାସ, ଇର୍ଷା, ଭୋଟ୍ କ୍ରୟ ଏବଂ ବିକ୍ରୟ, ମହିଳା ବିରୋଧୀ ମାନସିକତା, ବଂଶାନୁକ୍ରମିକ ସ୍ୱ-ସରକାରୀ ମୁଖିଆଙ୍କ ନିଯୁକ୍ତି ଇତ୍ୟାଦି ପ୍ରଥା ପାରମ୍ପାରିକ ଭାବେ ପ୍ରଚଳିତ ଥିବାରୁ ଆଦିବାସୀ ଗ୍ରାମ-ସମାଜରେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ବଢିବଢି ଚାଲିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସବୁ ମାମଲାରେ ପୀଡିତ ସାହସ ବାନ୍ଧି ପୋଲିସ ବା ଆଇନର ଆଶ୍ରୟ ନେଲେ ମଧ ଆଦିବାସୀ ସମାଜର ଆଭ୍ୟନ୍ତରୀଣ ବିଷୟ କହି ପୋଲିସ ବା ପ୍ରଶାସନ ଅନେକ ସ୍ଥଳରେ ନିଜ ଦାୟିତ୍ୱରୁ ଦୂରେଇ ଯାଉଥିବାରୁ ପରିସ୍ଥିତି ସଂଗୀନ ହେଉଛି । ଆଦିବାସୀ ସମାଜରେ ସାମ୍ବିଧାନିକ ଆଇନ ସମୂହକୁ କାର୍ଯ୍ୟକାରୀ କରିବାର ବିଶେଷ ଦାୟିତ୍ୱ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉପରେ ଅଛି । ମାତ୍ର ସରକାରଙ୍କର ଜିଲ୍ଲା ସ୍ତରରେ ଥିବା ଅଧିକାରୀ ମାନେ ଆଦିବାସୀ ସମାଜରେ ରହିଥିବା ଏହି ପାରମ୍ପାରିକ ବିଧି ବିଷୟରେ ଅଜ୍ଞ ଥିବାରୁ ଏଭଳି ଦୁର୍ଭାଗ୍ୟଜନକ ପରିସ୍ଥିତି ଓଡିଶା, ଝାଡ଼ଖଣ୍ଡ, ବଙ୍ଗଳା, ବିହାର ଓ ଆସାମ ରାଜ୍ୟରେ ବିଶେଷକରି ସାନ୍ତାଳ ଆଦିବାସୀ ଗ୍ରାମ ସମାଜରେ ଦିନକୁ ଦିନବଢିଚାଲିଛି । ଏଣୁ ସେଙ୍ଗେଲ ଅଭିଯାନ ପକ୍ଷରୁ ଏହାର ଅନୁସନ୍ଧାନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୧୬ ମାର୍ଚ୍ଚ ୨୦୨୨ ରେ ଭାରତର ରାଷ୍ଟ୍ରପତି ମହାମହିମ ରାମ ନାଥ କୋବିନ୍ଦଙ୍କୁ ଏକ ସ୍ମାରକପତ୍ର ପଠାଯାଇଛି । ଏହା ପରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ତଥା ମାନ୍ୟବର ଗୃହମନ୍ତ୍ରୀଙ୍କ ବ୍ୟତୀତ ଉପରୋକ୍ତ ୫ଟି ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟପାଳ, ଜାତୀୟ ମାନବ ଅଧିକାର ଆୟୋଗ, ଜାତୀୟ ଆଦିବାସୀ ଆୟୋଗଙ୍କୁ ମଧ ୮ଏପ୍ରିଲ ୨୦୨୨ ରେ ଏକ ସ୍ମାରକପତ୍ର ପଠାଯାଇଛି । ସେହିପରି ନିକଟ ଅତୀତରେ ଓଡିଶାର ମହାମହିମ ରାଜ୍ୟପାଳ ଗଣେଶୀଲାଲ, ମୁଖ୍ୟମନ୍ତ୍ରୀଙ୍କ ପଲିଟିକାଲ ଉପଦେଷ୍ଟା ଆର. ବାଲାକ୍ରିଷ୍ନନ, ମୁଖ୍ୟ ସାଶନ ସଚିବ, ପୋଲିସ ମହାନିର୍ଦ୍ଦେଶକଙ୍କ ସହ ସେଙ୍ଗେଲ ଅଭିଯାନ ପକ୍ଷରୁ ସୁଦୀର୍ଘ ଆଲୋଚନା ମାଧମରେ ସମସ୍ତ ଆସିବାସୀ ବହୁଳ ଜିଲ୍ଲାର ଜିଲ୍ଲାପାଳ ଓ ଏସପି ମାନଙ୍କୁ ସମ୍ବିଧାନ କାନୁନ ମାନବାଧିକାର ଏବଂ ଗଣତନ୍ତ୍ରକୁ ଆଦିବାସୀ ଗ୍ରାମ ଓ ସମାଜରେ ବିଧିବଦ୍ଧ ଭାବେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ବିଷୟରେ ଆଲୋଚନା ହୋଇଥିବାର କୁହାଯାଇଛି । ଏହି ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜକ ସୁମିତ୍ରା ମୁର୍ମୁ, ସେଙ୍ଗେଲ ରାଜ୍ୟ ସଭାପତି ନରେନ୍ଦ୍ର ହେମ୍ବ୍ରମ, ସେଙ୍ଗେଲ ବାରିପଦା ଜୋନାଲ କମିଟି ସଭାପତି ନାରାନ ମୁର୍ମୁ, ମୋରଡା ବ୍ଲକ ଅଧକ୍ଷ ପିଥନାଥ ସୋରେନ, ଜିଲ୍ଲା ପରିଷଦ ମୀନାକ୍ଷୀ ସୋରେନ, ବିକାଶ ହେମ୍ବ୍ରମ, ରାମଚନ୍ଦ୍ର ମୁର୍ମୁ, ବାହାଦୁର ମୁର୍ମୁ, ପାନମଣି ହେମ୍ବ୍ରମ, ରାମଚନ୍ଦ୍ର ମାଝୀ, ପ୍ରମୁଖ ଉପସ୍ଥିତ ଥିଲେ ।

# ସମାଜସେବୀ ପ୍ରଣବେଶ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧାବାର୍ଷିକୀ




ଜଳେଶ୍ୱର, ୨୪/୭(ନି.ପ୍ର): ଉତ୍ତର ବାଲେଶ୍ୱରରେ କଂଗ୍ରେସର ବିରୋଧି ଦୁର୍ଗକୁ ଏକଦା ସମ୍ଭାଳି ରଖିଥିବା ପ୍ରଣବେଶ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ନିଜଗାଁ କୁଞ୍ଜପଡିଆଠାରେ ଅନୁଷ୍ଠିତ ହୋଇ ଯାଇଛି । ଅରୁଣ କୁମାର ରାଉଳଙ୍କ ଆବାହକତ୍ୱରେ ଓ ଅବସରପ୍ରାପ୍ତ ଶିକ୍ଷକ ବଂକିମ ଚନ୍ଦ୍ର ଦେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଣବେଶ ମହାନ୍ତିଙ୍କ ଜୀବନାଦର୍ଶ ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସଂଜିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ, ନାମ୍ପୋ ସରପଂଚ ଲୋପାମୁଦ୍ରା ରାଉଳ, ଯାମିନୀକାନ୍ତ ଦତ୍ତ, ନାରାୟଣ ଚନ୍ଦ୍ର ଦାସ, ସୁଶିଳ ପରିଡା ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଓ ଉତ୍ସର୍ଗୀକୃତ ସମାଜସେବାର ସ୍ମୃତିଚାରଣ କରିଥିଲେ । ଚନ୍ଦମୋହନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ବାଇକ୍ ରାଲିରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କୋଲାକାତା/ଭୁବନେଶ୍ୱର,୨୪/୦୭ (ନି.ପ୍ର): ପଶ୍ଚିମବଙ୍ଗ ଲୋକସଭା ପ୍ରବାସରେ ଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ, ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର 'ଅମୃତ ମହୋତ୍ସବ ପାଳନ' ଅବସରରେ କୋଲକାତା ଉତର ଠାରେ ଏକ ବାଇକ୍ ଶୋଭାଯାତ୍ରାରେ ଯୋଗଦେଇ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ସାମିଲ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କୋଲାକାତା ରାଜପଥରେ ବାଇକ ରାଲିରେ ଜାତୀୟ ପତାକା ଧରି ଜାତୀୟ ଏକତା, ଶାନ୍ତି, ସାମାଜିକ ସୌହାର୍ଦ୍ଦ୍ୟର ବାର୍ତା ବାଂଟିଥିଲେ । 'ଆଜାଦୀ କା ଅମୃତ ମହୋତ୍ସବ' ସମୟରେ ଏହି ଅଭିଯାନ ସମସ୍ତଙ୍କୁ ପୁନର୍ବାର ଆତ୍ମନିର୍ଭର ଭାରତ ଗଠନ ଦିଗରେ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି । ଏହି ବାଇକ ରାଲି ଅବସରରେ କେନ୍ଦ୍ରମନ୍ତ୍ରୀ ନିଃସ୍ୱାର୍ଥପର ଦେଶପ୍ରେମୀ ତଥା ପଶ୍ଚିମବଙ୍ଗର ସୁଯୋଗ୍ୟ ସନ୍ତାନ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ମହାନ ବ୍ୟକ୍ତିବିଶେଷଙ୍କ ଜାତୀୟ ଏକତା ଏବଂ ବିକାଶ ପାଇଁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଦେଶ ସର୍ବଦା ମନେରଖିବ । ପଶ୍ଚିମବଙ୍ଗ ଲୋକସଭା ପ୍ରବାସ ଅଧୀନରେ ଶ୍ରୀ ପ୍ରଧାନ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଲୋକମାନଙ୍କୁ ମୋଦି ସରକାରଙ୍କ ୮ ବର୍ଷର ସେବା, ସୁଶାସନ, ଗରିବ କଲ୍ୟାଣର ହିସାବ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହୋଇଥିବା ଗରିବ କଲ୍ୟାଣକାରୀ ଯୋଜନା ଗୁଡ଼ିକ ଉପରେ ଚର୍ଚ୍ଚା। ଆଲୋଚନା କରିଥିଲେ । ଏହାବ୍ୟତିତ କାଶୀପୁର କୈଳାଶ ଧାମ ମନ୍ଦିରରେ ଭଗବାନ ଶିବଙ୍କ ପୂଜାର୍ଚ୍ଚନା କରିଥିଲେ । କାନକୁରଗାଛି ସ୍ଥିତ ରାମକୃଷ୍ଣ ମଠ ପରିଦର୍ଶନ କରିବା ସହ ସାଧୁ ସନ୍ଥଙ୍କ ଆଶୀର୍ବାଦ ନେଇଥିଲେ। ସେହିପରି ଶ୍ରୀ ରାମକୃଷ୍ଣ ପ୍ରେମ ବିହାର ଆଶ୍ରମ ପରିଦର୍ଶନ କରିଥିଲେ। 'ଅନୁସିଲିଆନ ସମିତି' ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତ ସରକାରଙ୍କ ଶିକ୍ଷା ବ୍ୟବସ୍ଥାକୁ ନେଇ ଥିବା ଯୋଜନା, ନ୍ୟାସନାଲ କରିକୁଲମ ଫ୍ରେମଓ୍ୱାର୍କ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ।

# ନଭେମ୍ବର ପ୍ରଥମ ସପ୍ତାହରେ ଭଦ୍ରକ କଲେଜ ହୀରକ ଜୟନ୍ତୀ




ଭଦ୍ରକ,୨୪/୦୭ (ନି.ପ୍ର): ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଭଦ୍ରକ ମହାବିଦ୍ୟାଳୟର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ଆଜି ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦର ଅନୁଷ୍ଠିତ ବୈଠକରେ ନିଷ୍ପତି ଚୂଡାନ୍ତ କରାଯାଇଛି। ଅଧୀବକ୍ତା ସରୋଜ ତପନ ଦାସ ଏବଂ ଅଧ୍ୟାପକ ସଂଗ୍ରାମ ମହାନ୍ତିଙ୍କ ସଂଯୋଜନା ତଥା ପୁରାତେନ ଛାତ୍ର ସଂସଦ ସଭାପତି ପ୍ର. ଦେବେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଜୟ ନାୟକ ସଭାର ଆଭିମୂଖ୍ୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଗାମୀ ଦିନରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ 'ନାକ' ଟିମ୍ ଆସିବାକୁ ଥିବାରୁ ମହାବିଦ୍ୟାଳୟ ପରିସରକୁ ଏକ ନୂତନ ରୂପରେ ଗଢିତୋଳିବାକୁ ଶ୍ରୀଯୁକ୍ତ ନାୟକ ସମସ୍ତଙ୍କୁ ଅନୁରୋଧ କରିଥିଲେ। ମହାବିଦ୍ୟାଳୟର ମୁଖ୍ୟ ଫାଟକ, ମୋଟର ସାଇକେଲ ଷ୍ଟାଣ୍ଡ, ଡିସ୍‌ପେନ୍‌ସାରୀ, ଶ୍ରେଣୀଗୃହ ଓ ଖେଳ ପଡ଼ିଆର ମରାମତି, ପ୍ଲାଟିନମ୍ ହୀରକ ଜୟନ୍ତୀ ସ୍ମାରକୀ ଗୃହ ନିର୍ମାଣ ନିମନ୍ତେ ଗୋବର୍ଦ୍ଧନ ସାମଲ ସଭାରେ ପ୍ରସ୍ତାବ ଆଗତ କରିଥିଲେ। ଜୟନ୍ତୀରେ ଅତିଥି ଭାବେ ଆମନ୍ତ୍ରଣ ପାଇଁ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ ଅତିଥିଙ୍କୁ ଯୋଗାଯୋଗ କରିବାକୁ ଅଭ୍ୟର୍ଥନା କମିଟିର ସଭାପତି ବିଧାୟକ ସଂଜୀବ ମଲ୍ଲିକଙ୍କୁ ଅନୁରୋଧ କରାଯାଇଛି। ସଭା ପ୍ରାରମ୍ଭରେ ଅମରେନ୍ଦ୍ର ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଡାକ୍ତର ପ୍ରଭାସ ମହାନ୍ତି, ଅଭୟ ଦ୍ୱିବେଦୀ, ଡା. ହରେକୃଷ୍ଣ ନାୟକ, ଶାନ୍ତନୁ ରାଉତ, ହରମୋହନ ଜେନା, ଜ୍ୟୋତିପ୍ରକାଶ ମହାନ୍ତି, ଅମ୍ବିକା ପ୍ରସନ୍ନ ଦାସ, ସୌରେଶ ମହାନ୍ତି, ଗିରିଧାରୀ ନାଥ, ଗୌରାଙ୍ଗ ବାରିକ, ରୂପକ ବିହାରୀ ରାୟ, ସମୀର ରଂଜନ ଦାସ, ଲକ୍ଷ୍ମୀଧର ବିଶ୍ୱାଳ, କମଳାକାନ୍ତ ଜେନା, ଅମର ବାରିକ, କମଳାକାନ୍ତ ସ୍ୱାଇଁ, ଶାନ୍ତି ସ୍ୱରୂପ ମହାପାତ୍ର, ସ୍ୱାଧୀନ ସୁନ୍ଦର ଦାସ, ପ୍ରିନ୍‌ସ୍ ରାକେଶ ନାୟକ, ସୁଧୀର ଦ୍ୱିବେଦୀ, ଲଲାଟେନ୍ଦୁ ମହାନ୍ତି, ଶରତ ପଢିଆରୀ, ରାକେଶ ପଣ୍ଡା, ଡ. ରାଧାରାଣୀ ମହାପାତ୍ର ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ପ୍ରସ୍ତାବମାନ ଦେଇଥିଲେ। ଡାକ୍ତର ପ୍ରଦୀପ ନାୟକ, ପ୍ର. ଶୈଳେନ୍ଦ୍ର ମହାପାତ୍ର, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ବିଧାୟକ ସଂଜୀବ ମଲ୍ଲିକ ମଞ୍ଚାସିନ ହୋଇ ବିଭିନ୍ନ ପ୍ରସ୍ତାବର ତର୍ଜମା କରିଥିଲେ। ଶେଷରେ ଅଧୀବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁ ଛାତ୍ର ଜନତା ଦଳ ସଭାପତି ଗୌତମ ରାଉତ ନବ ନିଯୁକ୍ତ



ଖଇରା, ୨୪/୦୭ (ନି.ପ୍ର): ଯୁବ ସଙ୍ଗଠକ ଗୌତମ ରାଉତଙ୍କୁ ଖଇରା ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଜିଲା ବିଜୁ ଛାତ୍ରଜନତା ଦଳ ସଭାପତିଙ୍କ ଚିଠି ଖଇରା ବ୍ଲକରେ ପହଞ୍ଚିବା ପରେ ଖଇରା ଅଞ୍ଚଳର ଯୁବ ଗୋଷ୍ଠୀଙ୍କ ମଧ୍ୟରେ ନୁଆ ଉନ୍ମାଦନା ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଛାତ୍ର ଓ ଯୁବ ଗୋଷ୍ଠୀ ଏଥିନେଇ ବିଜୟ ଉଲ୍ଲାସ ଜାହିର କରିବା ସହ ଗୌତମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଖଇରା ବ୍ଲକରେ ଛାତ୍ର ଓ ଯୁବ ଗୋଷ୍ଠୀଙ୍କୁ ନେଇ ବିଜେଡି ଦଳକୁ ସଙ୍ଗଠିତ କରିବାକୁ ପ୍ରାଥମିକତା ଦେବେ। ସ୍ଥାନୀୟ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଆଦର୍ଶ ଓ ପରାମର୍ଶକୁ ପାଥେୟ କରି ଆଗାମୀ କାର୍ଯ୍ୟପନ୍ଥା ଓ ରଣନିତି ସ୍ଥିର କରିବେ ବୋଲି କହିଛନ୍ତି।

# କଳାହାଣ୍ଡିର ପୂର୍ବତନ ଲୋକସଭା ସଦସ୍ୟ ସୁବାସ ଚନ୍ଦ୍ର ନାୟକଙ୍କ ପରଲୋକ

ଭୁବନେଶ୍ୱର,୨୪/୦୭ (ନି.ପ୍ର): କଳାହାଣ୍ଡିର ପୂର୍ବତନ ଲୋକସଭା ସଦସ୍ୟ ସୁବାସ ଚନ୍ଦ୍ର ନାୟକଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ଭବାନୀପାଟଣା ଇରିଗେସନ କଲୋନୀ ସ୍ଥିତ ନିଜ ବାସଭବନ ଥିବା ବେଳେ ସେ ଆଜି ଅସୁସ୍ଥ ଅନୁଭବ କରିଥିଲେ। ଏହା ପରେ ତାଙ୍କୁ ତୁରନ୍ତ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୧୯୯୧ରୁ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ ।

# ଦିନିକିଆ ଧର୍ମଘଟ ସଫଳ କରିବାକୁ ଡାକ କର୍ମଚାରୀଙ୍କ ବୈଠକ




ବାଲେଶ୍ୱର,୨୪/୦୭ (ନି.ପ୍ର): ଅଖିଳ ଭାରତୀୟ ଡାକ କର୍ମଚାରୀ ତୃତୀୟ ଶ୍ରେଣୀ, ପୋଷ୍ଟମ୍ୟାନ ଓ 'ଏମଟିଏସ' ସଂଘର ମିଳିତ କାର୍ଯ୍ୟକାରୀ କମିଟି ବୈଠକ ସହଦେବଖୁଣ୍ଟାସ୍ଥିତ ସଂଘ କାର୍ଯ୍ୟାଳୟ 'ଜୀବନକୃଷ୍ଣ ଭବନ'ରେ କାର୍ଯ୍ୟକାରୀ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ୩ୟ ଶ୍ରେଣୀ ସଂଘର ସଭାପତି ସାଥୀ ଅଜୟ ନାରାୟଣ ଦାସ ସଭାପତିତ୍ୱ କରିଥିଲେ।ଏହି ସଭାରେ ଓଡ଼ିଶା ରାଜ୍ୟର ପ୍ରାକ୍ତନ ଡାକସଂଘ ସମ୍ପାଦକ ତଥା କେନ୍ଦ୍ର ସଂଘର କାର୍ଯ୍ୟକର୍ତ୍ତା ବୃହସ୍ପତି ସାମଲ, ପୂର୍ବତନ ନେତା ସାଥୀ ନିରଞ୍ଜନ ରାଉତ, ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, କୁଞ୍ଜ ବିହାରୀ ଦାଶ, ଗୋପାଳ ଚନ୍ଦ୍ର ପଢ଼ିଆରୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ୩ୟ ଶ୍ରେଣୀ କର୍ମଚାରୀ ସଂଘର ସମ୍ପାଦକ ରାଜେନ୍ଦ୍ର ମଲ୍ଲିକ, ପୋଷ୍ଟମ୍ୟାନ ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଏଥିରେ ଯୋଗଦେଇ ଡାକ ବିଭାଗର ସବୁ ବର୍ଗର କର୍ମଚାରୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ କେନ୍ଦ୍ରୀୟ ସଂଗଠନଙ୍କ ଆହ୍ୱାନ କ୍ରମେ ଆସନ୍ତା ଅଗଷ୍ଟ ୧୦ ତାରିଖରେ ହେବାକୁ ଥିବା ଏକଦିବସୀୟ ଧର୍ମଘଟକୁ ବାଲେଶ୍ୱର ଡିଭିଜନର ଶତପ୍ରତିଶତ ସଫଳ କରିବା ଉପରେ ଉପସ୍ଥିତ ଡାକକର୍ମଚାରୀ ନେତାମାନେ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ଡାକ ବିଭାଗ ଘରୋଇକରଣ ଓ ନୂତନ ପେନସନ ବ୍ୟବସ୍ଥା ଦ୍ୱାରା ହେଉଥିବା କ୍ଷତିକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଡାକ ବିଭାଗରେ ଘରୋଇକରଣ ଓ ନୂତନ ପେନସନ ବ୍ୟବସ୍ଥା ବନ୍ଦ କରିବା, ଖାଲିପଡ଼ିଥିବା ପଦବୀଗୁଡ଼ିକ ଶୀଘ୍ର ପୂରଣ କରିବା, ଗ୍ରାମୀଣ ଡାକକର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ଦେବା, ବାକିଥିବା ୧୮ମାସର ମହଙ୍ଗାଭତ୍ତା ଅବିଳମ୍ବେ ପ୍ରଦାନ କରିବା ଇତ୍ୟାଦି ୨୦ଦଫା ଦାବି ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ପୋଷ୍ଟଅଫିସ୍‌ର ଡାକ ସେଭିଙ୍ଗ୍‌ସ ବ୍ୟାଙ୍କ୍‌କୁ ଘରୋଇକରଣ କରି ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍‌ସ ବ୍ୟାଙ୍କ ଅଧୀନକୁ ଆଣିବା ଆଦେଶ ପ୍ରତ୍ୟାହାର ପାଇଁ ଦାବି ହୋଇଥିଲା। ଏହା କରିବା ଦ୍ୱାରା ଦୀର୍ଘଦିନରୁ ପାଇଆସୁଥିବା ବିଭିନ୍ନ ସୁବିଧା ତଥା ସୁଧହାର ଜନସାଧାରଣ କମ୍ ପାଇବେ। ତେଣୁ ଜନସାଧାରଣ ଧର୍ମଘଟକୁ ସଫଳ କରିବାରେ ସହଯୋଗ କରିବାକୁ ସମସ୍ତେ ଅନୁରୋଧ କରିଥିଲେ।

# ରାଜଧାନୀରେ ୨୨୦ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ରାଜଧାନୀରେ କୋଭିଡ୍ ର ଦୈନିକ ସଂକ୍ରମଣ ବଢିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ରବିବାର ମୋଟ ୨୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୬୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୨ ହଜାର ୧୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୯ ହଜାର ୫୯୮ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୩୪୭ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

# ବାପାଙ୍କର ଜମିପଟ୍ଟା ନଥିବାରୁ ପାଠପଢ଼ାରେ ଡ଼ୋରି ବାନ୍ଧିଲେ ଲାଦୁଗୁ ଓ ଜୟଶ୍ରୀ



ଉଦଳା, ୨୪/୦୭ (ନି.ପ୍ର): କପ୍ତିପଦା ବ୍ଲକର ମଝିଗଡ଼ିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଛତ୍ରାୟ ଗ୍ରାମର ବାସିନ୍ଦା ଦଳେଇ ସିଂଙ୍କର ଦୁଇଜଣ କନ୍ୟା ଲାଦୁଗୁ ଓ ଜୟଶ୍ରୀ ବାପାଙ୍କର ଜମିପଟ୍ଟା ନଥିବାରୁ ବିଦ୍ୟାଳୟର କର୍ତୃପକ୍ଷ ତାଙ୍କର ନାମ ଲେଖାଇଲେ ନାହିଁ। ଫଳରେ ବାଧ ହୋଇ ଦୁଇ ଭଉଣୀ ପାଠପଢ଼ାରେ ଡ଼ୋରି ବାନ୍ଧିଲେ। ଏ କଥା ନିଜେ ଦଳେଇ ସିଂ ଗଣମାଧ୍ୟମକୁ ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଲାଦୁଗୁ ଓ ଜୟଶ୍ରୀ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଦୂର ବିଦ୍ୟାଳୟକୁ ଯିବା ସମୟରେ ସେଠାକାର ବିଦ୍ୟାଳୟ କର୍ତୃପକ୍ଷ ଜମି ପଟ୍ଟା ମାଗିଲେ । ମୁଁ ଭୂମିହୀନ ହୋଇଥିବାରୁ ଜମିପଟ୍ଟା ଦେଖାଇପାରିଲି ନାହିଁ। ପିଲାଙ୍କର ନାମ ଲେଖାଇଦେବା ପାଇଁ ଯେତେ ନେହୁରା ହେଲେ ମଧ୍ୟ ବିଦ୍ୟାଳୟ କର୍ତୃପକ୍ଷ ଶୁଣିଲେ ନାହିଁ। ଜୟଶ୍ରୀଙ୍କର ବର୍ତ୍ତମାନ ବୟସ ୧୧ ବର୍ଷ ହୋଇଥିବା ବେଳେ ଲାଦୁଗୁଙ୍କର ବୟସ ୧୨ ବର୍ଷ ଛୁଇଁଲା। ପ୍ରଥମରୁ ୧୪ ବର୍ଷ ବୟସର ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଥିବା ବେଳେ ଏହାଯେ ଏକ ପ୍ରହସନ ତାହା ଜୟଶ୍ରୀ ଓ ଲାଦୁଗୁଙ୍କୁ ଦେଖିଲେ ବେଶ ଭଲ ଭାବରେ ବୁଝି ହେବ। ଏହି ଭଳି ବିଭିନ୍ନ କାରଣରୁ କେବଳ କପ୍ତିପଦା ବ୍ଲକ ଅଞ୍ଚଳ ମଧ୍ୟରେ ଶତାଧିକ ଛାତ୍ର ଛାତ୍ରୀ ଏବେ ମଧ୍ୟ ବିଦ୍ୟାଳୟ ଠାରୁ ଦୂରରେ ଅଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଦ୍ରୌପଦୀ ମୁର୍ମୁଙ୍କ ପାଇଁ ବଳାଙ୍ଗୀ ମହୋତ୍ସବ ପକ୍ଷରୁ ଅଭିନନ୍ଦନ ଉତ୍ସବ



ବାରିପଦା, ୨୪/୦୭ (ନି.ପ୍ର): ଭାରତ ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ରାଷ୍ଟ୍ରପତି ପଦରେ ମୟୂରଭଂଜ ମାଟିର ଜଣେ ସୁଦକ୍ଷ ଆଦିବାସୀ ନେତ୍ରୀ ଦ୍ରୌପଦୀ ମୁର୍ମୁ ନିର୍ବାଚିତ ହୋଇଥିବାରୁ ଏବଂ ସୋମବାର ସେ ଶପଥ ଗ୍ରହଣ କରିବାର କାର୍ଯ୍ୟ କ୍ରମ ଥିବାରୁ ଦଳମତ ନିର୍ବିଶେଷରେ ବିଭିନ୍ନ ବ୍ୟକ୍ତି ବିଶେଷ ତଥା ସଂଗଠନ ପକ୍ଷରୁ ତାଙ୍କୁ ଅଭିନ ନ୍ଦନ ଜ୍ଞାପନ କରାଯାଉଛି । ଏହି ପରିପ୍ରେକ୍ଷୀରେ ମୟୂରଭଂଜ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବଳାଙ୍ଗୀ ମହିତ୍ସବ କମିଟି ତରଫରୁ ଆଜି ବାରିପଦାର ଐତିହାସିକ ଶୈବପୀଠ ବାବା ବୁଢା ରାଉଳ ମହାଦେବଙ୍କ ଠାରେ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ କର୍ମକର୍ତା ମାନେ ତାଙ୍କର ସୁଦୀର୍ଘ ନୀରାମୟ ଜୀବନ କାମନା ପୂର୍ବକ ମହାଦେବଙ୍କ ଠାରେ ଜଳାଭିଷେକ କରିବା ସହିତ ଏକ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଦ୍ରୌପଦୀ ମୁର୍ମୁ ବିଧାୟକ ଏବଂ ମନ୍ତ୍ରୀ ଥିଲା ବେଳେ ବଳାଙ୍ଗୀ ମହୋତ୍ସବ କମିଟି ସହ ଜଡିତ ରହି ବହୁବାର ଉତ୍ସବରେ ଯୋଗଦେଇ ଥିଲେ । ତାଙ୍କର ସମାଜ ପ୍ରତି ପ୍ରତିବଦ୍ଧତା ଏବଂ ତ୍ୟାଗପୁତ କର୍ମଧାରା ଆଜି ତାଙ୍କୁ ଦେଶର ସର୍ବୋଚ୍ଚ ସ୍ଥାନରେ ଆସୀନ କରିପାରିଛି ବୋଲି ବକ୍ତା ମାନେ କହିଥିଲେ । ଏମାଟିର କନ୍ୟା ଭାବରେ ସେ ଇତିହାସ ରଚିଥିବାରୁ ତାଙ୍କୁ ଶୁଭ କାମନା ଜଣାଇ ଭଗବାନଙ୍କ ଠାରେ ତାଙ୍କର ସୁଦୀର୍ଘ ନୀରାମୟ ଜୀବନ କାମନା କରାଯାଇଛି । ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବଳାଙ୍ଗୀ ମହୋତ୍ସବ କମିଟିର ଉପଦେଷ୍ଟା ଉଦୟ ନାଥ ଜେନା, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, କୋଷାଧକ୍ଷ ଲିଙ୍ଗରାଜ ମିଶ୍ର, ସଦଶ୍ୟ ଗୋଲୋକ ମହାନ୍ତି, ସତ୍ୟ ନାରାୟଣ ସାହୁ, ପଣ୍ଡିତ ବିଜୟ କୁମାର ଦାଶ, ସଂଜୀବ କୁମାର ରଣଜିତ, ପିତାମ୍ବର ମଲ୍ଲିକ, ଦିଲ୍ଲିପ କୁମାର ପାତ୍ର ପ୍ରମୁଖ ବହୁ ସଦଶ୍ୟ ଉପସ୍ଥିତ ଥିଲେ । ପୂଜା ପରେ ଉପସ୍ଥିତ ସ୍ଥାନିୟ ଲୋକଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା ।

# ଗୋଟିଏ ଦିନରେ ୧୦୧୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୦୬୫୧୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୯୮୮୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୪୪୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫୯୧ ଜଣ ସଂଗରୋଧରୁ ଓ ୪୨୦ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୫, ବରଗଡ ଜିଲ୍ଲାରେ ୧୮, ଭଦ୍ରକ ଜିଲ୍ଲାରେ ୬, ବଲାଙ୍ଗୀର ଜିଲ୍ଲାରେ ୨୫, ବୌଦ୍ଧ ଜିଲ୍ଲାରେ ୧୨, କଟକ ଜିଲ୍ଲାରେ ୮୧. ଦେବଗଡ, ଜିଲ୍ଲାରେ ୪, ଢେଙ୍କାନାଳ ଜିଲ୍ଲାରେ ୨ ଗଜପତି ଜିଲ୍ଲାରେ ୫ , ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୯, ଯାଜପୁର ଜିଲ୍ଲାରେ ୨୨, ଝାରସୁଗୁଡା ଜିଲ୍ଲାରେ ୧୧, କଳାହାଣ୍ଡି ଜିଲ୍ଲାରେ ୩୩, କନ୍ଧମାଳ ଜିଲ୍ଲାରେ ୧୨, କେନ୍ଦ୍ରାପଡା ଜିଲ୍ଲାରେ ୧୫, କେନ୍ଦୁଝର ଜିଲ୍ଲାରେ ୧୨, ଖୋର୍ଧା ଜିଲ୍ଲାରେ ୨୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୫, ମୟୁରଭଂଜ ଜିଲ୍ଲାରେ ୭୧, ନବରଂଗପୁର ଜିଲ୍ଲାରେ ୯, ନୟାଗଡ ଜିଲ୍ଲାରେ ୩୨, ନୂଆପଡା ଜିଲ୍ଲାରେ ୮, ପୁରୀ ଜିଲ୍ଲାରେ ୧୩, ରାୟଗଡା ଜିଲ୍ଲାରେ ୫, ସମ୍ବଲପୁର ଜିଲ୍ଲାରେ ୧୦୫ , ସୋନପୁର ଜିଲ୍ଲାରେ ୧୮ ,ସୁନ୍ଦରଗଡ ଜିଲ୍ଲାରେ ୧୮୨୫ ଓ ଷ୍ଟେଟ ପୁଲରେ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ରୋଟାରୀ କ୍ଲବ ପକ୍ଷରୁ କର୍କଟ ରୋଗ ନିରୂପଣ ଓ ସଚେତନତା ଶିବିର



ବାଲେଶ୍ୱର,୨୪/୦୭ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ, କିଆ ଫାଉଣ୍ଡେସନ, ଆଚାର୍ଯ୍ୟ ହରିହର କ୍ୟାନସର ହସପିଟାଲ ଓ କଳିଙ୍ଗ ହସପିଟାଲ ଡାକ୍ତରଙ୍କ ମିଳିତ ସହଯୋଗରେ ସ୍ତନ କର୍କଟ ରୋଗ ନିରୂପଣ ତଥା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଆତିଥ୍ୟ ଭବନ ପରିସରରେ ୨୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏହି ଶିବିରକୁ ଉଦଘାଟନ କରିବା ସହ ୪ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହିଭଳି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଥିବା ବେଳେ ଏହା ଦ୍ୱାରା କର୍କଟ ରୋଗ ସମ୍ପର୍କରେ ଲୋକେ ସଚେତନ ହୋଇ ପାରୁଛନ୍ତି ବୋଲି ସେ ମତ ପ୍ରକାଶ କରିଥିଲେ। ତେବେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅଙ୍ଗନବାଡ଼ି କର୍ମୀମାନେ ଯତ୍ନବାନ ହେଲେ ସାଧାରଣ ଲୋକେ ବେଶ ସଚେତନ ହୋଇପାରନ୍ତେ ବୋଲି ଜିଲାପାଳ ଶ୍ରୀ ଶିନ୍ଦେ କହିଥିଲେ। ରୋଟାରୀ କ୍ଲବ ସଭାପତି ସୌରଭ କୁମାର ବେହେରା ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସମାଜ ସେବାରେ କ୍ଲବର ଆଭିମୁଖ୍ୟ ତଥା କାର୍ଯ୍ୟଧାରା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଭୁବନେଶ୍ୱର କିଆ ଫାଉଣ୍ଡେସନର ଅଧ୍ୟକ୍ଷା ଲିଲି ଜେନାମଣି ଶିବିର କର୍କଟ ରୋଗର ଭୟାବହତା ଓ ପ୍ରାଥମିକ ସ୍ତରରେ ରୋଗ ନିରୂପଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ଡାକ୍ତର ସୁରାଗା ବି, ଡାକ୍ତର ତୁଷାର ମହାପାତ୍ର ଓ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପ୍ରିୟ କୁମାର ଘୋଷ କର୍କଟ ରୋଗର ଭୟାବହତା ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ସ୍ତନ କର୍କଟ ରୋଗର ପ୍ରାକ ସାବଧାନତା ଓ ନିରୂପଣ ଦିଗରେ ମହିଳାମାନେ ସଚେତନ ହେବାର ଆବଶ୍ୟକ ରହିଛି ବୋଲି ସେମାନେ କହିଥିଲେ। କଳିଙ୍ଗ ହସପିଟାଲର ଡାକ୍ତର ଅଞ୍ଜନା ତ୍ରିପାଠୀ ରୋଗ ପ୍ରତିଷେଧକ ଶକ୍ତି ଓ ଖାଦ୍ୟ ପୋଷଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଟାରିଆନ ପ୍ରଭଞ୍ଜନ ପାଢ଼ୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଦେଢ଼ଶହରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରୋଟାରୀ କ୍ଲବର ସମ୍ପାଦକ ସୁଖମୟ ଦାସ, କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର, ସନ୍ତୋଷ କୁମାର ନାହକ, ବିକ୍ରମଜିତ କର, ଡ. ଶ୍ରୀମାନ ଶ୍ରୀଚନ୍ଦନ, ପ୍ରଦୀପ୍ତ କୁମାର ପଣ୍ଡା, ଅଜୟ କୁମାର ଡାଭେ, ପଦାରବିନ୍ଦ ମହାପାତ୍ର, ଡ. ମନୋରଞ୍ଜ ଦାସ, ପ୍ରବାଳ କୁମାର ସିହ୍ନା, ଯଶୋଦା ନନ୍ଦନ ଆଶ, ସତ୍ୟନାରାୟଣ ନନ୍ଦ, ଜିତେଶ୍ୱର ମହାନ୍ତି, ଭୋଳାନାଥ ବେହେରା, ଉପେନ୍ଦ୍ର ବେହେରା, ଉଦୟ ରଂଜନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଏକତରଫା ପ୍ରେମ ନିବେଦନରେ ବିଫଳ ଯୁବକର ଉନ୍ମତ୍ତକାଣ୍ଡ



ଖଇରା, ୨୪/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା କୁରୁଣ୍ଟା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମରେ ରବିବାର ସକାଳେ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ବିବାହିତା ଯୁବକ ଏକତରଫା ପ୍ରେମରେ ବିଫଳ ହେବା ପରେ ଉକ୍ତ ନାବାଳିକା ଛାତ୍ରୀ ଜଣକୁ ଏକ ଶୌଚାଳୟ ଭିତରକୁ ଟାଣିନେଇ କିରୋସିନି ଢାଳି ଜିଅନ୍ତା ପୋଡି ମାରି ଆରପାରିକୁ ପଠାଇ ଦେଇଛି । ଏଭଳିକି ମାରିବା ପରେ ଯୁବକ ଜଣକ କିଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛି । ନିଳଗିରି ଏସଡିପିଓ ରିତେଶ ମହାପାତ୍ର ଓ ଖଇରା ଆଇଆଇସି ଗଣେଶ୍ୱର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକ ଦୟାନିଧି ଜେନା(୩୩)ଙ୍କୁ ଗିରଫ କରିବା ପରେ ଚିକିତ୍ସାପାଇଁ ପ୍ରଥମେ ଖଇରା ପରେ ବାଲେଶ୍ୱର ସ୍ଥାନାନ୍ତର କରିଛି । ମରିଥିବା ଛାତ୍ରୀ ମା ଲକ୍ଷ୍ମୀପ୍ରିୟା ଜେନାଙ୍କ ଅ କ୍ରମେ ପୋଲିସ ଏକ ମାମଲା(୧୯୭/୨୨) ରୁଜୁ କରି ଦୟାନିଧିଙ୍କ ପତ୍ନୀ ତିଳୋତ୍ତମା ଜେନାଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ଅଭିଯୋଗ ଅନୁଯାୟୀ ଝିଅ ଜ୍ୟୋସ୍ନା କୁରୁଣ୍ଟା ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ବେଳେ ଦୟାନିଧିଙ୍କ ସ୍ତ୍ରୀ ତିଳୋତ୍ତମା'ଙ୍କ ନିକଟରେ ଟିଉସନ ପଢୁଥିଲା । ଘଟଣାକ୍ରମେ ଦୟାନିଧି ଜ୍ୟୋସ୍ନାଙ୍କୁ ପ୍ରେମ ନିବେଦନ କରିବା ସହ ଶାରିରିକ ସମ୍ପର୍କ ରଖିବାକୁ ଚାହିଁଥିଲା । ହେଲେ ନାବାଳିକା ଛାତ୍ରୀ ଜଣକ ଏଥିରେ ରାଜି ହେଉନଥିଲା । ଏ ବିଷୟରେ ପରିବାର ଲୋକେ ଜାଣିବା ପରେ ୧ମାସ ପୂର୍ବରି ତାର ପରିବାର ଲୋକେ ଟିଉସନ ବନ୍ଦ କରି ଦେଇଥିଲେ । ରବିବାର ସକାଳେ ମାଙ୍କ ନିର୍ଦ୍ଦେଶରେ ଛାତ୍ରୀ ଜଣକ ଦୋକାନରୁ କିଛି ଜିନିଷ ଆଣିବାକୁ ଦୟାନିଧି ଙ୍କ ଘରଆଗ ରାସ୍ତା ଦେଇ ଯାଉଥିଲା । ଏତିକି ବେଳେ ବାଡ ନିକଟରେ ଲୁଚି ରହିଥିବା ଦୟାନିଧି ଜ୍ୟୋସ୍ନାଙ୍କୁ ରାସ୍ତାରୁ ବଳପୂର୍ବକ ଟାଣିନେଇ ଶୌଚାଳୟ ଭିତରେ ବନ୍ଦ କରି ଚୁଟିକୁକାଟି ସାରିବା ପରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲା । ପରେ ନିଜ କିରୋସିନୀ ଓ କିଟନାସକ ଖଇ ଦେଇଥିଲା । ପାଟିଶୁଣି ପତ୍ନୀ ତିଳୋତ୍ତମା ଓ ଗ୍ରାମବାସୀ ମାନେ ଦୌଡିଆସି ଉଦ୍ଧାର କରିବା ବେଳକୁ ଛାତ୍ରୀ ଜ୍ୟୋସ୍ନା ଆଖି ବୁଜିସାରିଥିଲା । ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ଭାଜପା ନେତା ଇଂ ରାଜେଶ ମହାକୁଡ ଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ପୋଲିସ କାର୍ଯ୍ୟଶୈଳିକୁ ନେଇ ପ୍ରଶ୍ନ ଉଠାଇବା ସହ ସ୍ଥାନୀୟ ଜନସାଧାରଣଙ୍କ ସ୍ୱରରେ ସ୍ୱର ମିଶାଇ ଜଘନ୍ୟ ହତ୍ୟାକାଣ୍ଡରେ ସଂପୃକ୍ତ ଦୋଷିକୁ ଫାଶି ଦେବାକୁ ଦାବୀ କରିଛନ୍ତି । ଏଥିସହ ସାଇଣ୍ଟଫିକ ଟିମ ପହଞ୍ଚିବା ପୂର୍ବରୁ ପୋଲିସ ତରବରିଆ ଭାବେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବାକୁ ନେଇ ପୋଲିସ ଉପରେ ଅଙ୍ଗୁଳି ଉଠାଇଛନ୍ତି । ଏଥିସହ କୁରୁଣ୍ଟା ଅଞ୍ଚଳରେ ବ୍ୟାପକ ବେଆଇନ ମଦକାରବାର ଯୋଗୁଁ ଏହିଭଳି ବହୁ ଘଟଣା ଘଟୁଥିବାରୁ ତୁରନ୍ତ ଏହି ମଦ ବ୍ୟବସାୟ ବନ୍ଦ ପାଇଁ ଆରକ୍ଷି ଅଧିକ୍ଷକ ଓ ଅବକାରୀ ବିଭାଗ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି । ସେହିଭଳି ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ସରପଞ୍ଚ ରଘୁନାଥ ଜେନା,ସମିତିସଭ୍ୟ କମଳିନୀ ମାଝି,ପୁର୍ବତନ ସମିତି ସଭ୍ୟ ରବିନ୍ଦ୍ର ମହାନ୍ତି ଏଭଳିକି ଅଭିଯୁକ୍ତଙ୍କ ପତ୍ନୀ ତିଳୋତ୍ତମା ଦୋଷୀ ବିରୋଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo